
ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ରାୟଗଡ଼ା, ମଙ୍ଗଳବାର, ଡିସେମ୍ବର ୧୪/୨୦୨୧ (୮+୮=୧୬ ପୃଷ୍ଠା) Rayagada, Tuesday, December 14/2021 ★

୧୧ଶ ଭାଗ ୩୦୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




KP GROUP Quality Since 1965
कमला पसन्द
ସିଲ୍ଭର କୋଟେଡ୍ ଇଲାଇଚି
KAMLA PASAND
Saffron Blended
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: YouTube

ଧରିତ୍ରୀ
DHARITRI
ମଙ୍ଗଳବାର, ଡିସେମ୍ବର ୧୪/୨୦୨୧ | Tuesday, December 14/2021 | ପୃଷ୍ଠା-୧

# ମିଶନ ଶକ୍ତିର ମା' ନୂଆ ଯୁଗର ସାରଥି

## ବିଏସ୍‌କେୱାଇ ସ୍ମାର୍ଟ ହେଲ୍‌ଥ କାର୍ଡ ଯୋଜନାରେ କଟକ, ଖୋର୍ଦ୍ଧା ଜିଲା



ଖୋର୍ଦ୍ଧା ବେଗୁନିଆଠାରେ ଆୟୋଜିତ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

- କଟକର ୧୮ ଲକ୍ଷ, ଖୋର୍ଦ୍ଧାର ୧୪ ଲକ୍ଷ ଲୋକ ପାଇବେ ସ୍ମାର୍ଟ ହେଲ୍‌ଥ କାର୍ଡ ସୁବିଧା
- ବିଶ୍ୱନାଥ ପଣ୍ଡିତ ପାଠାଗାରକୁ ଅତ୍ୟାଧୁନିକ କରାଯିବ- ମୁଖ୍ୟମନ୍ତ୍ରୀ
- କଟକରେ ୧୫୦୦ କୋଟି, ଖୋର୍ଦ୍ଧାରେ ୧୦୦୦ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ


**ଭୁବନେଶ୍ୱର(ବ୍ୟୁରୋ)/କଟକ/ ଖୋର୍ଦ୍ଧା(ଅଫିସ)/ବେଗୁନିଆ(ଡି.ଏନ.ଏ.)୧୩।୧୨**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର କଟକ ଓ ଖୋର୍ଦ୍ଧା ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଅଧୀନରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା କଟକର ୧୮ ଲକ୍ଷ ଏବଂ ଖୋର୍ଦ୍ଧାର ପ୍ରାୟ ୧୪ ଲକ୍ଷ ଲୋକ ସ୍ମାର୍ଟ କାର୍ଡର ସୁବିଧା ପାଇବେ। କଟକ ଓ ଖୋର୍ଦ୍ଧାକୁ ମିଶାଇ ରାଜ୍ୟର ୨୬ଟି ଜିଲାର ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବାହ୍ନ ୧୧ଟାରେ କଟକ ବାଲିଯାତ୍ରା ପଡ଼ିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ୧୫୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହିଅବସରରେ ୧୦ଜଣ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ କାର୍ଡ ବାଣ୍ଟିବା ସହ ସୁସ୍ଥ ଓଡ଼ିଶା ଓ ସୁଖୀ ଓଡ଼ିଶା ଲକ୍ଷ୍ୟ ପୂରଣ ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ନିଦର୍ଶନ ହେଉଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ ହେଲ୍‌ଥ କାର୍ଡ ବୋଲି କହିଥିଲେ। ସ୍ୱାସ୍ଥ୍ୟ ହିଁ ସମ୍ପଦ। ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ଏହି କାର୍ଡ ରକ୍ଷାକବଚ ଭଳି ସେବା ଯୋଗାଇ ଚାଲିବ। କଟକର ଏସ୍‌ସିବି ମେଡିକାଲ କଲେଜ ଏକ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନ ଭାବରେ ଆଗାମୀ ଦିନରେ ଦେଶର ଏକ ମାଇଲ ଖୁଣ୍ଟ ହୋଇ ରହିବ। କଟକବାସୀଙ୍କ ପ୍ରିୟ ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତଙ୍କୁ ସ୍ମରଣ କରି ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ପଣ୍ଡିତ ସେଣ୍ଟ୍ରାଲ ଲାଇବ୍ରେରିକୁ ପୁରୀ-ଅନୁଗୋଳ ବସ୍‌ଷ୍ଟାଣ୍ଡ ନିକଟରେ ପୁନଃ ସ୍ଥାପିତ କରାଯାଇ ଏକ ଅତ୍ୟାଧୁନିକ ଲାଇବ୍ରେରି ଭାବରେ ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧା ବେଗୁନିଆଠାରେ ଜିଲା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ବାଇଡେନ୍‌ଙ୍କ ପଦକ୍ଷେପ**






**ଆଜିର ମନ୍ତବ୍ୟ**

"୨୦୨୪ ଲୋକ ସଭା ନିର୍ବାଚନରେ ଚମତ୍କାରୀ ହେବା ବିରୋଧୀ ଏକତା ନରେନ୍ଦ୍ର ମୋଦି ସରକାରର ପତନ ଘଟାଇବ।
–ନୱାବ ମଲିକ, ଏନ୍‌ସିପି ଜାତୀୟ ମୁଖପାତ୍ର




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଙ୍ଗଳ ରାତି , ବୁଧ ପାହାନ୍ତି ତେବେ ଅନୁକୂଳ କରି ଯାଆନ୍ତି।**

ମଙ୍ଗଳବାର ରାତ୍ରିର ଶେଷ ପ୍ରହର ତଥା ବୁଧବାରର ପାହାନ୍ତିଆ ସମୟ ସବୁଠାରୁ ଭଲ ବା ଶୁଭ ସମୟ ହୋଇଥାଏ। ଏହି ସମୟ ମଧ୍ୟରେ ଯେଉଁ କାମ କଲେ ବା ଯୁଆଡେ ଗଲେ ଯଶ, ସମ୍ମାନ ପ୍ରାପ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମାଙ୍କଡ଼ ହାତରେ ଶାଳଗ୍ରାମ ନଚାଇ ନଚାଇ ନେଲା ପ୍ରାଣ।**

ଅଯୋଗ୍ୟ ବ୍ୟକ୍ତି କୌଣସି କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇ ପାରି ନ ଥାନ୍ତି। ଗୁରୁଦାୟିତ୍ୱ ବହନ କରିବାରେ ଅକ୍ଷମତା ପ୍ରକାଶ କରିଥାନ୍ତି। ଅପାତ୍ରରେ ଦାନ ଦେଲା ଭଳି ଅଯୋଗ୍ୟ ତଥା ଅପାରଗ ବ୍ୟକ୍ତିଙ୍କ ହାତରେ କ୍ଷମତା ଦିଆଗଲେ ହୀନସ୍ତା ଭୋଗିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ୯ ମାସର ଶିଶୁକୁ ଚୋରିକରି ବିକ୍ରି



ଉଦ୍ଧାର ଶିଶୁପୁତ୍ର

■ ମହିଳାଙ୍କ ଅସହାୟତାର ଫାଇଦା ନେଲେ ପଡ଼ୋଶୀ
■ ଗିରଫ ପରେ ଥାନାରୁ ଜାମିନରେ ଗଲେ ୨ ଅଭିଯୁକ୍ତ

**କାମାକ୍ଷାନଗର, ୧୩।୧୨(ଡି.ଏନ୍.ଏ.)**

ଜଣେ ମା' ହୋଇ ବୁଝିଲେନି ଅନ୍ୟ ଜଣେ ମା'ର ମମତା। ଓଲଟି ପଡ଼ୋଶୀ ଭାବେ ଚଳୁଥିବା ମହିଳାଙ୍କ ଅସହାୟତାର ଫାଇଦା ନେଲେ। ତାଙ୍କର ୯ମାସର ଶିଶୁପୁତ୍ରକୁ ଘରୁ କୌଶଳକ୍ରମେ ଚୋରି କରିନେଇ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଶିଶୁର ମା' ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ଅଭିଯୁକ୍ତା ନଳିନୀ ଲୋହାର ଏବଂ ମିର୍ଜା ମଇଉଦ୍ଦିନ୍ ବେଗ୍‌ଙ୍କୁ ଗିରଫ କରିଛି। ତେବେ ଉଭୟେ ଥାନାରୁ ଜାମିନରେ ମୁକୁଳିଛନ୍ତି। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଞ୍ଚଳରେ ସୋମବାର ଘଟିଥିବା ଏହି ଘଟଣାକୁ ନେଇ ଏବେ ସବୁଠି ଚର୍ଚ୍ଚା।

ପୋଲିସ ସୂଚନା ଅନୁଯାୟୀ, କାମାକ୍ଷାନଗର ଥାନା ଜିରିଡ଼ାମାଳି ବସ୍ତିର ଏକ ପରିତ୍ୟକ୍ତ ଘରେ ବିନୋଦ ପଧାନ, ସ୍ତ୍ରୀ ସାବିତ୍ରୀ ଏବଂ ନିଜର ୯ମାସର ଶିଶୁପୁତ୍ର ସହିତ ରହୁଛନ୍ତି। ଉକ୍ତ ଅଞ୍ଚଳରେ ଅନ୍ୟ କେତେଜଣ ଜରିଗୋଟାଳି, ଦିନମଜୁରିଆ ରହୁଥିବାବେଳେ ବିନୋଦଙ୍କ ଘର ପାଖକୁ ଲାଗି ଏକ ଝୁମ୍ପୁଡ଼ିରେ ନଳିନୀ ଲୋହାର ଓରଫ୍ ବୁଚୁ ନାମକ ଜଣେ ମହିଳା ସପରିବାର ରହୁଛନ୍ତି। ନଳିନୀଙ୍କ ସ୍ୱାମୀ ଟିଙ୍କିଲି ଏକ ଚୋରି ମାମଲାରେ ଗିରଫ ହୋଇ ଜେଲରେ ଥିବାବେଳେ ଉଭୟଙ୍କ ୩ବର୍ଷ, ୨ବର୍ଷ ଏବଂ ୩ ମାସର ସନ୍ତାନ ଅଛନ୍ତି। ମୁଣ୍ଡିଦେଉଳି ଅଞ୍ଚଳର ନିଃସନ୍ତାନ ମିର୍ଜା ଅନେକ ସମୟରେ ଉକ୍ତ ବସ୍ତିକୁ ଯିବାଆସିବା କରୁଥିଲେ। ବିବାହର ୩ବର୍ଷ ପରେ ତାଙ୍କର କୌଣସି ସନ୍ତାନ ହେଉ ନ ଥିଲା। ତେଣୁ ସେ ସାବିତ୍ରୀଙ୍କ ଶିଶୁପୁତ୍ର ଉପରେ ଆଖି ପକାଇବା ସହ ନଳିନୀଙ୍କ ସହ ମିଶି ଯୋଜନା କରିଥିଲେ। ନଳିନୀ ରବିବାର ମଧ୍ୟାହ୍ନରେ ସାବିତ୍ରୀଙ୍କ ପୁଅକୁ ଘରୁ ଚୋରି କରି ମିର୍ଜାଙ୍କୁ ବିକ୍ରି କରିଦେଇଥିଲେ। ଏଣେ ପୁଅକୁ ନ ପାଇ ସାବିତ୍ରୀ ବସ୍ତିବାସିନ୍ଦାଙ୍କ ସହ କାମାକ୍ଷାନଗର ଥାନାର ଦ୍ୱାରସ୍ଥ ହୋଇଥିଲେ। ସାଙ୍ଗରେ ନଳିନୀ ମଧ୍ୟ ଥିଲେ। ତେବେ ନଳିନୀଙ୍କ ଛୋଟ ଶିଶୁ ଥିଲେ ହେଁ ସେ କିଛିଦିନ ହେଲା ସାବିତ୍ରୀଙ୍କ ପୁଅକୁ ଧରାଧରି କରୁଥିଲେ। ଏହାକୁ ନେଇ ସନ୍ଦେହ ଉପୁଜିଥିଲା। ପୋଲିସ ପଚରାଉଚୁରା ସମୟରେ ସେ ସବୁ ସତ ମାନିଯାଇଥିଲେ। ଏପଟେ ଘଟଣା ପ୍ରଘଟ ହେବା ପରେ ମିର୍ଜା ଭୟଭୀତ ହୋଇପଡ଼ିଥିଲେ। ଶିଶୁପୁତ୍ରକୁ ଫେରାଇବାକୁ ନଳିନୀଙ୍କ ପାଖକୁ ଯିବା ବେଳେ ସେଠାରେ ଉପସ୍ଥିତ ପୋଲିସ ତାଙ୍କୁ ଗିରଫ କରିଥିଲା। ଏ ସମ୍ପର୍କରେ କାମାକ୍ଷାନଗର ଥାନାରେ ନଂ. ୪୩୬/୨୧, ଦଫା ୩୬୩ରେ ମାମଲା ରୁଜୁ ହୋଇଛି। ଅନ୍ୟପଟେ ନଳିନୀ ନିଜର ୩ମାସର ଶିଶୁକୁ ସ୍ତନ୍ୟପାନ କରାଉଥିବାରୁ ତାଙ୍କୁ ଥାନାରୁ ଜାମିନ ପ୍ରଦାନ କରାଯାଇଛି। ସେହିପରି ଅନ୍ୟତମ ଅଭିଯୁକ୍ତ ମିର୍ଜାଙ୍କୁ ମଧ୍ୟ ପୋଲିସ ଥାନାରୁ ଜାମିନ ପ୍ରଦାନ କରିଛି।

ଏ ସଂକ୍ରାନ୍ତରେ ଏସ୍‌ଡିପିଓ ରଞ୍ଜନ କୁମାର ଦେଓ କୁହନ୍ତି, ୭ବର୍ଷରୁ କମ୍ ଦଣ୍ଡବିଧାନ ଥିବା ମାମଲାରେ ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖି ଅଭିଯୁକ୍ତଙ୍କୁ ଧାରା ୪୧ରେ ବେଲ୍ ଦିଆଯିବା ବ୍ୟବସ୍ଥା ଅଛି। ମହିଳାଙ୍କ ଛୋଟ ଛୁଆ ସ୍ତନ୍ୟପାନ କରୁଥିବାରୁ ତାଙ୍କୁ ଜାମିନ ଦିଆଯାଇଛି। ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ତଦନ୍ତରେ ସହଯୋଗ କରିବା ଲାଗି ଦୈନିକ ଥାନାକୁ ଆସିବାକୁ କୁହାଯାଇଛି। ତେବେ ଶିଶୁକୁ ବିକ୍ରି କରାଯାଇଥିଲା କି ନା ତାହା ତଦନ୍ତରୁ ସ୍ପଷ୍ଟ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**: ଆଜି କର୍ମକ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ସମ୍ମୁଖରେ ଭଲ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାର କଥା କହୁଥିବାର ଶୁଣିବାକୁ ପାଇବେ। ସାମାନ୍ୟ ଚେଷ୍ଟା ଦ୍ୱାରା ଯେଉଁଥିପାଇଁ ଚିନ୍ତିତ ରହିଥିଲେ ଆଜି ତାହା ଅପରାହ୍ନରେ ପାଇବେ। ରାସ୍ତାରେ ମିତ୍ରତା ସ୍ଥାପନ କରିବାର ସୁଯୋଗ ପାଇବେ ।

**ବୃଷ**: ଆପଣଙ୍କ ବ୍ୟସ୍ତତାକୁ ହୃଦୟଙ୍ଗମ କରି କୌଣସି ବନ୍ଧୁ କିମ୍ବା ସହକର୍ମୀ ସହଯୋଗର ହାତ ବଢ଼ାଇବେ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ନିଜର ସ୍ୱାସ୍ଥ୍ୟ ପ୍ରତି ସତର୍କ ରହି କାମ କରିବା ଭଲ।

**ମିଥୁନ**: କୌଣସି ବ୍ୟକ୍ତିଙ୍କୁ କଟୁ ସତ୍ୟ କହିବାରୁ ତିକ୍ତତା ସୃଷ୍ଟି ହୋଇପାରେ। କର୍ମାରମ୍ଭ ପାଇଁ ପରିବାରରୁ ସହଯୋଗ ପାଇବେ ଓ କାମଟି ମଧ୍ୟ କରିବେ। ରାଜନୀତି, ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ। ବିଭିନ୍ନ ପ୍ରକାର ସମସ୍ୟା ହେତୁ ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବଢ଼ିପାରେ।

**କର୍କଟ**: ମନ କଥା ମନରେ ରଖି ସବୁ କଥାକୁ ଚିନ୍ତାକରି କାମ ନ କଲେ କଳହର ସମ୍ମୁଖୀନ ହେବାକୁ ପଡ଼ିବ। ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ।

**ସିଂହ**: ବିଭିନ୍ନ ପ୍ରକାର ଯୋଜନା କରିବେ ସିନା କାର୍ଯ୍ୟତଃ ପାଦେ ମାତ୍ର ଆଗକୁ ଯାଇପାରିବେ ନାହିଁ। ଋଣ ଭାରରେ ଅତିଷ୍ଠ ହୋଇ ପରିଶୋଧ କରିବାର ରାସ୍ତା ଖୋଜି ପାଇ ପାରିବେ ନାହିଁ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ କରିପାରନ୍ତି ମାତ୍ର ଫଳ ପାଇବେ ଓଲଟା। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**କନ୍ୟା**: କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା ନ କଲେ ନିରାଶରେ ଘୂରି ବୁଲିବାକୁ ପଡ଼ିବ। ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ। କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ତୁଳା**: ବିଭିନ୍ନ ଚିନ୍ତା ଓ କଳ୍ପନା କରି କେବଳ ଭାବି ଭାବି ସମୟ କଟାଇବେ। ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ। ଫେରି ଯାଉଥିବା ବନ୍ଧୁଟି ବାଟରୁ ଲେଉଟି ଆସିବ, ଫଳରେ ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ।

**ବିଛା**: ଯାହା ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ଜଣେ ବନ୍ଧୁଙ୍କ ସାହାଯ୍ୟରୁ ହୋଇପାରିବ। ପରିବହନ, ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରି ସଫଳତା ପାଇବେ। ପରିବାରର ସଦସ୍ୟ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ପଡ଼ୋଶୀଙ୍କ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ**: କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ପିଲାଙ୍କ ଶିକ୍ଷା ଓ ଅନ୍ୟାନ୍ୟ କୃତିତ୍ୱରେ ଆନନ୍ଦ ଅନୁଭବ କରିବେ। ବାଟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ, ଏଣୁ ଗାଡ଼ିକୁ ପରଖି ନେବା ଭଲ ହେବ। ଆପଣଙ୍କ ଉଦ୍ଦେଶ୍ୟରେ ଗୋପନ କଥାକୁ କେନ୍ଦ୍ର କରି ମନରେ ଛନକା ପଶିପାରେ।

**ମକର**: ଆଜି ସକାଳୁ ହଠାତ୍ କୌଣସି ଖବର ପାଇ ବିଚଳିତ ହେବେ। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶତ୍ରୁମାନେ ଚେଷ୍ଟାକରି ବିଭିନ୍ନ ପ୍ରକାର ଝମେଲା ସୃଷ୍ଟି କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ**: ପ୍ରତ୍ୟେକ କାମ ଓ କଥାରେ ସଂଯମ ରକ୍ଷା ନ କଲେ ବନ୍ଧୁରେ କଳହ ହୋଇପାରେ। ପରିବହନରେ ବିତର୍କ ଓ ସାଧାରଣ କଥାକୁ କେନ୍ଦ୍ରକରି ପାଟିତୁଣ୍ଡ ଲାଗି ରହିବ। ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡ଼ା, ସଙ୍ଗୀତ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।

**ମୀନ**: କର୍ମ କ୍ଷେତ୍ରରେ ଉଚ୍ଚ ଅଫିସରଙ୍କ ସହ ସମ୍ପର୍କ ହାନି ଚିନ୍ତାର କାରଣ ହେବ। ପରିବାରରେ ପିଲାମାନଙ୍କ ସ୍ୱାସ୍ଥ୍ୟହାନି କାରଣରୁ ମନ ଅସ୍ଥିର ରହିବ ଓ ମାନସିକ ବ୍ୟଥା ଅନୁଭବ କରିବେ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରିପାରନ୍ତି।

# ୩ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ଚେଲ୍ଲା କୁମାର

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

ରାଜ୍ୟ କଂଗ୍ରେସ ପ୍ରଭାରୀ ଏ. ଚେଲ୍ଲା କୁମାର ଆସନ୍ତା ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ପ୍ରଥମଦିନ ଭୁବନେଶ୍ୱରରେ ରହଣି କରି ୧୮ ତାରିଖରେ ନୟାଗଡ଼ ଗସ୍ତ କରିବେ। ସେଠାରେ ଅନୁଷ୍ଠିତ ହେବାକୁ ଥିବା ପରିବର୍ଦ୍ଧିତ କାର୍ଯ୍ୟକରିଣୀ ବୈଠକରେ ଯୋଗଦେଇ ସେହିଦିନ ଫୁଲବାଣୀ ଗସ୍ତ କରିବାର କର୍ଯ୍ୟକ୍ରମ ରହିଛି। ୧୯ ତାରିଖରେ କନ୍ଧମାଳରେ ସେ ଆଉଏକ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ ଏକ ମିଶ୍ରଣ ପର୍ବକୁ ସମ୍ବୋଧିତ କରିବେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଏଆଇସିସି ସମ୍ପାଦକ ଜି. ରୁଦ୍ର ରାଜୁ ମଧ୍ୟ ଉଭୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ପିସିସି ପକ୍ଷରୁ ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମାହାପାତ୍ର ସୂଚନା ଦେଇଛନ୍ତି।

# ୩ ଦିନ ପରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା

## ଖୁବ୍‌ଶୀଘ୍ର ଘୋଷଣା ହୋଇପାରେ ପଞ୍ଚାୟତ ନିର୍ବାଚନ

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଜୋରସୋର ଚାଲିଛି। ୨୦୨୨ ଫେବୃୟାରୀ ପ୍ରଥମ ସପ୍ତାହରେ ପଞ୍ଚାୟତ ନିର୍ବାଚନ ହେବ। ଚଳିତ ମାସ ଶେଷ ସପ୍ତାହରେ ନିର୍ବାଚନ ତାରିଖ ଘୋଷଣା ହେବା ନେଇ ସୂଚନା ମିଳିଛି। ଆସନ୍ତା ୩ ଦିନ ପରେ ପଞ୍ଚାୟତ ନିର୍ବାଚନ ପାଇଁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏନେଇ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ନିର୍ବାଚନ କମିଶନ ଭୋଟର ତାଲିକା ନଭେମ୍ବରରୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ୨୦୨୧ ନଭେମ୍ବର ୧ ସୁଦ୍ଧା ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ପାଖାପାଖି ୬, ୭୯୪ ସରପଞ୍ଚ ଓ ସମିତି ସଭ୍ୟ, ୯୨ ହଜାର ୱାର୍ଡ ମେମ୍ବର, ୮୫୩ ଜିଲା ପରିଷଦ ସଦସ୍ୟ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ।

କମିଶନ ଚଳିତ ବର୍ଷ ୱାର୍ଡ ମେମ୍ବରଙ୍କଠାରୁ ଆରମ୍ଭ କରି ଜିଲା ପରିଷଦ ସଦସ୍ୟଙ୍କ ପର୍ଯ୍ୟନ୍ତ ଖର୍ଚ୍ଚ ସୀମା ବୃଦ୍ଧି କରିଛନ୍ତି। ମୋଟ ଆସନ ମଧ୍ୟରୁ ୩,୫୦୦ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ପଛୁଆବର୍ଗ ମହିଳାଙ୍କ ପାଇଁ ୪୨୯ଟି ଆସନ ସଂରକ୍ଷିତ ଥିବା ବେଳେ ଅନୁସୂଚିତ ଜାତିର ମହିଳାଙ୍କ ପାଇଁ ୫୨୫ ଓ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ୧୩୭୬ ଆସନ ସଂରକ୍ଷିତ ରହିଛି। ସମିତି ସଭ୍ୟ ପ୍ରାର୍ଥୀ ପାଇଁ ୩,୫୩୮ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଜିଲା ପରିଷଦରେ ୪୩୩ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଆସନ୍ତା ପଞ୍ଚାୟତ ନିର୍ବାଚନ ୨୯ ଜିଲାର ୬୭୯୪ ପଞ୍ଚାୟତର ୯୧,୯୧୩ ୱାର୍ଡରେ ଅନୁଷ୍ଠିତ ହେବ। ତେବେ ବାଲେଶ୍ୱର ଜିଲାକୁ ଏହି ପ୍ରକ୍ରିୟାରୁ ବାଦ୍ ଦିଆଯାଇଛି। ରେମୁଣା ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନରେ ହେଉଥିବା ସ୍ଥାନ ସଂରକ୍ଷଣ ଏବଂ ୱାର୍ଡ ପୁନର୍ଗଠନ କାର୍ଯ୍ୟ ସାମୟିକ ବିଳମ୍ବ ହେତୁ ଏହାକୁ ବାଦ୍ ଦିଆଯାଇଛି। ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟକାଳ ଆସନ୍ତା ୨୦୨୨ ମାର୍ଚ୍ଚ ସୁଦ୍ଧା ଶେଷ ହେଉଛି। ଏହା ପୂର୍ବରୁ ନିର୍ବାଚନ ପ୍ରକ୍ରିୟା ଶେଷ ହେବ।

# ସିଲାବସ୍ ବାହାର ପ୍ରଶ୍ନ ପାଇଁ ପିଲାଙ୍କୁ ମିଳିବ ପୂର୍ଣ୍ଣ ନମ୍ବର

## ସିବିଏସ୍‌ଇ ଦଶମ ଇଂଲିଶ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ପ୍ରସଙ୍ଗ

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦଶମ ଶ୍ରେଣୀର ଇଂଲିଶ ଭାଷା ଓ ସାହିତ୍ୟ ପରୀକ୍ଷା ପ୍ରଶ୍ନପତ୍ରରେ ଗୋଟିଏ ପ୍ରଶ୍ନ ସିଲାବସ୍ ଓ ଧାର୍ଯ୍ୟ ଗାଇଡ୍‌ଲାଇନ୍ ବାହାରୁ ରହି ଯାଇଥିଲା। ଏ ନେଇ ସୋମବାର ସିବିଏସ୍‌ଇ କର୍ତ୍ତୃପକ୍ଷ ସ୍ୱୀକାର କରିବା ସହିତ ସର୍କୁଲାର ଜାରି କରିଛନ୍ତି। ସିବିଏସ୍‌ଇ କର୍ତ୍ତୃପକ୍ଷ ଉକ୍ତ ପ୍ରଶ୍ନଟିକୁ ପ୍ରଶ୍ନପତ୍ରରୁ ପ୍ରତ୍ୟାହାର କରି ନେଇଥିବା ଘୋଷଣା କରିଛି। ଏଥିସହ ଯେଉଁ ଛାତ୍ରୀଛାତ୍ରମାନେ ତ୍ରୁଟି ପ୍ରଶ୍ନପତ୍ର ଆଧାରରେ ପରୀକ୍ଷା ଦେଇଛନ୍ତି ସେମାନଙ୍କୁ ସେହି ପ୍ରଶ୍ନ ପାଇଁ ରହିଥିବା ପୂର୍ଣ୍ଣ ନମ୍ବର ପ୍ରଦାନ କରାଯିବ ବୋଲି ଘୋଷଣା କରିଛି।

ସୂଚନାଯୋଗ୍ୟ, ଗତ ୧୧ ତାରିଖରେ ସିବିଏସ୍‌ଇ ୧୦ମ ଶ୍ରେଣୀର ଇଂଲିଶ ଭାଷା ଓ ସାହିତ୍ୟ ପରୀକ୍ଷା ହୋଇଥିଲା। ପ୍ରଶ୍ନପତ୍ରରେ ଗୋଟିଏ ପ୍ରଶ୍ନ ସିଲାବସ୍ ଓ ଧାର୍ଯ୍ୟ ଗାଇଡ୍‌ଲାଇନ୍ ବାହାରୁ ରହି ଯାଇଥିବା ଜଣାପଡ଼ିବା ପରେ ଛାତ୍ରୀଛାତ୍ର ଏବଂ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏନେଇ ସିବିଏସ୍‌ଇର ଦୃଷ୍ଟି ଆକର୍ଷଣ କରାଯିବା ପରେ ସୋମବାର କର୍ତ୍ତୃପକ୍ଷ ଏହି ଘୋଷଣା କରିଛନ୍ତି।

# ଜିଲା ଯୁବ କଂଗ୍ରେସର ଏସ୍‌ପି ଅଫିସ ଘେରାଉ

**ଝାରସୁଗୁଡ଼ା ଅଫିସ, ୧୩।୧୨**

ମମିତା ମେହେର ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ ଦାବିରେ କଂଗ୍ରେସ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଆନ୍ଦୋଳନ ଚଳାଇଛି। ଏଭଳି ସ୍ଥିତିରେ ଗତ ୧୦ତାରିଖରେ ଭୁବନେଶ୍ୱର କଂଗ୍ରେସ ଭବନରେ ପୋଲିସ ପ୍ରବେଶକରି କେତେଜଣ କର୍ମୀଙ୍କୁ ଗୋଡାଇ ଗୋଡାଇ ଆକ୍ରମଣ କରିଥିଲା। ପୋଲିସର ଏଭଳି କାର୍ଯ୍ୟକୁ ପ୍ରଦେଶ କଂଗ୍ରେସ କମିଟି ନିନ୍ଦା କରିଛି। ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ଦାବି କରିଛି। ଏହି ଅବସରରେ ଝାରସୁଗୁଡା ଜିଲା ଯୁବ କଂଗ୍ରେସ କମିଟି ସଭାପତି ଶୈଳେଶ ତିୱାରୀଙ୍କ ନେତୃତ୍ୱରେ ଶତାଧିକ ନେତା ଓ କର୍ମୀ ପୋଷ୍ଟର ବ୍ୟାନର ଧରି ସୋମବାର ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଘେରାଉ କରିଥିଲେ। ପରେ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କ ଅନୁପସ୍ଥିତିରେ ଏସ୍‌ଡିପିଓ ନିର୍ମଳ ମହାପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ପ୍ରଥମ ପୃଷ୍ଠାରୁ...

## ମିଶନ ଶକ୍ତିର ମା'...

ଆରମ୍ଭ କରିବା ସହ ୧ହଜାର କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଖୋର୍ଦ୍ଧା ମାଟି ହେଉଛି ପ୍ରଥମ ସ୍ୱାଧୀନତା ସଂଗ୍ରାମର ଭୂମି। ଓଡ଼ିଆ ଜାତିକୁ ତା'ର ହକ୍ ଦେବା ପାଇଁ ଆମର ଲଢ଼େଇ ଜାରି ରହିବ। ମିଶନ ଶକ୍ତିର ମା'ମାନେ ହେଉଛନ୍ତି ନୂଆ ଯୁଗର ସାରଥି। ଖୋର୍ଦ୍ଧାରେ ୨୬ ହଜାରରୁ ଅଧିକ ମିଶନ ଶକ୍ତିର ମା'ମାନେ ୪୩୨ କୋଟିରୁ ଅଧିକ ଟଙ୍କା ଋଣ ନେଇ ସାରା ରାଜ୍ୟରେ ରେକର୍ଡ କରିଛନ୍ତି। ସେଥିପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଚଳିତ ବର୍ଷ ସେପ୍ଟେମ୍ବର ୧ରୁ ସାରା ରାଜ୍ୟରେ ବିଏସ୍‌କେୱାଇ ସ୍ମାର୍ଟ ହେଲ୍‌ଥ କାର୍ଡରେ ସେବା ପ୍ରଦାନ ଆରମ୍ଭ ହୋଇଛି। ସେହି ଦିନ ଠାରୁ ଓଡ଼ିଶାର ସ୍ୱାସ୍ଥ୍ୟ ସେବାରେ ଏକ ନୂଆ ଯୁଗର ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି। ସ୍ମାର୍ଟ ହେଲ୍‌ଥ କାର୍ଡ ଦ୍ୱାରା ଆମର ଗରିବ ଲୋକମାନଙ୍କ ଚିନ୍ତା ଦୂର ହୋଇଛି। ଏଥିରେ ରାଜ୍ୟର ୯୬ ଲକ୍ଷ ପରିବାରର ସାଢେ ୩ କୋଟି ଲୋକ ଉପକୃତ ହେବେ ବୋଲି ସେ କହିଛନ୍ତି।

ରାଜ୍ୟର ପ୍ରତିଟି ଜୀବନ ମୋ ପାଇଁ ମୂଲ୍ୟବାନ୍। ଚାଷୀ ହେଉ ବା ମୂଲିଆ ଅବା ରିକ୍ସା ଚାଳକ – ସମସ୍ତେ ସମ୍ମାନର ସହ ବଞ୍ଚନ୍ତୁ। ଏହା ତାଙ୍କର ବିଭିନ୍ନ କଲ୍ୟାଣ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ କରୋନା ସମୟରେ ସବୁ ରୋଗୀଙ୍କ ପାଇଁ ଟେଷ୍ଟିଂଠାରୁ ଆରମ୍ଭ କରି ଚିକିତ୍ସା ପର୍ଯ୍ୟନ୍ତ ସବୁ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ କଟକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇଥିବାବେଳେ ଖୋର୍ଦ୍ଧାରେ ବିଜ୍ଞାନ ଓ ପ୍ରଯୁକ୍ତିମନ୍ତ୍ରୀ ଅଶୋକ ପଣ୍ଡା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ବିଭିନ୍ନ କ୍ଷେତ୍ରରେ ରାଜ୍ୟର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱର ଉଚ୍ଚ ପ୍ରଶଂସା କରିଛନ୍ତି। ରାଜ୍ୟରେ ବିକାଶର ନୂତନ ଧାରା ସାରା ଦେଶକୁ ରାସ୍ତା ଦେଖାଇଛି ବୋଲି ସେମାନେ କହିଛନ୍ତି। ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଶିକ୍ଷା, ଭିତ୍ତିଭୂମି ଓ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଆଜି ଏକ ଆଗୁଆ ରାଜ୍ୟ ଭାବରେ ଦେଶରେ ଆଦର୍ଶ ସୃଷ୍ଟି କରିପାରିଛି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।


# classifieds

**Everyday**
0674-2580101, 2549302

automobile

**HIRE**

JCB Machine Excavators 38T, 22T,20T,12T,10T, 8T & Loader- 2DX,3DX,JCB Compactor, JCB Loadall,Tata/Eicher Bus,Mercedes Benz available for Sale/Hire. Contact: 9556240228, 9937292015, 7077714312. Email- kttbbsr@gmail.com. D-22404

real estate

**SALE**

**Gharabari plots available with boundarywall, 30' road, Electricity at Gudiapokhari near Sai Mandir. 9438463129, 7205988009.** D-71750

ଭୁବନେଶ୍ୱର ଚନ୍ଦକାରେ **Nalanda/BCCST College** ପାଖରେ **road, electricity, water, boundary** ଥାଇ ବାସୋପଯୋଗୀ **plot** ପୋଜେସନ ଥାଇ ମିଳୁଛି। **9348870771, 9090543542.** D-71742

Layer poultry farm for Lease/Sale 70km. from Bhubaneswar. Contact: 7008566481. D-22420

**ଘରବାଡ଼ି ପ୍ଲଟ୍ 30'road ସହିତ Sum Hospitalରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner- 9090963952.** D-71746

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥପୁରବଜାର sqft.- 200/- (outright). 9348232008. D-22469

**Ready to move 1BHK Holiday apartment sale Jagannathdham Puri, Rate-14.5lakhs-18.5lakhs Bank Loan available with monthly rent facilities. 9040033905, 6372753860.** D-71749

Bhubaneswar CRP ଛକରୁ ୧୫କି.ମି. ଦୂରରେ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ 1500/-, 950/-, 400/-, 650/- କିଣି ଘର କରନ୍ତୁ। Pinky. 6370476317. D-71751

healthcare

One hour any therapy by expert therapist @800 only. 9078484455. D-71449

Newly open full body massage ladies and gents. 8327740003. D-71828

@999 refreshing your mind, body with the best therapy - 7873794731. D-71918

Newly Open Saikrupa Panchakarma Spa positively health benefits with Expert. 8984068077. D-22470

education

**Admissions for Regular B.ED courses of andhra university are available at here in ashoka collage of education, vizayanagaram Contact numbers -9337987055, 9861223512.** D-22474

**AFFIDAVIT**

I, Ranjita Das changed my surname to Ranjita Pattanayak vide affidavit date 11.12.2021 sworn before Notary Public at Bhubaneswar. D-71451

By an affidavit before the Notary Public, Sambalpur, I Rina Meher, W/o. Manoj Kumar Meher, R/o. Kumelsingh, PO/ Dist. Bargarh declared that my maiden name was Anasuya Sahu. After marriage I have changed my name from Anasuya Sahu to Rina Meher for all purposes. D-22539

**Ph.D. ଲାଭ**



ଶିଶୁପାଳଗଡ଼, ଭୁବନେଶ୍ୱରର ଡଃ ଲୀନା କର SOA deemed to be Universityର Faculty of Management Scienceର Associate Professor Dr. Bibhuti Bhusan Mishraଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରି SOA Deemed to be Universityରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ଲାଭ କରିଛନ୍ତି। ତାଙ୍କର ସନ୍ଦର୍ଭ "Effectiveness of E-Health in Public Health care Sector: An Empirical Study"ଟି Dr. Umesh R. Dangarwala ଏବଂ Dr. Radheswyam Pradhanଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଛି। ଡଃ ଲୀନା କର ସ୍ୱର୍ଗତ ବିପ୍ରଚରଣ କର ଏବଂ ଶ୍ରୀମତୀ ପ୍ରତିଭା ରାଣୀ କରଙ୍କ କନ୍ୟା ସନ୍ତାନ ଏବଂ SOA Universityରେ Asst. Professor ହିସାବରେ କାର୍ଯ୍ୟରତ। ଏହି ସଫଳତାର ଶ୍ରେୟ ସେ ନିଜ ବନ୍ଧୁ ଓ ପରିବାରବର୍ଗ ଏବଂ SOA Universityର ସଭାପତି ଶ୍ରୀ ମନୋଜ ରଞ୍ଜନ ନାୟକ, Dean Research Dr. P.K Nanda, Dean IBCS Dr. A.K Samantray ଏବଂ Dr. Shailabala Pandaଙ୍କ ସହିଛାକୁ ଦେଉଛନ୍ତି ଏବଂ ସର୍ବମଙ୍ଗଳମୟ ଜଗନ୍ନାଥଙ୍କୁ ଅପାର କୃତଜ୍ଞତା ଜଣାଉଛନ୍ତି। ଧ-୨୨୫୩୬

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ମଙ୍ଗଳବାର, ୧୪ ଡିସେମ୍ବର, ୨୦୨୧

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୭,୦୬,୭୫,୧୨୧ | ୫୩,୨୫,୨୮୩ | ୨୪,୩୪,୦୬,୭୨୪ |
| ଭାରତ | ୩,୪୬,୯୭,୮୬୦ | ୪,୭୫,୬୩୬ | ୩,୪୧,୩୦,୭୬୮ |
| ଓଡ଼ିଶା | ୧୦,୫୧,୭୫୨ | ୮୪୩୬(+୫୩) | ୧୦,୪୧,୫୩୬ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



# ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନରେ ସାମିଲ ହେଲା କଟକ, ଖୋର୍ଦ୍ଧା ଜିଲା


କଟକ ବାଲିଯାତ୍ରା ପଡିଆରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସୁଥିବାବେଳେ ଲୋକମାନେ ତାଙ୍କୁ ସ୍ୱାଗତ କରୁଛନ୍ତି।



ଖୋର୍ଦ୍ଧା ଜିଲାରେ ବିଜୁ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ପାଇଥିବା ମହିଳାମାନେ।


ବେଗୁନିଆଠାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ରଥକୁ ମୁଖ୍ୟମନ୍ତ୍ରୀ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।



କଟକଠାରେ ଜଣେ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରୁଛନ୍ତି।



କଟକଠାରେ ଦଳୀୟକର୍ମୀଙ୍କ ଶୋଭାଯାତ୍ରା।

# ସୁମିତଙ୍କ ଦେଖା ମିଳୁନି, କୋର୍ଟରେ ତପସ୍ୱିନୀ

**ବ୍ରହ୍ମପୁର ଅଫିସ, ୧୩।୧୨**

ବହୁଚର୍ଚ୍ଚିତ ତପସ୍ୱିନୀ ଦାଶ ଓ ତାଙ୍କ ସ୍ୱାମୀ ଡାକ୍ତର ସୁମିତ ସାହୁଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଏବେ ନୂଆ ମୋଡ଼ ନେଇଛି। ଗତ ୧୦ ତାରିଖରୁ ତପସ୍ୱିନୀଙ୍କୁ ଛାଡି ସୁମିତ କେଉଁଆଡେ ପଳାଇ ଯାଇଛନ୍ତି। ଏକାକୀ ନିଜକୁ ଅସୁରକ୍ଷିତ ମନେକରି ତପସ୍ୱିନୀ ଏନେଇ ଆସ୍କା ଥାନାଧିକାରୀଙ୍କୁ ରବିବାର ଜଣାଇଥିଲେ। ହେଲେ ସେ ପୋଲିସଠାରୁ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ଅନ୍ୟପଟେ ବ୍ରହ୍ମପୁର ପରିବାର ଅଦାଲତରେ ସୋମବାର ଉଭୟଙ୍କୁ ହାଜର ହେବା ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ଏଣୁ ତପସ୍ୱିନୀ କୋର୍ଟରେ ହାଜର ହୋଇଥିଲେ ମଧ୍ୟ ସୁମିତ ଅନୁପସ୍ଥିତ ଥିଲେ। ପରେ ତପସ୍ୱିନୀ ତାଙ୍କ ଓକିଲଙ୍କ ସହ ଏସ୍‌ଡିଜେଏମ୍‌ଙ୍କ କୋର୍ଟକୁ ଯାଇଥିଲେ। ସୁମିତ କୋର୍ଟ

**ଦମ୍ପତି ବିବାଦର ନୂଆ ମୋଡ଼**


କୋର୍ଟରେ ହାଜର ପାଇଁ ଯାଉଛନ୍ତି ତପସ୍ୱିନୀ।

ନିର୍ଦ୍ଦେଶକୁ ଅବମାନନା କରି ତାଙ୍କୁ କିଛି ନ ଜଣାଇ, ଏକାକୀ ଛାଡି କେଉଁଆଡେ ଚାଲି ଯାଇଛନ୍ତି ବୋଲି ତାଙ୍କ ଓକିଲ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଏକ ପିଟିଶନ ଦାଖଲ କରିଥିବା ସୂଚନା ଦେଇଛନ୍ତି। ପରେ ତପସ୍ୱିନୀ ଆସ୍କା ଅତିଥି ଭବନ ଫେରି ଯାଇଥିବା ଜଣାପଡିଛି। ଅନ୍ୟପଟେ ଗତ ୧୦ ତାରିଖରୁ ଡାକ୍ତର ସୁମିତ ୪ଦିନ ଛୁଟିରେ ଯାଇଥିବା ପୂର୍ବରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାଶଙ୍କର ମିଶ୍ର ସୂଚନା ଦେଇଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୭ ତାରିଖରେ ହେବ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ତପସ୍ୱିନୀ ସ୍ୱାମୀ ସୁମିତଙ୍କ ସହ ରହିବାକୁ ଦାବି କରି ଶ୍ୱଶୁରଘର ଆଗରେ ୧୦ ଦିନ ଧାରଣା ଦେଇଥିଲେ। ପରେ ଗତ ୨ ତାରିଖରେ ଏସ୍‌ଡିଜେଏମ ତପସ୍ୱିନୀଙ୍କ ଏକ ପିଟିଶନର ଶୁଣାଣି କରି ୯ ତାରିଖ ପର୍ଯ୍ୟନ୍ତ ତପସ୍ୱିନୀ ଓ ସ୍ୱାମୀ ଡାକ୍ତର ସୁମିତ ଏକତ୍ର ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ସେମାନେ ଆସ୍କା ଚିନି ଶିଳ୍ପ ଅତିଥି ଭବନରେ ଥିଲେ। ସେହିପରି ଗତ ୯ ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ଏସ୍‌ଡିଜେଏମ୍ ଉଭୟଙ୍କୁ ଆସନ୍ତା ୧୭ ତାରିଖ ଯାଏ ଏକ ଘର ଭଡାନେଇ ରହିବାକୁ ନିର୍ଦ୍ଦେଶ ଦେଇଥିଲେ।



୧୭ ଦଫା ଦାବି ନେଇ ଅଙ୍ଗନଓ୍ୱାଡି କର୍ମଚାରୀ ୟୁନିୟନ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ସୋମବାର ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଅଙ୍ଗନଓ୍ୱାଡ଼ି କର୍ମୀ ଓ ସହାୟିକାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ୧୭ରେ ବରୁଣେଇରେ ପାଇକ ସମାବେଶ

**ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ମାନ୍ୟତା ପ୍ରସଙ୍ଗ**

**ଖୋର୍ଦ୍ଧା ଅଫିସ, ୧୩।୧୨**

ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା, ପାଇକ ସ୍ମାରକୀ ନିର୍ମାଣ ପାଇଁ ବିନା ମୂଲ୍ୟରେ ଜାଗା ଯୋଗାଇଦେବା ଦାବିରେ ଓଡ଼ିଶା ବୀର ମହାସଂଘ ପକ୍ଷରୁ ଆସନ୍ତା ୧୭ ତାରିଖରେ ରାଜ୍ୟସ୍ତରୀୟ ପାଇକ ସମାବେଶ ବରୁଣେଇ ପାହାଡ଼ ପାଦଦେଶରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୨୦୦ ପାଇକ ଆଖଡ଼ା ଦଳ, ପାଇକ ସର୍ଦ୍ଦାର, ପାଇକଗୁରୁ, ଦଳେଇ ଦଳବେହେରା ଯୋଗଦେବେ। ଏହା ପରେ ବରୁଣେଇରୁ ଏକ ବିଶାଳ ପାଇକ ଶୋଭାଯାତ୍ରା ବାହାରି ଖୋର୍ଦ୍ଧା ଗଡ଼ରେ ପହଞ୍ଚିବ। ସେଠାରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବେ। ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରୁ ଅନୁରୂପ ଭାବେ ଶୋଭାଯାତ୍ରା ବାହାରି ପ୍ରଦର୍ଶନୀ ପଡ଼ିଆରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ଓଡ଼ିଶାର କୋଣ ଅନୁକୋଣରୁ ଆସିଥିବା ପାଇକ ସର୍ଦ୍ଦାର, ପାଇକଗୁରୁ, ଦଳେଇ ଦଳବେହେରାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହିତ ଏହା ପରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସଭାପତି ଡ.ପ୍ରକାଶ ଶ୍ରୀଚନ୍ଦନ, ସାଧାରଣ ସମ୍ପାଦକ ଡ.ଦିଲ୍ଲୀପ ଶ୍ରୀଚନ୍ଦନ ଏବଂ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ତଥା ବରିଷ୍ଠ ସାମାଜିକ କର୍ମୀ ନରେନ୍ଦ୍ର କୁମାର ପୃଷ୍ଟି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ନୀତି ରାଜନୀତି

# ତଳକୋର୍ଟରେ ଆଞ୍ଚଳିକ ଭାଷା ବ୍ୟବହାର ଲାଗି ବିଜେଡିର ପ୍ରସ୍ତାବ

**ନୂଆଦିଲ୍ଲୀ, ୧୩।୧୨**


ସସ୍ମିତ୍ ପାତ୍ର

ନ୍ୟାୟପାଳିକାର ଭାରତୀୟକରଣ ଉପରେ ଜୋର୍ ଦେଇ ତଳକୋର୍ଟଗୁଡ଼ିକରେ ଆଞ୍ଚଳିକ ଭାଷା ବ୍ୟବହାର ଲାଗି ବିଜେଡି ସୋମବାର ପ୍ରସ୍ତାବ ଦେଇଛି। ଏହା ହେଲେ ଜଣେ ସାଧାରଣ ଲୋକ ଆଇନବ୍ୟବସ୍ଥା ସମ୍ପର୍କରେ ବୁଝିପାରିବା ସହ ନ୍ୟାୟ ପାଇପାରିବ ବୋଲି ବିଜେଡି ଏମ୍‌ପି ସସ୍ମିତ୍ ପାତ୍ର କହିଥିଲେ। ରାଜ୍ୟ ସଭାରେ ହାଇକୋର୍ଟ ଓ ସୁପ୍ରିମକୋର୍ଟ ବିଚାରପତି (ବେତନ ଓ ସେବା ସର୍ତ୍ତାବଳୀ) ସଂଶୋଧନ ବିଲ୍, ୨୦୨୧ ଆଲୋଚନାରେ ଭାଗ ନେଇ ସସ୍ମିତ୍ କହିଥିଲେ, ଏବେ ବି ଉପନିବେଶୀୟ ଶାସନର ପ୍ରଭାବ ଆମ ବିଚାର ବ୍ୟବସ୍ଥାକୁ ଆବୋରି ରଖିଛି, ଯାହା ସାମାଜିକ ବାସ୍ତବତାକୁ ଗ୍ରହଣ କରିବାକୁ ଦେଉନାହିଁ। ବିଚାର ପ୍ରକ୍ରିୟାରେ ରହିଥିବା ଭାଷା ଓ ଶବ୍ଦଗୁଡ଼ିକ ଏତେ କ୍ଲିଷ୍ଟ ଯେ ଜଣେ ସାଧାରଣ ଲୋକ ଏହାକୁ ବୁଝିବା କଷ୍ଟକର ବୋଲି ସସ୍ମିତ୍ କହିଥିଲେ। ରାଜ୍ୟ ସଭାରେ ବିଜେଡି ଉକ୍ତ ବିଲ୍‌କୁ ସମର୍ଥନ କରିଥିବାବେଳେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ସ୍ଥାପନ ଲାଗି ଦୀର୍ଘଦିନର ପ୍ରସ୍ତାବକୁ ବିଚାରକୁ ନେବା ଲାଗି କେନ୍ଦ୍ର ଆଇନମନ୍ତ୍ରୀଙ୍କୁ ଅନୁରୋଧ କରିଥିଲା।

ଏଥିସହିତ ନ୍ୟାଶନାଲ ଲିଗାଲ ସର୍ଭିସ ଅଥରିଟି ଏବଂ ରାଜ୍ୟ ଲିଗାଲ ସର୍ଭିସ ଅଥରିଟି ଭଳି ଜାତୀୟ ଓ ରାଜ୍ୟ ନ୍ୟାୟିକ ଭିତ୍ତିଭୂମି କର୍ତ୍ତୃପକ୍ଷ ଗଠନ ଲାଗି ବିଜେଡି ପ୍ରସ୍ତାବ ଦେଇଛି। ନ୍ୟାୟିକ ବ୍ୟବସ୍ଥାର କାର୍ଯ୍ୟଚାପ କମାଇବାରେ ଏହା ସହାୟକ ହୋଇପାରିବ। ୧୩୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ସୂଚନା ସଂଗ୍ରହ, ଭିତ୍ତିଭୂମି ସୁବିଧା ସୀମିତ ରହିବା ସହ ବିଚାରପତି ସଂଖ୍ୟା ବହୁତ କମ୍ ରହିଛି। ଜାତୀୟ ଓ ରାଜ୍ୟ ସ୍ତରରେ ଏତ୍‌ପାଇଁ ଉପଯୁକ୍ତ ଭିତ୍ତିଭୂମି ନ ହେଲେ ଆମେ ପ୍ରକୃତ ଅର୍ଥରେ ନ୍ୟାୟ ପ୍ରଦାନ କରିପାରିବା ନାହିଁ ବୋଲି ବିଜେଡି ଏମ୍‌ପି କହିଥିଲେ। ଗଣମାଧ୍ୟମ ତଥା ସାମାଜିକ ଗଣମାଧ୍ୟମ ଜରିଆରେ ନ୍ୟାୟ ବ୍ୟବସ୍ଥାକୁ ପ୍ରଭାବିତ କରିବା ଲାଗି ଉଦ୍ୟମ ହେଉଛି। ଏହା ବନ୍ଦ ହେବା ଆବଶ୍ୟକ ବୋଲି ସସ୍ମିତ୍ କହିଛନ୍ତି।

# ଗ୍ରାମାଞ୍ଚଳରେ ବ୍ୟାଙ୍କ ସ୍ଥାପନ ଲାଗି ଦାବି

**ନୂଆଦିଲ୍ଲୀ, ୧୩।୧୨**

ଗ୍ରାମାଞ୍ଚଳରେ ବ୍ୟାଙ୍କିଙ୍ଗ୍ ଭିତ୍ତିଭୂମି ଅଭାବରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଗ୍ରାମାଞ୍ଚଳ ଲୋକଙ୍କୁ ବ୍ୟାଙ୍କ ସେବା ଉପଲବ୍ଧ କରାଇବା ଲାଗି ଅଧିକ ବ୍ୟାଙ୍କ ଶାଖା ଏବଂ ଏଟିଏମ୍ ସ୍ଥାପନ କରିବା ଲାଗି ବିଜେଡି ଏମ୍‌ପି ସର୍ମିଷ୍ଠା ସେଠୀ ଦାବି କରିଛନ୍ତି। ଲୋକ ସଭାରେ ଶୂନ୍ୟକାଳ ଆଲୋଚନାରେ ଭାଗନେଇ ସର୍ମିଷ୍ଠା କହିଥିଲେ, ଆର୍ଥିକ ସମାବେଶନ ଅତି ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସହଯୋଗ ଆବଶ୍ୟକ। ଦେଶର ୭୦ ପ୍ରତିଶତରୁ ଅଧିକ ଗ୍ରାମପଞ୍ଚାୟତରେ ବ୍ୟାଙ୍କ ଶାଖା ନାହିଁ। ମିଶନ ଶକ୍ତି ଭଳି କାର୍ଯ୍ୟକ୍ରମ ଜରିଆରେ ରାଜ୍ୟବାସୀଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ଲାଗି ଓଡ଼ିଶା ସରକାର ଉଦ୍ୟମ ଜାରି ରଖିଥିବା ସତ୍ତ୍ୱେ ଗ୍ରାମାଞ୍ଚଳରେ ବ୍ୟାଙ୍କ ଭିତ୍ତିଭୂମିର ଅଭାବ ଏଥିରେ ବାଧକ ସାଜିଥିବା ଯାଜପୁର ଏମ୍‌ପି କହିଥିଲେ।

# ଆକ୍ରମଣକାରୀଙ୍କ ଗିରଫ ଦାବି କଲା ଭାଜପା

**କୁଚିଣ୍ଡା, ୧୩।୧୨(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ସ୍ମାର୍ଟ କାର୍ଡ ବଣ୍ଟନ ପାଇଁ କୁଚିଣ୍ଡା ଆସିଥିବା ବେଳେ ଭାଜପା କର୍ମୀଙ୍କୁ ଆକ୍ରମଣ ହୋଇଥିଲା। ଦଳପକ୍ଷରୁ କୁହାଯାଇଛି ବିଭିନ୍ନ ଦାବିରେ ଭାଜପା ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରିବା ସମୟରେ ବାହାର ଜିଲାରୁ ଆସିଥିବା ବିଜେଡି କର୍ମୀ ଆକ୍ରମଣ କରିଥିଲେ। ଏହା ବିରୋଧରେ ଭାଜପା ପକ୍ଷରୁ କୁଚିଣ୍ଡା ଥାନାରେ ରିପୋର୍ଟ କରାଯାଇଥିଲା। ସମ୍ବଲପୁର ଏସ୍‌ପି ସିସିଟିଭି ଫୁଟେଜ ଦେଖି ୧୫ଦିନ ମଧ୍ୟରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ କେତେଜଣ ହାତଗଣତି ବିଜେଡି କର୍ମୀଙ୍କ


ଏସ୍‌ଡିପିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୋଲିସ ଚୁପ ରହିଥିବା ଭାଜପା କହିଛି। ଆସନ୍ତା ୭୨ ଘଣ୍ଟା ମଧ୍ୟରେ ସିସିଟିଭି ଫୁଟେଜ ଯାଞ୍ଚ କରି ଆକ୍ରମଣକାରୀଙ୍କୁ ଗିରଫ କରା ନ ଗଲେ ଥାନା ଘେରାଉ କରିବାକୁ ସୋମବାର କୁଚିଣ୍ଡା ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ଭାଜପା ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବ ସ୍ଥଗିତ

**କଟକ ଅଫିସ, ୧୩।୧୨**

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବ ଉପରେ ସୋମବାର ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ଏଥିସହ ପୁରସ୍କାର ପାଇଁ ସମସ୍ତ ଆବେଦନର ପୁନଃ ମୂଲ୍ୟାୟନ କରିବାକୁ ବିଚାରପତି ଅରିନ୍ଦମ ସିହ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ପରେ ଫଳାଫଳକୁ ଆବେଦନକାରୀ ଓ ହାଇକୋର୍ଟଙ୍କୁ ଜଣାଇବାକୁ ଅଦାଲତ କହିଛନ୍ତି। ଏନେଇ ଆସନ୍ତା ଜାନୁୟାରୀ ୭ତାରିଖରେ ପରବର୍ତ୍ତୀ ଶୁଣାଣି ହେବ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶିବନାରାୟଣ ବିଶ୍ୱାଳ, ଭକ୍ତିସୁଧା ସାହୁ ଏବଂ ମାନସ ରଞ୍ଜନ ଦାଶ ମାମଲା ପରିଚାଳନା କରୁଛନ୍ତି।

**ଆବେଦନର ପୁନଃ ମୂଲ୍ୟାୟନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ**



ଉଲ୍ଲେଖଯୋଗ୍ୟ, ମଙ୍ଗଳବାର ଓ ବୁଧବାର (୧୪ ଓ ୧୫ ତାରିଖ) ଏହି ଉତ୍ସବ ଅନୁଷ୍ଠିତ ହେବାର ଥିଲା। ତେବେ ହାଇକୋର୍ଟ ଏହାକୁ ସ୍ଥଗିତ ରଖିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୩୧ତମ ଚଳଚ୍ଚିତ୍ର ପୁରସ୍କାର ଚୟନ ପ୍ରକ୍ରିୟା ତ୍ରୁଟିପୂର୍ଣ୍ଣ ବୋଲି ଦର୍ଶାଯାଇ ଚଳଚ୍ଚିତ୍ର ନିର୍ଦ୍ଦେଶକ ବବି ଇସ୍‌ଲାମଙ୍କ ପକ୍ଷରୁ ହାଇକୋର୍ଟରେ ଏକ ପିଟିଶନ ଦାଖଲ କରାଯାଇଥିଲା। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୯ରେ ସମସ୍ତ ନିୟମ ଉଲ୍ଲଂଘନ କରାଯାଇ ଯୋଗ୍ୟତାବିହୀନ ଓ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କୁ ଚୟନ କମିଟିରେ କିପରି ନିଆଯାଇଛି ବୋଲି ସେ ପ୍ରଶ୍ନ ଉଠାଇଥିଲେ। ୨୮ଟି କାଟାଗୋରିରେ ଏହି ପୁରସ୍କାର ଦିଆଯିବ। ସେଥିରେ ଓଡ଼ିଆ ଓ ଆଦିବାସୀ ଚଳଚ୍ଚିତ୍ର ବିଭାଗରେ ଗୋଟିଏ ଲେଖାଏ କାଟାଗୋରି ରହିଛି। ତେବେ ବିଦେଶୀ ସିନେମାକୁ ଅନୁକରଣ କରି ନିର୍ମିତ ଚଳଚ୍ଚିତ୍ରକୁ ପୁରସ୍କାର ଦିଆଯିବାକୁ ଥିବାବେଳେ ମୌଳିକ କାହାଣୀ ଉପରେ ପର୍ଯ୍ୟବସିତ ଚଳଚ୍ଚିତ୍ର 'ଛବିରାଣୀ'କୁ ଏଥିରୁ ବାଦ୍ ଦିଆଯାଇଛି। ଏହାଦ୍ୱାରା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମ ୨୦୧୦ର ଧାରା ୩ ବି ଉଲ୍ଲଂଘନ ହୋଇଛି। ସେହିପରି ବିଜ୍ଞାପନରେ ଦିଆଯାଇଥିବା ୨ ନମ୍ବର ନିୟମାବଳୀକୁ ଉଲ୍ଲଂଘନ କରାଯାଇଛି। ଏସବୁ ଅଭିଯୋଗ ଆଣି ଆବେଦନକାରୀ ବବି ଇସ୍‌ଲାମ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିରେ ରାଜ୍ୟ ସରକାର, ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଏବଂ ପୁରସ୍କାର ଚୟନ କମିଟି ସଦସ୍ୟଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ଆଜି ଜିଲା କଂଗ୍ରେସ ପକ୍ଷରୁ ଏସ୍‌ପି ଅଫିସ୍ ଘେରାଉ

**ମମିତାଙ୍କୁ ନ୍ୟାୟ, ପୋଲିସର ଲାଠିମାଡର ପ୍ରତିବାଦ**

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

ମମିତାଙ୍କୁ ନ୍ୟାୟ ପ୍ରଦାନ, ଧାରଣାସ୍ଥଳରେ ଛାତ୍ର କଂଗ୍ରେସ କର୍ମୀଙ୍କ ଉପରକୁ ପୋଲିସର ବର୍ବରୋଚିତ ଆକ୍ରମଣ ଓ ସଶସ୍ତ୍ର ପୋଲିସ କଂଗ୍ରେସ ଭବନରେ ପଶି ଲାଠି ଚାର୍ଜର ପ୍ରତିବାଦ ସ୍ୱରୂପ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୧୪ ତାରିଖ ମଙ୍ଗଳବାର ସମସ୍ତ ଏସ୍‌ପି ଅଫିସ ସମ୍ମୁଖରେ ଜିଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରିବ। ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସୂଚନା ଦିଆଯାଇଛି।

# ୧୫ରେ ରାଜଭବନ ଆଗରେ ଧାରଣା

**କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ଉପଯୁକ୍ତ କୃଷି ଇନ୍‌ପୁଟ୍ ସହାୟତା ଦାବି**

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ): ବାତ୍ୟା ଓ ବର୍ଷାରେ ରାଜ୍ୟର ବିଭିନ୍ନ ଜିଲାର ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଲକ୍ଷ ଲକ୍ଷ ହେକ୍ଟର ଜମିରେ ଧାନ ଓ ପରିବା ଫସଲ ଉଜୁଡ଼ି ଯାଇଛି। କୃଷିକୁ ତୁରନ୍ତ ସହାୟତା ସହ ବିଭିନ୍ନ ଦାବି ନେଇ ଆସନ୍ତା ୧୫ ତାରିଖ ପୂର୍ବାହ୍ନ ୧୧ ଟାରେ କିଷାନ କଂଗ୍ରେସ ପକ୍ଷରୁ ରାଜଭବନ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଏକ ପ୍ରେସ୍ ବିବୃତ୍ତିରେ କୁହାଯାଇଛି।

ଧରିତ୍ରୀ
DHARITRI
ମଙ୍ଗଳବାର, ୧୪ ଡିସେମ୍ବର, ୨୦୨୧



ବ୍ୟକ୍ତି ପୂର୍ଣ୍ଣସିଦ୍ଧି ଲାଭ କରେନା ଯେତେଦିନ ପର୍ଯ୍ୟନ୍ତ ସେ ନିଜେ ଯାହା ଜାଣେ ତାକୁ ସବୁ ଭଗବାନଙ୍କ ପାଖେ ସମର୍ପଣ ନ କରିଛି। ଠିକ୍ ସେହିପରି ମାନବଜାତି ତା'ର ସବୁକିଛି ଯେତେଦିନ ଯାଏ ଭଗବାନଙ୍କୁ ଦେଇ ନ ପାରିଛି- ସେତେଦିନ ପର୍ଯ୍ୟନ୍ତ ପୂର୍ଣ୍ଣ-ସିଦ୍ଧ ସମାଜ ହୋଇପାରିବନି। -ଶ୍ରୀଅରବିନ୍ଦ

# ବାଇଡେନ୍‌ଙ୍କ ପଦକ୍ଷେପ

ଗତ ସପ୍ତାହରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଦ୍ୱାରା ଭର୍ଚୁଆଲ୍ ମାଧ୍ୟମରେ 'ସମିଟ୍ ଫର୍ ଡେମୋକ୍ରାସି' ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହାର ୩ଟି ଉଦ୍ଦେଶ୍ୟ ଥିଲା, ଯଥା-ଏକଛତ୍ରବାଦକୁ ପ୍ରତିହତ କରିବା, ଦୁର୍ନୀତି ବିରୋଧରେ ସଂଗ୍ରାମ ଏବଂ ମାନବ ଅଧିକାରକୁ ସମ୍ମାନର ସହ ଆଗକୁ ନେବା। ସମ୍ମିଳନୀକୁ ଚାଇନା ଓ ରୁଷିଆ ଭଳି ବଡ଼ ଦେଶକୁ ନିମନ୍ତ୍ରଣ କରାଯାଇ ନ ଥିଲା। ଏଥିରୁ ବୁଝି ହେଉଛି ଯେ ବାଇଡେନ୍ ଏକଛତ୍ରବାଦ ଶାସନରେ ଜର୍ଜରିତ ଦେଶକୁ ଗଣତନ୍ତ୍ରର ସଂଜ୍ଞା ପରିସରଭୁକ୍ତ କରିନାହାନ୍ତି। ଏଥିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ଉଦ୍‌ବୋଧନରେ ଉଲ୍ଲେଖ କରିଥିଲେ, ଭାରତ ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନା କରିବା ସହ ଡିଜିଟାଲ ସମାଧାନ ମାଧ୍ୟମରେ ଶାସନର ସବୁ କ୍ଷେତ୍ରରେ ସ୍ୱଚ୍ଛତା ଆଣିପାରିଛି। ଗଣତନ୍ତ୍ର ସଂଜ୍ଞାର ବ୍ୟାଖ୍ୟା କରିବାକୁ ଯାଇ ସେ କହିଥିଲେ, ଏହା କେବଳ ଲୋକଙ୍କର, ଲୋକଙ୍କ ଦ୍ୱାରା, ଲୋକଙ୍କ ପାଇଁ ନୁହେଁ, ତାହା ଲୋକଙ୍କ ସହିତ ଓ ଲୋକଙ୍କ ଭିତରେ ମଧ୍ୟ ରହିବା କଥା। ବାସ୍ତବରେ ଦେଖିଲେ ଶକ୍ତିଶାଳୀ ଗଣତନ୍ତ୍ର ସକାଶେ ମୁକ୍ତ ଓ ଅବାଧ ନିର୍ବାଚନ କେବଳ ଏକମାତ୍ର ମାପଦଣ୍ଡ ନୁହେଁ, ସରକାରଙ୍କ ଭୁଲ୍ ନିଷ୍ପତ୍ତି ବିରୋଧରେ ହେଉଥିବା ଗଣପ୍ରତିବାଦରୁ ଜନ୍ମିତ ବିଜୟ ଏହାକୁ ଦୃଢ଼ କରିପାରିଛି। କୃଷକ ଆନ୍ଦୋଳନ ପ୍ରତ୍ୟାହାର ଏହାର ଶ୍ରେଷ୍ଠ ଦୃଷ୍ଟାନ୍ତ ଭାବେ ଉଭା ହୋଇଛି।

ବାସ୍ତବ ଗଣତନ୍ତ୍ର ସେତେବେଳେ ସଫଳ ହୁଏ, ଯେତେବେଳେ ବହୁମତ ପାଇଥିବା ଦଳ ନିଜକୁ ଶାସକ ବୋଲି ଭାବିବ ନାହିଁ। ଲୋକଙ୍କ ସମର୍ଥନ ପାଇବା ପରେ ଜନସାଧାରଣଙ୍କ ମତ ଅନୁଯାୟୀ କାର୍ଯ୍ୟ କରିବା ହେଉଛି ଗଣତାନ୍ତ୍ରିକ ବ୍ୟବସ୍ଥାର ମୁଖ୍ୟ ପରିଚୟ। ଦୁଃଖର ବିଷୟ, ବିଶ୍ୱବ୍ୟାପୀ ଏବେ କେହି ସେହି ପଦ୍ଧତିକୁ ମାନୁନାହାନ୍ତି। କେବଳ ଭୋଟ ହାସଲ କରିବାରେ ଗଣତନ୍ତ୍ର ଚିହ୍ନା ପଡ଼େନାହିଁ। କିନ୍ତୁ ତୁର୍କୀ, ହଙ୍ଗେରୀ, ଫିଲିପାଇନ୍ସ ଏବଂ ଭାରତ ଭଳି ଅନେକ ଦେଶରେ ଗୋଟିଏ ଦଳ ଏକାକୀ ନିର୍ବାଚନ ଜିତିପାରିଛି। ଏବେ ଏହିସବୁ ଦେଶରେ ଶାସନ ବ୍ୟବସ୍ଥା 'ଗଣତାନ୍ତ୍ରିକ ଏକଛତ୍ରବାଦ' ଦିଗରେ ଚାଲିଛି ବୋଲି ବିଭିନ୍ନ ଅନ୍ତର୍ଜାତୀୟ ସର୍ଭେ ସଂସ୍ଥା ଦ୍ୱାରା ରିପୋର୍ଟ ପ୍ରକାଶ ପାଇଛି। ସେହି ରିପୋର୍ଟଠାରୁ ଅଧିକ ଗୁରୁତ୍ୱ ଧାରଣ କରୁଛି ଏଭଳି ଦେଶରେ ବସବାସ କରୁଥିବା ଜନସାଧାରଣଙ୍କ ମତ। ଉଦାହରଣ ସ୍ୱରୂପ ଭାରତକୁ ନିଆଯାଉ। ଜମ୍ମୁ ଓ କଶ୍ମୀରରେ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ପୁନଃ ସନ୍ନିବେଶିତ କରିବା ଲାଗି କୃଷକଙ୍କ ଭଳି ଜମ୍ମୁ ଓ କଶ୍ମୀରବାସୀ ଆନ୍ଦୋଳନ କରିବା ଦରକାର ପଡୁଛି ବୋଲି ନିକଟରେ ନ୍ୟାଶନାଲ କନ୍‌ଫରେନ୍ସର ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ଦେଇଥିବା ମନ୍ତବ୍ୟ ଏବେ ଆଲୋଚନା ହେଉଛି। ପାର୍ଟି ପ୍ରତିଷ୍ଠାତା ଶେଖ ମହମ୍ମଦ ଅବଦୁଲ୍ଲାଙ୍କ ୧୧୬ତମ ଜନ୍ମବାର୍ଷିକୀ ଅବସରରେ ଫାରୁକ୍ ଯୁବ ବାହିନୀଙ୍କୁ ଏଭଳି ପରାମର୍ଶ ଦେଇଛନ୍ତି। ଏଥିରୁ ବୁଝାପଡୁଛି ଯେ, ତାଙ୍କ ମତରେ ଏହ ଦୀର୍ଘମିଆଦୀ ଆନ୍ଦୋଳନ କରିପାରିଲେ ହିଁ ସରକାରଙ୍କୁ ନୁଆଁଇବା ସମ୍ଭବ ହୋଇପାରୁଛି। କୃଷକମାନେ ଏକବର୍ଷ ଧରି ଖରା, ବର୍ଷା ଓ ଶୀତରେ ପଡ଼ି ନିଜ ଅଧିକାର ପାଇଁ ଯେଉଁ ଲଢ଼େଇ କଲେ ତାହା ଦ୍ୱାରା ସରକାର ଥରିଗଲା। ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ବିଷୟ ଗତମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିବା ପରେ ସପ୍ତାହେ ହେବ କୃଷକମାନେ ସେମାନଙ୍କ ଘରକୁ ଫେରି ଚାଲିଛନ୍ତି। ସାଧାରଣରେ ଧାରଣା ସୃଷ୍ଟି ହୋଇଥିଲା ଯେ, ମୋଦି ଭଳି ଜଣେ ଶକ୍ତିଶାଳୀ ପ୍ରଧାନମନ୍ତ୍ରୀ ଯିଏ କି ନିଜ ନିଷ୍ପତ୍ତିରୁ କେବେହେଲେ ପଛଘୁଞ୍ଚା ଦେବେ ନାହିଁ। କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ସମୟରେ 'ରୋଲ୍‌ବ୍ୟାକ୍' ନୀତି ଦେଶକୁ ଅତ୍ୟନ୍ତ ଦୁର୍ବଳ କରିଦେଉଥିଲା। ଜନସାଧାରଣ ମୋଦିଙ୍କଠାରୁ ଦୃଢ଼ ଓ ନିର୍ଣ୍ଣୟକାରୀ ନିଷ୍ପତ୍ତି ସବୁବେଳେ ଆଶା କରନ୍ତି। କିନ୍ତୁ ଗଣତନ୍ତ୍ରରେ ନେତୃତ୍ୱ ପାଇଁ ସର୍ବଦା ଅଡ଼ି ବସିବା ଦେଶ ସକାଶେ ମଙ୍ଗଳଦାୟକ ହୋଇ ନ ଥାଏ। ତିନୋଟି କୃଷି ବିଲ୍ ପ୍ରତ୍ୟାହାର କରି ମୋଦି ତାଙ୍କ ଭାବମୂର୍ତ୍ତିକୁ ଅଧିକ ଶକ୍ତିଶାଳୀ କରିପାରିଛନ୍ତି। ଅନ୍ୟପଟେ ସାଧାରଣରେ ଏହା ଏକ ଭିନ୍ନ ଧାରଣା ସୃଷ୍ଟି କରିଦେଇପାରେ, ଯାହାକି ଫାରୁକ୍‌ଙ୍କ କଥାରୁ ବୁଝାପଡୁଛି।

ଏଭଳି ପରିପ୍ରେକ୍ଷୀରେ ଫାରୁକ୍ ଜମ୍ମୁ ଓ କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହୋଇଯାଇଥିବାରୁ ତାହାକୁ ପୁନଃ ସ୍ଥାପନ କରିବା ଲାଗି ଗଣ ଆନ୍ଦୋଳନ ଡାକରା ଦେବା ଅନ୍ୟ ଏକ ଦିଗକୁ ଇଙ୍ଗିତ କରୁଛି। ଜମ୍ମୁ ଓ କଶ୍ମୀରବାସୀଙ୍କ ଅଧିକାର ଫେରାଇ ଆଣିବା ଲାଗି ଚାଷୀ ଆନ୍ଦୋଳନ ଭଳି ଏକ ବୃହତ୍ ଜନଜାଗରଣ ପ୍ରସ୍ତାବ କେତେ ସମୟୋପଯୋଗୀ ହେବ ପରେ ଜଣାପଡ଼ିବ। କିନ୍ତୁ ଏହା ନିଶ୍ଚିତ ହେଉଛି ଯେ ସଂଖ୍ୟା ଖେଳରେ ଆଗରେ ଥିବା ବ୍ୟକ୍ତି ବା ରାଜନୈତିକ ଦଳ ଏକ ଦୃଢ଼ ଗଣତନ୍ତ୍ର ପ୍ରତିଷ୍ଠା କରିବାରେ ଏକମାତ୍ର ମାନଦଣ୍ଡ ହୋଇ ରହିବେ ନାହିଁ। ଦିନକୁ ଦିନ ଏଥିରେ ନୂତନ ମାର୍ଜିତ ଚିନ୍ତାଧାରା ଯୋଡ଼ି ଚାଲିବା କଥା। ଦେଶୁ ଶାସକ ବର୍ଗ ଗଣତନ୍ତ୍ରର ପ୍ରକୃତ ମର୍ମକୁ ଉପଲବ୍ଧି କରି ଜନମଙ୍ଗଳ ଦିଗରେ ସକାରାତ୍ମକ ପଦକ୍ଷେପ ନେବା ଆବଶ୍ୟକ।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଡିସେମ୍ବର ୧୯୯୬

- କୋଫି ଆନାନ୍‌ଙ୍କୁ ଜାତିସଂଘର ନୂଆ ମହାସଚିବ ଭାବେ ନିଯୁକ୍ତ କରିବା ପାଇଁ ଜାତିସଂଘର ନିରାପତ୍ତା ପରିଷଦ ସର୍ବସମ୍ମତ ନିଷ୍ପତ୍ତି ନେଇଛି।
- ପଶ୍ଚିମ ତ୍ରିପୁରାର କଲ୍ୟାଣପୁର ଅଞ୍ଚଳରେ ଆଦିବାସୀ ଉପଜାତିର ସଶସ୍ତ୍ର ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ୨୩ ନିହତ।
- ଦଳବିରୋଧୀ କାର୍ଯ୍ୟ ପାଇଁ ସିପିଏମ୍‌ର ୨ ଜଣ ପାର୍ଲାମେଣ୍ଟ ସଦସ୍ୟ ଆର୍.ବି. ରାୟ ଏବଂ ତାମାଙ୍ଗ ଦାୱା ଲାମା ୬ ମାସ ପାଇଁ ଦଳରୁ ବହିଷ୍କୃତ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 1 | | | | 3 | 5 | |
| | 7 | | | | 9 | 8 | | |
| 4 | | | | | | | 2 | |
| | | | | | | | | |
| | | 2 | | | 8 | 9 | | |
| | | 4 | 5 | 9 | | 1 | | |
| 6 | | 8 | | | | 4 | | |
| | 9 | | | 4 | 5 | 2 | | |
| | 1 | 6 | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 8 | 2 | 1 | 9 | 6 | 7 | 4 |
| 9 | 2 | 6 | 3 | 4 | 7 | 5 | 1 | 8 |
| 4 | 1 | 7 | 5 | 8 | 6 | 2 | 9 | 3 |
| 5 | 4 | 1 | 9 | 6 | 8 | 3 | 2 | 7 |
| 2 | 8 | 9 | 7 | 3 | 4 | 1 | 6 | 5 |
| 6 | 7 | 3 | 1 | 2 | 5 | 4 | 8 | 9 |
| 7 | 9 | 2 | 4 | 5 | 1 | 8 | 3 | 6 |
| 1 | 6 | 5 | 8 | 7 | 3 | 9 | 4 | 2 |
| 8 | 3 | 4 | 6 | 9 | 2 | 7 | 5 | 1 |

ଗତକାଲିର ଉତ୍ତର

# ବିପନ୍ନ ଗଣତନ୍ତ୍ର ଓ ଉପେକ୍ଷିତ ଜନତା



ଡ. ସିଦ୍ଧାର୍ଥ କାନୁନ୍‌ଗୋ

"ଆମେ ଜାଣୁ ଆମ ବଞ୍ଚିବାରେ ଦେଶର ଦୁଃଖ ଦୂରହେବ ନାହିଁ, ଅଥବା ଲାଞ୍ଛଖୋର ମଣିଷର ପ୍ରବୃତ୍ତି ବନ୍ଦ ହେବ ନାହିଁ।" - ଏହା ହେଉଛି ସେତେବେଳର ଯୁବ ଓ ପ୍ରଭାବଶାଳୀ କବି କହ୍ନେୟାଲାଲ ଦାସଙ୍କ ରଚିତ କବିତାର କିୟଦଂଶ। ଇତିମଧ୍ୟରେ ତାଙ୍କ ତିରୋଧାନ ହେବାର ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ଏହି ଦୀର୍ଘ ସମୟ ମଧ୍ୟରେ ବହୁ ଲୋକ ଆସିଛନ୍ତି ଏବଂ ଯାଇଛନ୍ତି; କିନ୍ତୁ କବିତାର ପ୍ରାସଙ୍ଗିକତା ଏବେ ମଧ୍ୟ ଅଛି ବୋଲି ଆମର ମନେହୁଏ।

ଆଜି ଦେଶ ସ୍ୱାଧୀନତାର ୭୫ ବର୍ଷ ପାଳନ କରୁଛି। ଏହାକୁ ଆଜାଦୀ କା ମହୋତ୍ସବ କୁହାଯାଉଛି। ଏଥିପାଇଁ ବହୁ କାର୍ଯ୍ୟକ୍ରମ ଜାରି ହେଉଛି। କିନ୍ତୁ ଦେଶ ଓ ଜାତିର ଭବିଷ୍ୟତ କଥା ବିଗତ ବର୍ଷଗୁଡ଼ିକରେ ଆମର କାର୍ଯ୍ୟଧାରା ସମୀକ୍ଷା କଲାବେଳେ ମନରେ ଆନନ୍ଦ ପରିବର୍ତ୍ତେ ବିଷାଦ ଆସୁଛି। ଏହି ପ୍ରସଙ୍ଗରେ ବିପ୍ଳବୀ କବି ରବି ସିଂଙ୍କ କବିତାର କିୟଦଂଶ ଆମର ମନେପଡୁଛି - "ଯାଦୁଆ ବିକ୍ରୁଛି ଯାଦୁର ମଲମ,ମଦୁଆ ଧରିଛି ନିଶା ନିବାରଣ ବାନା/ଗଣିକା ବେଶ୍ୟାବୃତ୍ତି ନିରୋଧ ନେତ୍ରୀ,ଉଜ୍ଜଳେ ଗଣତନ୍ତ୍ରେ ଅନାରେ ଅନା।" ରାଜନେତାଙ୍କଠାରୁ ଆରମ୍ଭ କରି ଅମଲାତନ୍ତ୍ର ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ଆମର କଥା ଓ କାର୍ଯ୍ୟରେ ଅସଙ୍ଗତି ହିଁ ଆମ କଷ୍ଟଲବ୍ଧ ସ୍ୱାଧୀନତା ଓ ଗଣତନ୍ତ୍ର ଆଜି ବିପର୍ଯ୍ୟସ୍ତ। ଏହା କାନକୁ ଭଲ ଶୁଭୁ ନ ଥିଲେ ମଧ୍ୟ ବାସ୍ତବତାକୁ ସ୍ୱୀକାର କରିବାକୁ ହେବ।

ସେଦିନ 'ମୋ ସ୍ୱପ୍ନର ଭାରତ' ପରିପ୍ରେକ୍ଷୀରେ ଜାତିର ଜନକ ମହାତ୍ମା ଗାନ୍ଧୀ କହିଥିଲେ, "ମୁଁ ଏପରି ଏକ ଭାରତବର୍ଷ ଚାହୁଁଛି; ଯେଉଁଥିରେ ସମାଜର ସବୁଠାରୁ ଗରିବ ଲୋକଟିଏ ମଧ୍ୟ ଅନୁଭବ କରିପାରିବ ଯେ ଏ ଦେଶ ଗଠନରେ ତା'ର କିଛି ନିର୍ଦ୍ଦିଷ୍ଟ ଭୂମିକା ଅଛି।" ମାତ୍ର ଦେଶ ସ୍ୱାଧୀନ ହେବାର ଦୀର୍ଘ ସମୟ ମଧ୍ୟରେ ସାଧାରଣ ଲୋକଟିଏ କ'ଣ ଏକଥା ଅନୁଭବ କରିପାରିଲା!

ସେଦିନର ସେ ସ୍ୱପ୍ନ ତଥା ଭାବପ୍ରବଣତା ଆଜି ନାହିଁ। ଗଣତନ୍ତ୍ର ମୂଳତତ୍ତ୍ୱରୁ ହଜିଯାଇଛି। 'ସମାନତା' ଶବ୍ଦଟି କେବଳ ସମ୍ବିଧାନର ମୁଖବନ୍ଧରେ ରହିଗଲା। ୭୫ ବର୍ଷ ମଧ୍ୟରେ ଏହାର ବାସ୍ତବ ପ୍ରୟୋଗ ହୋଇନାହିଁ ବୋଲି ମନେହୁଏ। ଏଠି ୫ ପ୍ରତିଶତ ଲୋକଙ୍କ ହାତରେ ୯୫ ପ୍ରତିଶତ ଲୋକଙ୍କର ରୁଟି ରହିଛି।

ପରିସଂଖ୍ୟାନ ଦିଆଯାଇ କୁହାଯାଉଛି ଯେ, ପ୍ରଯୁକ୍ତି ବିଦ୍ୟା, ଚିକିତ୍ସା ବିଜ୍ଞାନ ଇତ୍ୟାଦି ଅନେକ କ୍ଷେତ୍ରରେ ଆମେ ଆଗେଇ ଯାଉଛୁ। ସହରର ସ୍ୱର୍ଣ୍ଣାଭ ଆଲୋକ ଓ ଚାକଚକ୍ୟ ପରିବେଶକୁ ଦେଖି ଆମେ ଆତ୍ମବିଭୋର। ଟଙ୍କାର ମୂଲ୍ୟ ଛୁଉଛି। କିନ୍ତୁ ମୁଦ୍ରାର ବିପରୀତ ପାର୍ଶ୍ୱ ପରି ଦିଲ୍ଲୀଠାରୁ ପଲ୍ଲୀ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ନିୟୁତ୍ତଭାଗୀମାନେ ଦୁଇବେଳା ଭାତ ମୁଠାଏ ପାଇପାରୁ ନାହାନ୍ତି। ଯୋଜନା ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଯୋଜନାର ମାତ୍ର ୧୫ ପ୍ରତିଶତ ଅର୍ଥ ଲୋକଙ୍କ ପାଖକୁ ଯାଉଛି ବୋଲି ଯେତେବେଳେ ଖୋଦ୍ ପ୍ରଧାନମନ୍ତ୍ରୀ ସ୍ୱୀକାର କରନ୍ତି; ସେତେବେଳେ ଏହା କ'ଣ ସ୍ପଷ୍ଟ ହୁଏ ନାହିଁ ଯେ ବାକି ୮୫ ପ୍ରତିଶତ ଅର୍ଥ ବାଟମାରଣା ହେଉଛି? ୫୦ ପ୍ରଶାସକ, ପ୍ରଭାବିତ ନ୍ୟାୟ ବ୍ୟବସ୍ଥା ଓ ଖବରକାଗଜ ତଥା ସୁବିଧାବାଦୀ ବୁଦ୍ଧିଜୀବୀଙ୍କୁ ନେଇ ଆମର ଏଇ ଗଣତନ୍ତ୍ର। ନେତାମାନେ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରର ଦାବି ରଖି ଆମ ଆଗରେ ମାଳମାଳ ସ୍ୱପ୍ନର ପସରା ମେଲାଉଥାନ୍ତି।

ମନେରଖିବାକୁ ହେବ ଯେ, ସରକାରୀ ଚାକିରିରେ ଯୋଗଦେବା ପୂର୍ବରୁ ବା ରାଜନୀତି କରିବା ପୂର୍ବରୁ ବ୍ୟକ୍ତିର ରୋଜଗାର କ'ଣ ଥିଲା ଏବଂ ଆଜି ସେ ଯେଉଁ ବିପୁଳ ସମ୍ପତ୍ତିର ମାଲିକ ହୋଇପାରିଛି, ସେସବୁ ଆସିଲା କେଉଁଠୁ? ଲୋକେ ତା'ର ଚାଲିଚଳନ, ଆଭିଜାତ୍ୟପୂର୍ଣ୍ଣ ପରିବେଶକୁ ଲକ୍ଷ୍ୟ କଲେ ଯେକୌଣସି ବ୍ୟକ୍ତି ଏକଥା ସ୍ୱୀକାର କରିବ ଯେ, ଏସବୁ ଟଙ୍କା (ମନ୍ତ୍ରୀ ବା ସରକାରୀ କର୍ମଚାରୀଙ୍କ ଦରମା ଟଙ୍କା)ରେ ସମ୍ଭବ ନୁହେଁ। ଆଇନକୁ ସତ୍ୟ ଓ ନ୍ୟାୟ ପ୍ରତିଷ୍ଠା ଦିଗରେ ଯେତିକି ବ୍ୟବହାର କରାଯାଏ, ତାକୁ ତା'ର ବିପରୀତ ଦିଗରେ ତତୋଽଧିକ ବ୍ୟବହାର କରାଯାଏ। ଏହା ହିଁ ହେଉଛି ଆମ ଗଣତନ୍ତ୍ରର ଦୁର୍ବଳ ଦିଗ। ସମସ୍ତେ ଜାଣିଥିଲେ ମଧ୍ୟ ଆଇନର ଗଳିଆ ବାଟରେ ଦିନ ଦ୍ୱିପ୍ରହରରେ ଅନେକିଛି କାର୍ଯ୍ୟ କରୁଥିବା ଲୋକଟି ସହଜରେ ଖସି ଯାଉଛି। ଏଣେ କାରଣ ଯାହା ହୋଇଥାଉନା କାହିଁକି ବିଭିନ୍ନ ନ୍ୟାୟାଳୟରେ ଲକ୍ଷାଧିକ ମାମଲା ଫଇସଲା ନ ହୋଇ ବିଚାରିତ ଧରି ପଡ଼ିରହିଛି। ଏକଥା ଆମକୁ ମନେରଖିବାକୁ ହେବ ଯେ, 'ବିଳମ୍ବିତ ନ୍ୟାୟ - ନ୍ୟାୟ ନୁହେଁ'।

ଖବରକାଗଜ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ପ୍ରେସ୍ ସ୍ୱାଧୀନତା କିପରି ବିପନ୍ନ; ତାହା ପ୍ରେସ୍ କାଉନ୍‌ସିଲ୍ ଦେଉଥିବା ବିବୃତିରୁ ଜଣାପଡ଼େ। ବହୁ କ୍ଷେତ୍ରରେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସେ ନାହିଁ ଏବଂ ଅନ୍ୟ କିଛି କ୍ଷେତ୍ରରେ ଜନସାଧାରଣଙ୍କୁ ବିଭ୍ରାନ୍ତ କରି ଅତିରଞ୍ଜିତ ତଥ୍ୟ ପ୍ରକାଶ ପାଏ। ବର୍ତ୍ତମାନ ସରକାରର ବ୍ୟକ୍ତିର ବାକ୍‌ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଉଛନ୍ତି। ସରକାରଙ୍କ କାର୍ଯ୍ୟଶୈଳୀକୁ ନିନ୍ଦା କଲେ ବିଭିନ୍ନ ଦଫା ଲଗାଇ ଲୋକଙ୍କୁ ହଇରାଣ କରାଯାଉଛି। ଗଣତାନ୍ତ୍ରିକ ଉଦାରତାର ନାମରେ ଦୁର୍ନୀତି, ଭ୍ରଷ୍ଟାଚାର ତଥା ପ୍ରିୟାପ୍ରୀତି ତୋଷଣର ଯେଉଁ ବିରାଟ ସୌଧ ସୃଷ୍ଟି ହେଲାଣି; ତାହା ଚିନ୍ତାର ବିଷୟ। ଏଠି ଲୋକ ବ୍ୟାଙ୍କରୁ ଋଣ ନେଇ ଫେରାଉନାହାନ୍ତି; ଅଥଚ ରାଜନୈତିକ ଦଳମାନେ ନିର୍ବାଚନ ବେଳେ ଭୋଟରଙ୍କୁ ଆପଣେଇବା ପାଇଁ ଋଣଛାଡ଼ର ପ୍ରତିଶ୍ରୁତି ଦେବେ। ଛତା, ଜୋତା, କମ୍ବଳ ଏପରି କି ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବହୁ ଯୋଜନା ଲୋକଙ୍କ ପାଇଁ ଭୋଟ ହାତେଇବା ଉଦ୍ଦେଶ୍ୟରେ ଖଞ୍ଜାଯାଇଛି। ଦେଶର ପ୍ରାୟ ସବୁ ରାଜ୍ୟକୁ ଏ ରୋଗ ବ୍ୟାପିଲାଣି।

ଲୋକସଭା, ରାଜ୍ୟସଭା ଏବଂ ବିଧାନସଭାରେ ନିର୍ବାଚିତ ପ୍ରତିନିଧିଙ୍କ ଆଚରଣ ଦେଖି ଆମକୁ ଦୁଃଖ ଆସେ। ଗୃହ ଅଚଳ ହୋଇଯାଉଛି। ପ୍ରାଇଁଟ ଯୁଦ୍ଧ, ଘଣ୍ଟବାଡ଼ିଆ ଏବଂ ଧାରଣାରେ ବସିଥିବା ବେଳେ ଗୋଟେ ଗୋଟେ ଦିନର ଅଧିବେଶନ ସରିଯାଉଛି। ଗୃହକୁ କିପରି ସ୍ୱାଭାବିକ ଅବସ୍ଥାକୁ ଆଣି ଆଲୋଚନା କରିବାକୁ ହେବ ସେ ଦିଗରେ ଉଭୟ ବିରୋଧୀ ଓ ସରକାରୀ ଦଳ କେହି ସଚେତନ ନୁହନ୍ତି। ସେମାନଙ୍କର ଭତ୍ତା, ପେନ୍‌ସନ୍ ଇତ୍ୟାଦି କିଛି ଊଣା ପଡ଼ିବ ନାହିଁ। ସାଧାରଣ ଜନତା କେବଳ ଏମାନଙ୍କୁ ଚାହିଁ ଭରସା ହେବା ଛଡ଼ା କିଛି ନାହିଁ।

ବିଧାନସଭା ବସିଲେ ଅନେକ ସମସ୍ୟା ସମାଧାନ ହୋଇଯିବ ବୋଲି ସମସ୍ତେ ଆଶା କରନ୍ତି। ବିଧାୟକମାନେ ପଚାରୁଥିବା ପ୍ରଶ୍ନର ଉତ୍ତର ମନ୍ତ୍ରୀ ରଖିବା ଦ୍ୱାରା ଶାସନ କଳ କର୍ମାଭିମୁଖୀ ହୁଏ ବୋଲି ଆମେ ଜାଣୁ। ସମସ୍ତଙ୍କ ଧାରଣା ଯେ ଜଣେ ବିଧାୟକ ପ୍ରଶ୍ନଟିଏ ପଚାରିଲେ ସେହି ମାତ୍ରେ ମନ୍ତ୍ରୀ ଉତ୍ତର ରଖିବେ ଏବଂ ତାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଶାସନ କଳ କର୍ମତତ୍ପର ହୋଇଉଠିବ। ମାତ୍ର ଏସବୁ ତତ୍ତ୍ୱର କଥା। ବର୍ତ୍ତମାନ ବିଧାନସଭାରେ ପଚରାଯାଉଥିବା ପ୍ରଶ୍ନ ପାଇଁ ମନ୍ତ୍ରୀ ବ୍ୟସ୍ତ ବା ବିବ୍ରତ ହେଉନାହାନ୍ତି ଏବଂ ଶାସନ କଳ ଉତ୍ତର ପ୍ରସ୍ତୁତି କରିବା ପାଇଁ ସେପରି ତତ୍ପରତା ଦେଖାଉନାହାନ୍ତି। ଏହା ଦ୍ୱାରା ମନ୍ତ୍ରୀ ଏବଂ ଶାସନପାଳିକା ଦାୟିତ୍ୱମୁକ୍ତ। ତେଣେ ଲୋକମାନେ ଚୁଲିକୁ ଯାଆନ୍ତୁ; ଏଥିପାଇଁ କାହାର ଚିନ୍ତା ନାହିଁ। ଆମ ଅମଲାତନ୍ତ୍ରର କାଳିଫିତା ତଳେ ବହୁ କଥା ରହିଯାଉଛି; ମନ୍ତ୍ରୀ ବା ବିଧାୟକ ଚାହିଁଲେ ତାହା ବାହାରକୁ ବାହାରିବା ସମ୍ଭବ ହେଉନାହିଁ।

ଗଣତନ୍ତ୍ରକୁ ରାଷ୍ଟ୍ର ଶାସନର ମୌଳିକ ଉପାଦାନ ରୂପେ ଗଣନା କରାଯାଉଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ଏହା ଏକ ପ୍ରହସନରେ ପରିଣତ ହୋଇଛି। କ୍ଷମତାକୁ ଆସିବା ପାଇଁ ରାଜନୈତିକ ନେତାମାନେ ଲକ୍ଷ୍ୟ ଲକ୍ଷ୍ୟ ପ୍ରତିଶ୍ରୁତି ଦିଅନ୍ତି। ଭୋଟ୍ ଗଣ୍ଡେ ପାଇବା ପାଇଁ ଏମାନେ କେତେ କାକୁତି ମିନତି ହୁଅନ୍ତି। ଭୋଟ ସରିଗଲେ ଏମାନଙ୍କ ଅସଲ ଚେହେରା ଜଣାପଡ଼େ। ଦେଶ ସେବାର ଖୋଳପା ଭିତରେ ଏମାନେ ଆତ୍ମସେବାରେ ନିମଗ୍ନ ହୁଅନ୍ତି। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା, ଦାୟିତ୍ୱଗ୍ରହଣ କରିଥିବା ନେତାମାନେ ଉଦାରବାଦୀ ନୁହନ୍ତି। ଏଥିପାଇଁ ପ୍ରଶାସନ ଆମର କୁରୁଶ, ଦିଗ୍ଭ୍ରଷ୍ଟ। ଗଣତନ୍ତ୍ର ଶାସନରେ ଆମର ରାଜା ହେଉଛନ୍ତି ଆମର ଲୋକପ୍ରତିନିଧି। ସେମାନେ ହୋଇପାରନ୍ତି ଏମ୍‌ପି, ଏମ୍‌ଏଲ୍‌ଏ କିମ୍ବା ସରପଞ୍ଚ ଅଥବା ମ୍ୟୁନିସିପାଲିଟିର ୱାର୍ଡମେମ୍ବର। ସେମାନଙ୍କୁ ବାଜାବଜାଇ ଶଙ୍ଖଧ୍ୱନି ଓ ଫୁଲମାଳ ମଧ୍ୟରେ ଆମେ ସ୍ୱାଗତ କରୁ। ଏହି ରାଜ ଅଭିଳାଷ ମଧ୍ୟରେ ଜନ୍ମନିଏ ଆଞ୍ଚଳିକତାବାଦ ଏବଂ ବିଚ୍ଛିନ୍ନତାବାଦ। ଗଣତାନ୍ତ୍ରିକ ରାଷ୍ଟ୍ରରେ ସବୁ ରାଜ୍ୟ କେନ୍ଦ୍ରଠାରୁ ସମାନ ନ୍ୟାୟ ପାଇବା କଥା। ମାତ୍ର ବାସ୍ତବରେ ହେଉଛି କି'ଣ? ଓଡ଼ିଶା, ବିହାର ଆଦି ଅନେକ ରାଜ୍ୟ ଅବହେଳିତ।

ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଅନୁଶାସନ ପ୍ରତି ଶାସକଙ୍କର ଯେଉଁ ଦାୟିତ୍ୱବୋଧ ରହିବା କଥା ତାହା ଦେଖିବାକୁ ମିଳୁନାହିଁ। ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ଖାଲି ଭାଷଣ ଦ୍ୱାରା ସମ୍ଭବ ନୁହେଁ। ଏଥିପାଇଁ ଆତ୍ମସମୀକ୍ଷା ଆବଶ୍ୟକ। ଲୋକଚରିତ୍ରରେ ଅନୁଶାସନ ଓ ଶାସକର ଆଭିମୁଖ୍ୟ ନୀତିରେ ଗଣତାନ୍ତ୍ରିକ ଜୀବନ ଧାରାର ପ୍ରତିଫଳନ ଦ୍ୱାରା ହିଁ ବାସ୍ତବ ଗଣତନ୍ତ୍ର ପ୍ରତିଷ୍ଠିତ ହୋଇପାରିବ - ଅନ୍ୟଥା ନୁହେଁ। ବୌଦ୍ଧିକ ସ୍ତରରେ ଆତ୍ମସଚେତନତା ଓ ଆତ୍ମସମୀକ୍ଷଣ ଦ୍ୱାରା ଆମ ବ୍ୟବସ୍ଥାର ଚରିତ୍ରଗତ ତ୍ରୁଟି ଓ ଦୁର୍ବଳତାର ସଂଶୋଧନ ହେବା ଏକାନ୍ତ ଆବଶ୍ୟକ।

ସେବାନିବୃତ୍ତ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର
ଚୈତନ୍ୟ ଧାମ, ଶବର ସାହି, ଭୁବନେଶ୍ୱର
ମୋ.:୯୪୩୮୦୭୨୮୫୦

# ଆମ ପାଠପଢ଼ା ଓ ଜିଜ୍ଞାସା



ରିତେଶ କୁମାର ଶିଶୁ

ଗାଛରୁ ସେଓ ଆଗରୁ ବି ପଡୁଥିଲା କିନ୍ତୁ ନିଉଟନ ପ୍ରଥମ ବ୍ୟକ୍ତି ଥିଲେ ପଚାରିବାକୁ କାହିଁକି ପଡ଼ିଲା। ଯଦି ତାଙ୍କ ମନରେ ଏହି ପ୍ରଶ୍ନଟି ଆସି ନ ଥା'ନ୍ତା ତେବେ ଆଜି ହୁଏତ ମାଧ୍ୟାକର୍ଷଣ ବଳ ବିଷୟରେ ବିଶ୍ୱ ଜାଣିପାରି ନ ଥାନ୍ତା। ତେଣୁ ଏହି ଅନୁସନ୍ଧିତ୍ସୁ ଜିଜ୍ଞାସା ପୂର୍ଣ୍ଣଚିନ୍ତାଧାରା ସର୍ବଦା ନୂତନ ଉଦ୍ଭାବନର ବିଜ ବପନ କରିଥାଏ। ଯେଉଁ ସମାଜରେ ବୈଜ୍ଞାନିକ ଚିନ୍ତାଧାରା ଓ ଅନୁସନ୍ଧିତ୍ସୁ ବ୍ୟକ୍ତିଙ୍କର ସଂଖ୍ୟା ଯେତେ ଅଧିକ ସେ ସମାଜ ଆର୍ଥିକ, ସାମାଜିକ, ବୌଦ୍ଧିକ ଦୃଷ୍ଟିକୋଣରୁ ସେତେ ଉନ୍ନତ। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଏହାର ଜ୍ୱଳନ୍ତ ଉଦାହରଣ। ତେବେ ଏହି ମର୍ମରେ ଆମ ଦେଶ ତଥା ଆମ ରାଜ୍ୟ କଥା ଆସନ୍ତୁ ବିଚାର କରିବା।

ସର୍ବଦା ସଫଳ ଓ ମହାନ୍ ବ୍ୟକ୍ତିବିଶେଷମାନେ ଆମକୁ ପ୍ରେରଣା ଦିଅନ୍ତି ଓ ଆମେମାନେ ସେମାନଙ୍କୁ ଅନୁସରଣ କରୁ। ବିଗତ କିଛି ଦଶନ୍ଧିକୁ ଅନୁଶୀଳନ କଲେ ଆମେ ଦେଖିବା ଆମ ଯୁବ ସମାଜ ଏକ ସିଂହଭାଗ ଅନୁକରଣ କରନ୍ତି ସଫଳ କ୍ରିକେଟ ଖେଳାଳି ଅବା ଅଭିନେତା ଅବା ରାଜନେତାମାନଙ୍କୁ। କାରଣ ସମାଜରେ ସେମାନିକ ଏକ ଉଚ୍ଚ ଓ ଭବ୍ୟ ବାତାବରଣ ସୃଷ୍ଟି ହୋଇଯାଇଛି ବା ସୃଷ୍ଟି କରିଦିଆଯାଇଛି। ଆମ ପାଠ ବହିର ଶୈକ୍ଷିକ ଖସଡ଼ା ମଧ୍ୟ ଯୁଗୋପଯୋଗୀ ହୋଇପାରୁ ନାହିଁ। ଅଭିଭାବକମାନେ ବିଦ୍ୟୁତ ରଚନାଧର୍ମୀ ପ୍ରଶ୍ନ ବଦଳରେ ବିଜ୍ଞ ବଚନ କରିଥାଏ। ଉତ୍ତର ଦେବା ପ୍ରଶ୍ନ ପାଇଁ ଅଳି କରନ୍ତି। କିଛି ଦିନ ତଳେ ଗୋଟିଏ ଖବରକାଗଜର ସଂପାଦକଙ୍କ ସହିତ ବିଜ୍ଞାନଭିତ୍ତିକ ଏକ ଲେଖା ବିଷୟରେ ଆଲୋଚନା ବେଳେ ସେ କହିଲେ, ଏଭଳି ଲେଖାର ଚାହିଦା କମ୍। ସମାଜର ଅଧୁନାତନ ବାତାବରଣରେ ଏହା ଅବଶ୍ୟ ଅସତ୍ୟ ନୁହେଁ। ସାମାଜିକ ଗଣମାଧ୍ୟମ ଏବେ ବହୁତ ଆଦୃତ ହୋଇଛି ଏବଂ ଆଜିକାଲି ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଗଲାଣି। ଯୁବ ସମାଜ ଖେଳ ପଡ଼ିଆକୁ ତ ଯାଉଛନ୍ତି ହେଲେ ସେଠାରେ ଆଉ ସବୁସବିକା ଖେଳ ଖେଳୁ ନାହାନ୍ତି ବରଂ ମୋବାଇଲ ଫୋନକୁ ଧରି କିଏ କାହା ସାଙ୍ଗେ ଚାଟିଂ କଲାଣି ତ କିଏ ଅନ୍‌ଲାଇନ୍ କ୍ରିକେଟ ଖେଳର ମଜା ନେଲାଣି ବା ଅନ୍‌ଲାଇନ୍‌ରେ ଅନ୍ୟାନ୍ୟ ଖେଳ ଚାଲିଲାଣି। ସେଥିରେ ପୁଣି ଗୋଟେ ଶ୍ରେଣ୍ଡ ଚାଲିଛି ଷ୍ଟାଟସ ରଖିବାର, କିଏ କୋଉ କ୍ରିକେଟର କେତେ ରନ୍ କଲା ବା ଅଭିନେତାର ବା ନେତାର ସଫଳତାର କାହାଣୀ ବା ଜନ୍ମଦିନର ଶୁଭେଚ୍ଛାରେ ଫଟୋଟିଏ ରଖି ଷ୍ଟାଟସ ଭରି ଦିଅନ୍ତି। କିନ୍ତୁ ସମାଜର ପ୍ରତିଷ୍ଠିତ ଲେଖକ ବା ବୈଜ୍ଞାନିକ ବା କୌଣସି ବୌଦ୍ଧିକ ବ୍ୟକ୍ତିତ୍ୱଙ୍କର ଗାଥା ଦେଖିବାକୁ ମିଳେ।

ପାଶ୍ଚାତ୍ୟ ଦେଶ ସମୂହ, ଜାପାନ, ଚାଇନାରେ ବିଜ୍ଞାନ ଓ ବୈଷୟିକ ବିପ୍ଳବ ଚାଲିଥିବା ବେଳେ ଆମ ଯୁବ ସମାଜ ଆଜି କେଉଁ ଲକ୍ଷ୍ୟ ପଥରେ ଧାବମାନ ତାହା ସମାଜର ଅଧିକାଂଶ ପରିସ୍ଥିତିରୁ ଅନୁମେୟ। ସୁଯୋଗ ସୃଷ୍ଟି କରିବା ଓ ଏହାର ସୁବିନିଯୋଗ କରିବାରେ ଆମେ ପଛୁଆ କାରଣ ଆମର ମାନସିକତା ଅନୁସନ୍ଧିତ୍ସା ଓ ବିଜ୍ଞାନମନସ୍କ ନୁହେଁ। ଅନେ ଏସମ୍ପନ୍ନ ଏକ ଅନୁସନ୍ଧିତ୍ସା ଓ ବିଜ୍ଞାନମନସ୍କ ସମାଜ ଗଠନ କରିବାରେ ବିଫଳ ହୋଇଛେ। ଆମେ ପ୍ରକୃତିର ବିଚିତ୍ରତା ପ୍ରତି ଅକୃଷ୍ଟ ହେଉନେ ବା ବୌଦ୍ଧିକ ଜ୍ଞାନ ବିକଶିତ କରିବା ପାଇଁ ଉଦ୍ଦିଷ୍ଟ ପାଠ୍ୟ ଖସଡ଼ା ଓ ପ୍ରୋତ୍ସାହନ ପ୍ରଦାନ କରିପାରୁନେ। ନୂତନ ଉଦ୍ଭାବନ କରିବାକୁ ଆବଶ୍ୟକ ଜିଜ୍ଞାସା, ଉତ୍ସାହ ଓ ମାନସିକତା ଆମ ଯୁବ ସମାଜ ପାଖରେ ଅଭାବ। ଅଳ୍ପ ପ୍ରଚେଷ୍ଟା ଓ ଅସାଧୁ ଉପାୟରେ ଅଧିକ ଧନ ଉପାର୍ଜନ କରିବାର ମାନସିକତା ସମାଜକୁ କୋରେଇ ଖାଇଚାଲିଛି।

ପ୍ରତ୍ୟେକ ବ୍ୟକ୍ତି ପାଖରେ କିଛି ନା କିଛି ଉତ୍ତମ ପ୍ରତିଭା ଅଛି। ସମସ୍ତଙ୍କର କୌଣସି ନା କୌଣସି ବିଷୟରେ ପାରଦର୍ଶିତା ଅଛି କିନ୍ତୁ ତାହାକୁ ପାଥେୟ କରି ଜୀବନର ଲକ୍ଷ୍ୟ ସାଧନ କାରିବାକୁ ସ୍ୱପ୍ନ ଦେଖୁନା। ସେଥିପାଇଁ ଆବଶ୍ୟକ ଅଧ୍ୟବସାୟ ଓ ପରିଶ୍ରମ କାରିବାକୁ ଆମର ରୁ ନ ଥାଏ କିମ୍ବା ଆମେ ମାନସିକ ଭାବରେ ପ୍ରସ୍ତୁତ ହୋଇପାରୁନା। କେତେକେ ସମ୍ଭାବ୍ୟ ବିଫଳତାକୁ ଭୟ କରନ୍ତି, କେତେକେ ସମ୍ବଳ ଅଭାବକୁ ବାହାନା କରନ୍ତି ତ ଆଉ କେତେକ କୁସଙ୍ଗରେ ପଡ଼ି ଭବିଷ୍ୟତକୁ ଖରାପ କରିଦିଅନ୍ତି। କେହି ଛୋଟରୁ ବଡ଼ ହେବାକୁ ଚାହାନ୍ତି ନାହିଁ, ଏକାଥରେ ରାତାରାତି ସେମାନେ ବଡ଼ ହୋଇଯିବାକୁ ଚାହାନ୍ତି। ମନେରଖିବାକୁ ହେବ, ପ୍ରଥମେ ଛୋଟ ଛୋଟ ସଫଳତା ବା ବିଫଳତାର ଅନୁଭୂତି ଆମକୁ ବଡ଼ ବଡ଼ ସଫଳତା ପାଇବାର ପାହାଚ ତିଆରି କରନ୍ତି। ପିଲାର ଅନ୍ତର୍ନିହିତ ପ୍ରତିଭାକୁ ଚିହ୍ନିବାରେ ଅଭିଭାବକଙ୍କର ମଧ୍ୟ ଏକ ବିଶେଷ ଭୂମିକା ରହିଛି।

ଯୁବ ଗୋଷ୍ଠୀ ସମାଜରେ ଏକ ବିଶାଳ ସମ୍ବଳ। ୨୦୧୧ ଜନଗଣନା ମୁତାବକ ଦେଶର ଲୋକ ସଂଖ୍ୟାର ୫୦ ପ୍ରତିଶତ ହେଉଛି ୨୫ ବର୍ଷରୁ କମ୍ ବୟସର ଯୁବକ। କିଛି ସମ୍ଭାବନାପୂର୍ଣ୍ଣ ଯୁବକ ମିଶି ସେମାନଙ୍କ ଅଞ୍ଚଳରେ ଛୋଟ ବିଜ୍ଞାନଭିତ୍ତିକ ଗବେଷଣା କରିପାରିବେ, ନୂତନ ବୈଷୟିକ କୌଶଳର ପ୍ରୟୋଗ କରିପାରିବେ। ଯେପରି କି ସୌରଶକ୍ତି, କୃଷି ଓ ଉଦ୍ଭିଦ ବିଜ୍ଞାନ, ଯନ୍ତ୍ରକୌଶଳ, ଇଲେକ୍ଟ୍ରୋନିକ୍ସ, ଅଟୋମୋବାଇଲ୍, ରୋବୋଟିକ୍ସ, ସେମିକଣ୍ଡକ୍ଟର, ଗ୍ରାମାଞ୍ଚଳ ପାରମ୍ପରିକ ଜ୍ଞାନର ଆଧୁନିକୀକରଣ, ରକେଟ ସାଇନ୍ସ, ଆଷ୍ଟ୍ରୋନୋମି, କମ୍ପ୍ୟୁଟରର ହାର୍ଡୱେୟାର ଓ ସଫ୍ଟୱେୟାର ଆଦି ଅନେକ ବିଷୟ। ଏହି ପ୍ରକ୍ରିୟାରେ ସେମାନେ ବିଭିନ୍ନ ବୈଜ୍ଞାନିକ ଓ ବୈଷୟିକ ଉପକରଣ ବିକଶିତ କରି ତାହାର ବ୍ୟବସାୟିକ ଉତ୍ପାଦନ କରିବାକୁ ପ୍ରୟାସ କରିପାରିବେ। ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି, ସମ୍ବଳ ଓ ପ୍ରୋତ୍ସାହନ ଯୋଗାଇଦେବାରେ ସରକାରଙ୍କର ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାଛଡ଼ା ଆମ ପାଠ୍ୟ ଖସଡ଼ା ଅଧିକ ପ୍ରୟୋଗାତ୍ମକ ଓ ଯୁଗୋପଯୋଗୀ ହେବା ମଧ୍ୟ ଆବଶ୍ୟକ। ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଏକ ଛୋଟ ପ୍ରୟୋଗଶାଳା ତଥା ବିଜ୍ଞାନ ଓ ବୈଷୟିକ ପ୍ରଦର୍ଶନୀ କକ୍ଷ କରି ପିଲାଙ୍କୁ ଛୋଟ ବୟସରୁ ଏଥି ପ୍ରତି ଆଗ୍ରହ ସୃଷ୍ଟି କରି ସେମାନଙ୍କର ଜିଜ୍ଞାସା ବଢ଼ାଇବାରେ ସାହାଯ୍ୟ କରିବା ଆବଶ୍ୟକ। ଆମ ପାଠ୍ୟକ୍ରମରେ ପିଲାମାନେ ସାଧାରଣତଃ କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ପାଠ୍ୟକ୍ରମରେ କିଛି ମାତ୍ରାରେ ବିଜ୍ଞାନଭିତ୍ତିକ ପ୍ରୟୋଗ କରିବାକୁ ସୁଯୋଗ ପାଇଥାନ୍ତି; ଯାହା ଉଚ୍ଚ ପ୍ରାଥମିକ ସ୍ତରରୁ ଅଳ୍ପ ବହୁତେ ଆରମ୍ଭ ହେବା ଦରକାର। ପ୍ରତ୍ୟେକ ପଞ୍ଚାୟତ ସ୍ତରରେ ବିଜ୍ଞାନ ଓ ବୈଷୟିକର ପ୍ରଚାର ପ୍ରସାର ପାଇଁ ପ୍ରଦର୍ଶନୀ କକ୍ଷ, ଲାଇବ୍ରେରୀ ଓ ଛୋଟ ପ୍ରୟୋଗଶାଳାମାନ କରାଯାଇପାରିବ। କିଛି ଉତ୍ସାହୀ ଯୁବକଙ୍କୁ ନେଇ ଗୋଷ୍ଠୀ ଗଠନ କରି ତାହାର ରକ୍ଷଣାବେକ୍ଷଣ କରି ସେଠାରେ ପ୍ରୟୋଗାତ୍ମକ ପ୍ରତିଯୋଗିତା ଓ ନୂତନ ଉଦ୍ଭାବନ କରିବାକୁ ପ୍ରୋତ୍ସାହିତ କରାଯାଇପାରିବ। ଆଗକୁ ବଢ଼ିବାକୁ ହେଲେ ଆମକୁ ଜିଜ୍ଞାସୁ ହେବାକୁ ପଡ଼ିବ, ପ୍ରଶ୍ନ ପଚାରିବାକୁ ହେବ ଯେମିତି ନିଉଟନ ପ୍ରଶ୍ନ କରିଥିଲେ 'କାହିଁକି', ଯାହା ଆମକୁ ବିଜ୍ଞାନ ମନସ୍କ କରିବ ଓ ପ୍ରକୃତିର ବିବିଧତାକୁ ଖୋଜିବା ମାଧ୍ୟମରେ ସମାଜର ଉନ୍ନତି କରିବାରେ ସହାୟକ ହେବ। ତା'ରେ ଯାଇ ଆମ ଜୀବନକୁ ଏକ ଲକ୍ଷ୍ୟ ମିଳିବ, ଯାହା ଆମ ଜୀବନର ସାର୍ଥକତାକୁ ପ୍ରତିପାଦିତ କରିବ।

ଦଧିବାମନପୁର, କଟକ
ମୋ: ୮୦୧୮୩୪୭୩୪

## ଏଇ ଭାରତରେ

ମନୋଜ ପଟେଲ ପେସାରେ ଜଣେ କୃଷକ। ମଧ୍ୟପ୍ରଦେଶର ଦେୱାସରେ ରହନ୍ତି। କୃଷି ସହ ଜଡ଼ିତ ରହି ମଧ୍ୟ ସଡ଼କ ଦୁର୍ଘଟଣାର ଶିକାର ହୋଇଥିବା ୧୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ବଞ୍ଚାଇପାରିଛନ୍ତି। ଆଖିଠାରୁ ଆରମ୍ଭ କରି କିଡ୍‌ନୀ ଯାଏ ଦାନ କରିବାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଏହାବ୍ୟତୀତ ୧୧ ହଜାରରୁ ଊର୍ଦ୍ଧ୍ୱ ଶିଶୁଙ୍କ ଚିକିତ୍ସା ମାଗଣାରେ କରାଇବାରେ ସାହାଯ୍ୟ କରିଛନ୍ତି। 'ଅରେଞ୍ଜେସ୍' ଏନ୍‌ଜିଓ ଦ୍ୱାରା ଏହି କାର୍ଯ୍ୟ ସୁରୁଖୁରୁରେ ଚଳାଇବାରେ ସରକାରୀ ହସ୍ପିଟାଲରେ ସେ ଏକ ପାଳନ ଗୃହ ସ୍ଥାପନ କରିଛନ୍ତି। ଜନ୍ମ ପରେ ପିଲାଙ୍କୁ ପରିତ୍ୟକ୍ତ ସ୍ଥାନରେ ନ ଛାଡ଼ି ଯେଉଁମାନେ ସେଠାରେ ଛାଡୁଛନ୍ତି, ମନୋଜ ସେମାନଙ୍କୁ ସରକାରଙ୍କୁ ହସ୍ତାନ୍ତର କରୁଛନ୍ତି। ସେ ଏପର୍ଯ୍ୟନ୍ତ ଏଭଳି ୭ ଶିଶୁଙ୍କ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଛନ୍ତି। ମନୋଜ ମଧ୍ୟ ଅନେକ ଗରିବ ବିବାହଯୋଗ୍ୟ ପିଲାଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିଛନ୍ତି। ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ଚିକିତ୍ସାରେ ସାହାଯ୍ୟ କରିବା କାର୍ଯ୍ୟ ସେ ୧୨ ବର୍ଷ ପୂର୍ବେ ପ୍ରଥମେ ଆରମ୍ଭ କରିଥିଲେ। ସୋସିଆଲ ମିଡିଆରେ ତାଙ୍କ କାହାଣୀ ଶେୟାର କରିବା ପରେ ଏବେ ତାଙ୍କ ସହ ୧୫୦ ଜଣ ଲୋକ ଯୋଡ଼ି ହୋଇଛନ୍ତି ଓ ଏହି ଟିମ୍‌କୁ ସେ ହ୍ୱାଟ୍‌ସଆପ୍ ଗ୍ରୁପ ମାଧ୍ୟମରେ ଚଳାଉଛନ୍ତି। ଆଖପାଖ ଅଞ୍ଚଳରେ ତାଙ୍କ ଫୋନ୍ ନମ୍ବର ସମସ୍ତେ ଜାଣନ୍ତି। ବହୁ ସମୟରେ ସାହାଯ୍ୟ ପାଇଁ ତାଙ୍କ ପାଖକୁ କଲ୍ ଆସେ ଓ ସେ ଆମ୍ବୁଲାନ୍ସ ଏବଂ ପୋଲିସକୁ ତୁରନ୍ତ ଖବର ଦେଇଥାଆନ୍ତି। ସଡ଼କ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ହସ୍ପିଟାଲରେ ପହଞ୍ଚାଇବା ଲାଗି ସେ ତାଙ୍କ ଗାଡ଼ିକୁ ମଧ୍ୟ ଆମ୍ବୁଲାନ୍ସ ରୂପ ଦେଇଛନ୍ତି।

## ଚିରନ୍ତନୀ

ସୁନ୍ଦର ଗ୍ରାମ କାନନ ବିଲ
ଜୋଛନା ତଳେ ଭିଜିଛି ଲୀନ
ଚେତନାହୀନ ପବନ ଆଜି
ପ୍ରଦୋଷ ପଥେ କି ଉଦାସୀନ!
-(ନିଜ ଭୁଲା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଆରେ ଫର୍ମ ଉପଲବ୍ଧ ହେଉ

ମହାଶୟ,

ରେଳବାଇ ସଂରକ୍ଷଣ ଫର୍ମରେ ଓଡ଼ିଆକୁ ଗୁରୁତ୍ୱ ଦିଆଯାଉ। ପୂର୍ବରୁ ଓଡ଼ିଆରେ ଥିବାବେଳେ ବର୍ତ୍ତମାନ ବାଦ୍ ଦିଆଯାଇଛି। ରେଳବାଇ ଉଚ୍ଚ କର୍ତ୍ତୃପକ୍ଷ ଆଞ୍ଚଳିକ ଭାଷାକୁ ପ୍ରାଧାନ୍ୟଦେବା ଆବଶ୍ୟକ। ହିନ୍ଦୀ, ଇଂଲିଶ, ବଙ୍ଗଳା, ତେଲୁଗୁ ଓ ତାମିଲ ଭାଷା ଫର୍ମରେ ରହିଛି। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ଅବହେଳା କରିବା ଆଦୌ ଉଚିତ ନୁହେଁ। ସବୁ ଲୋକଙ୍କୁ ସୁହାଇବା ଭଳି ଫର୍ମ ପୂର୍ବ ପରି କରାଯାଉ। ରେଳବାଇ ପୁନର୍ବିଚାର କରନ୍ତୁ।

- ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବିଏସ୍ଏନ୍ଏଲ୍ ଅଧିକାରୀ ସଂଘର ତ୍ରୈବାର୍ଷିକ କର୍ମଶାଳା

ଭୁବନେଶ୍ୱର,୧୩।୧୨: ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍ଏନ୍ଏଲ୍)ର ମୁଖ୍ୟ ମହାପ୍ରବନ୍ଧକ ଓଡ଼ିଶା ବିଏସ୍ଏନ୍ଏଲ୍ ପରିମଣ୍ଡଳ କାର୍ଯ୍ୟାଳୟ ପରିସରରେ ସର୍ବଭାରତୀୟ ବିଏସ୍ଏନ୍ଏଲ୍ ଅଧିକାରୀ ସଂଘ ଓଡ଼ିଶା ପରିମଣ୍ଡଳର ତ୍ରୟବାର୍ଷିକ ସର୍କଲ କନ୍ଫରେନ୍ସ (କର୍ମଶାଳା) ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ ସଂଘର ନୂତନ ସର୍କଲ ସଭାପତି ଭାବେ କିଶୋର କୁମାର ବେହେରା, ସଞ୍ଜୟ କୁମାର ଶତପଥୀ (ଉପ ସଭାପତି), ସମ୍ପାଦକ ପ୍ରଶାନ୍ତ କୁମାର ରାଉତ, ସହ ସମ୍ପାଦକ (ମୁଖ୍ୟାଳୟ) ପ୍ରଦୀପ୍ତ କୁମାର ବେହେରା ଓ କୋଷାଧକ୍ଷ ଭାବେ ନାରାୟଣ ପ୍ରସାଦ ଦାସଙ୍କୁ ଚୟନ କରାଯାଇଛି। ସେହିପରି ସଂଗଠନ ସମ୍ପାଦକ ଭାବେ ଶେଖ ସାହିଦ ମହମ୍ମଦ ଓ ଯୁଗ୍ମ ସଂଗଠନ ସମ୍ପାଦକ ଭାବେ ଉମାକାନ୍ତ ସାହୁ, କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଭ୍ୟ ଭାବେ ଅମିୟ କୁମାର ଖିଲାର ଓ ସଂଘର ଅଡିଟର ଭାବେ ଜି.ନାଗରାଜୁ ମନୋନୀତ ହୋଇଛନ୍ତି। ଅପରପକ୍ଷେ ସଂଘର ଉପଦେଷ୍ଟା ଭାବେ ପ୍ରାକ୍ତନ ସହ ମହାପ୍ରବନ୍ଧକ ବେଣୁଧର ମିଶ୍ର, ସୁବାସ ଚନ୍ଦ୍ର ସାମଲ ଓ କିଶୋର ଚନ୍ଦ୍ର ଜେନାଙ୍କୁ ଚୟନ କରାଯାଇଛି।

### ୟୋନୋରେ ପ୍ରାକ୍ ମଞ୍ଜୁର ବ୍ୟକ୍ତିଗତ ଋଣ

ଭୁବନେଶ୍ୱର,୧୩।୧୨: ଭାରତୀୟ ଷ୍ଟେଟବ୍ୟାଙ୍କ(ଏସ୍ବିଆଇ)ର ଗ୍ରାହକମାନେ ୟୋନୋ ଏସ୍ବିଆଇ ଜରିଆରେ ମାତ୍ର ୪ଟି କ୍ଲିକ୍ରେ ଯେକୌଣସି ସମୟରେ ପ୍ରାକ୍ ମଞ୍ଜୁର ବ୍ୟକ୍ତିଗତ ଋଣ (ପିଏପିଏଲ୍) ହାସଲ କରିପାରିବେ। ବ୍ୟାଙ୍କର ଉତ୍ସବ ଅଫର ୨୦୨୨ ଜାନୁୟାରୀ ୩୧ ପର୍ଯ୍ୟନ୍ତ ଏହାର ପ୍ରୋସେସିଂ ଫି'କୁ ୧୦୦% ଉଚ୍ଛେଦ କରାଯାଇଛି। ଏଥିପାଇଁ କୌଣସି କାଗଜପତ୍ର ଦେବାକୁ ପଡ଼ିବନାହିଁ। ୟୋନୋ ଆପ୍ରେ ୨୪ଘଣ୍ଟିଆ ଉକ୍ତ ସୁବିଧା ଉପଲବ୍ଧ ରହିଛି। ପ୍ରାକ୍ ମଞ୍ଜୁର ବ୍ୟକ୍ତିଗତ ଋଣ ପାଇବା ଲାଗି ନିଜର ଯୋଗ୍ୟତା ଜାଣିବା ପାଇଁ ଗ୍ରାହକମାନେ ୫୬୭୬୭୬କୁ ଇଂଲିଶରେ 'ପିଏପିଏଲ୍' ଲେଖିବା ପରେ ସ୍ପେସ୍ ଦେଇ ନିଜ ଏସ୍ବିଆଇ ଖାତାର ଶେଷ ୪ଟି ସଂଖ୍ୟା ଲେଖି ଉକ୍ତ ନମ୍ବରରେ ମେସେଜ ପଠାଇପାରିବେ।

# ସେନ୍ସେକ୍ସ ୫୦୦ପଏଣ୍ଟ ଖସିଲା

ମୁମ୍ବାଇ,୧୩।୧୨



ଓମିକ୍ରନ୍-ମୁଦ୍ରାନୀତିର ପ୍ରଭାବ

ସାରା ବିଶ୍ୱ ଏପରିକି ଭାରତରେ ମଧ୍ୟ କୋଭିଡ୍ ସଂକ୍ରମଣର ନୂତନ ଭାରିଆଣ୍ଟ ଓମିକ୍ରନ୍ର ଭୟ ରହିଛି। ସେହିଭଳି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍ବିଆଇ)ର ନୂତନ ମୁଦ୍ରାନୀତି ପ୍ରଭାବ ଶେୟାର ବଜାର ଉପରେ ପରୋକ୍ଷ ଭାବେ ପଡ଼ିଛି ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ସୋମବାର ଶେୟାର ବଜାର ଆରମ୍ଭରୁ ଭଲ କାରବାର କରୁଥିବା ବେଳେ ଅପରାହ୍ନରେ ଏହା ତଳମୁହାଁ ରହିଥିଲା। ଫଳରେ ବଜାର କାରବାରରେ ବ୍ୟାପକ ହ୍ରାସ ପରିଲକ୍ଷିତ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସୂଚନା ଅନୁସାରେ ଡିସେମ୍ବର ୧୩ରେ ସେନ୍ସେକ୍ସ ୫୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇ ୫୮,୨୮୩ ଅଙ୍କରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟିର ଇଣ୍ଡେକ୍ସ ମଧ୍ୟ ୧୪୩ ଅଙ୍କ ହ୍ରାସ ଘଟି ୧୭,୩୬୮ ପଏଣ୍ଟରେ ରହିଛି। ସେନ୍ସେକ୍ସର ଶ୍ରେଷ୍ଠ ୩୦ଟି ଶେୟାର ମଧ୍ୟରୁ ପ୍ରାୟ ଷ୍ଟକ୍ ଲାଲ ସଙ୍କେତରେ ବନ୍ଦ ହୋଇଥିବା ବେଳେ କେବଳ ଆକ୍ସିସ ବ୍ୟାଙ୍କ , ଟେକ୍ ମହିନ୍ଦ୍ରା ପ୍ରାୟ ୩% ଅଭିବୃଦ୍ଧି କରିଥିବା ବେଳେ ପାୱାର ଗ୍ରୀଡ୍ ଏବଂ ମାରୁତି ଭଳି କମ୍ପାନୀର ଶେୟାର ମୂଲ୍ୟ ବୃଦ୍ଧି ପାଇବା ସାଙ୍ଗକୁ ସୋମବାର ବଜାରର ଲାଭକାରୀ କମ୍ପାନୀ ଭାବେ ଗଣା ହୋଇଛନ୍ତି। ସେହିପରି ବଜାଜ ଫାଇନାନ୍ସ ଓ ଫନ୍ସର୍ଭେର ଶେୟାର ସର୍ବାଧିକ ୩% ହ୍ରାସ ପାଇଛି। ଅପରପକ୍ଷରେ ରିଲାଏନ୍ସ ଇଣ୍ଡଷ୍ଟ୍ରିର ଶେୟାର ପ୍ରାୟ ୨%, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଏସ୍ବିଆଇ, ନେସ୍ଲେ,ଏଚ୍ଡିଏଫ୍ସି ବ୍ୟାଙ୍କ, କୋଟାକ ବ୍ୟାଙ୍କ, ଟାଟା ଷ୍ଟିଲ ଓ ହିନ୍ଦୁସ୍ଥାନ ୟୁନିଲିଭର ଭଳି ପ୍ରମୁଖ କମ୍ପାନୀର ଶେୟାର ମୂଲ୍ୟ ବ୍ୟାପକ ପରିମାଣରେ ହ୍ରାସ ଘଟିଛି। ସେକ୍ଟୋରିଆଲ ଇଣ୍ଡେକ୍ସ କଥା କହିବାକୁ ଗଲେ ସୋମବାର ପ୍ରାୟ ସେକ୍ଟର ମୂଲ୍ୟ ହ୍ରାସ ପାଇଛି। ବ୍ୟାଙ୍କ, ଅଟୋ, ଏଫ୍ଏମ୍ସିଜି, ଆଇଟି, ମେଟାଲ, ଫାର୍ମା, ପିଏସ୍ୟୁ, ବ୍ୟାଙ୍କ, ଘରୋଇ ବ୍ୟାଙ୍କ, ହେଲ୍ଥ କେୟାର ଏବଂ ଅଏଲ ଓ ଗ୍ୟାସ୍ ସମସ୍ତ କାରବାର ଲାଲ୍ ସଙ୍କେତ ସହ ବନ୍ଦ ହୋଇଛି।

## ଦିନିକିଆ ଆୟୁର୍ବେଦୀୟ ଚିକିତ୍ସା କର୍ମଶାଳା



କଟକ,୧୩।୧୨

ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ଚିକିତ୍ସାଳୟ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କଟକର ମିଳିତ ସହଯୋଗରେ ଦିନିକିଆ ରାଷ୍ଟ୍ରୀୟସ୍ତରରେ କ୍ରମାଗତ ଡାକ୍ତରୀ ଶିକ୍ଷା (ସିଏମ୍ଇ) କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ହୃଦ୍ରୋଗ, ମଳକଷ୍ଟକ, ରକ୍ତସିକୁଳି ରୋଗ ଭଳି ଅନେକ ଦୀର୍ଘଦିନର ବ୍ୟାଧିର କାରଣ ଓ ନିରାକରଣ ଜନିତ ଶିକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଡା. ବି.ଆର୍. ଶର୍ମା, ପ୍ରଫେସର ଡା. ପ୍ରଦୀପ କୁମାର ପଣ୍ଡା, ପ୍ରଫେସର ଡା. ଦୁର୍ଗାପ୍ରସାଦ ଦାଶ, ପ୍ରଫେସର ଡା. ଚତୁର୍ଭୁଜ ଭୂୟାଁ, ପ୍ରଫେସର ଡା. କ୍ଷୀରାବ୍ଧୀ ତନୟା ରାଉତରାୟ, ଡା. ରାଜେଶ ମହାରଥା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏକଦିବସୀୟ ଏହି କର୍ମଶାଳାରେ ଓଡ଼ିଶାର ସମସ୍ତ ଆୟୁର୍ବେଦିକ ମହାବିଦ୍ୟାଳୟ ଓ ରାଜ୍ୟ ବାହାର ଆୟୁର୍ବେଦିକ ବିଦ୍ୟାଳୟର ଛାତ୍ରୀଛାତ୍ର, ବୈଦ୍ୟ, ଡାକ୍ତର, ଗବେଷକ ଓ ଆୟୁର୍ବେଦିକ ଶିଳ୍ପ ସଂଗଠନର ପ୍ରତିନିଧିମାନେ ଭାଗନେଇଥିଲେ। ମହାବିଦ୍ୟାଳୟ ଓ ଚିକିତ୍ସାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀବୃନ୍ଦ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଚିକିତ୍ସାଳୟର ମୁଖ୍ୟ ଅଧିକାରୀ ପ୍ରଫେସର ଦୁର୍ଗାପ୍ରସାଦ ଦାଶ ଧନ୍ୟବାଦ ଅଭିଭାଷଣ ଅର୍ପଣ କରିଥିଲେ।

## ଆଇସିଏସ୍ଆଇର ବିବିଧ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୩।୧୨




ଇନ୍ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ ଅଫ୍ ଇଣ୍ଡିଆ (ଆଇସିଏସ୍ଆଇ) ପକ୍ଷରୁ ତା'ର ପୂର୍ବାଞ୍ଚଳର ଦ୍ୱିବାର୍ଷିକ ଦୀକ୍ଷାନ୍ତ ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟ ୨୦୨୧-୨୨ ଆର୍ଥିକ ବର୍ଷ ସ୍ଥାନୀୟ କଳିଙ୍ଗ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି(କିଟ୍) ପରିସରରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସୋଆର କୁଳପତି ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଇସିଏସ୍ଆଇ ସଭାପତି ନରେନ୍ଦ୍ର ଡି. ରାଓ ଉତ୍ସବରେ ଅଧ୍ୟକ୍ଷତା କରି ଛାତ୍ରୀଛାତ୍ରଙ୍କୁ କହିଥିଲେ, ଚରିତ୍ର ଖରାପ ହେଲେ, ଅର୍ଥ ମଧ୍ୟ କିଛି ବି କାର୍ଯ୍ୟରେ ଆସିବ ନାହିଁ। ଆଇସିଏସ୍ଆଇ ଚେୟାରମ୍ୟାନ୍ ସୁଧୀର କୁମାର ବାଣଥିୟା ସ୍ୱାଗତ ଭାଷଣ ପ୍ରଦାନ ସହ ପ୍ରଥମ ଥର ଲାଗି ଭୁବନେଶ୍ୱରରେ ଅନୁଷ୍ଠାନର ସମାବର୍ତ୍ତନ କାର୍ଯ୍ୟକ୍ରମ ହେଉଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇସିଏସ୍ଆଇ କାଉନସିଲ୍ ସଦସ୍ୟ ସୁଦୀପ କୁମାର କେଜ୍ରିୱାଲ୍, ଦୀପକ କୁମାର ଖେତାନ୍ ପ୍ରମୁଖ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ପରିଶେଷରେ ସିଏସ୍ର ସଚିବ ଆଶିଷ ମୋହନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଆଇସିଏସ୍ଆଇର ଭୁବନେଶ୍ୱର ଚାପ୍ଟରରେ ଆୟୋଜନ କରାଯାଇଥିବା ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଇସିଏସ୍ଆଇ ସଭାପତି ନରେନ୍ଦ୍ର ଡି ରାଓ କହିଥିଲେ, ସିଏସ୍ର ସମାବର୍ତ୍ତନ ଉତ୍ସବ ବ୍ୟତୀତ ଶିକ୍ଷାକୁ ନେଇ ସୋଆ ବିଶ୍ୱବିଦ୍ୟାଳୟ ସହିତ ଆଇସିଏସ୍ଆଇ ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରାଯାଇଛି। ସେହିଭଳି ଭୁବନେଶ୍ୱରରେ ସ୍ଥାପନ କରାଯାଇଥିବା ସୌରଶକ୍ତି ପ୍ରକଳ୍ପକୁ ମଧ୍ୟ ଏହି ଅବସରରେ ଉଦ୍ଘାଟନ କରାଯାଇଥିଲା। ଚଳିତ ବର୍ଷ ସାରା ଦେଶରେ ୩ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର କମ୍ପାନୀ ସେକ୍ରେଟାରି ପାଠ୍ୟକ୍ରମରେ ନାମ ଲେଖାଇଛନ୍ତି। ସେଥିରୁ ଓଡ଼ିଶାର ପ୍ରାୟ ୩୦୦୦ ଛାତ୍ରୀଛାତ୍ର ଅଛନ୍ତି। ସାରା ଦେଶରେ ଆଇସିଏସ୍ଆଇର ୬୭ ହଜାର ସଦସ୍ୟ ଥିବା ବେଳେ ଓଡ଼ିଶାରେ ୩୦୦ରୁ ଅଧିକ ରହିଛନ୍ତି। ଓଡ଼ିଶାରେ ସିଏସ୍ର ୭ଟି ଷ୍ଟଡିସେଣ୍ଟର ରହିଥିବା ଜଣାପଡିଛି। ନିକଟରେ ୟୁଜିସି ପକ୍ଷରୁ ସିଏସ୍ ପାଠ୍ୟକ୍ରମକୁ ପିଏଚ୍.ଡି. ସ୍ତରର ପାଠ୍ୟକ୍ରମ ଭାବେ ମାନ୍ୟତା ଦିଆଯାଇଛି ବୋଲି ରାଓ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ଭୁବନେଶ୍ୱର ଚାପ୍ଟରର ରାଜେନ୍ଦ୍ର କୁମାର କର ଧନ୍ୟବାଦ ଅଭିଭାଷଣ ଦେଇଥିଲେ।

## ଟାଟା ଷ୍ଟିଲ୍ ଫାଉଣ୍ଡେଶନର କୋଭିଡ୍ ଟିକାକରଣ ଅଭିଯାନ

ଭୁବନେଶ୍ୱର,୧୩।୧୨

କରୋନା ମହାମାରୀର ପ୍ରଭାବ ଦୂରକରିବା ପାଇଁ ଟିକାକରଣ ବର୍ତ୍ତମାନ ପ୍ରମୁଖ ଅସ୍ତ୍ର ବୋଲି କୁହାଯାଉଛି। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଟାଟା ଷ୍ଟିଲ୍ ଫାଉଣ୍ଡେଶନ ଯାଜପୁର ଜିଲା ପ୍ରଶାସନ ସହଯୋଗରେ ଏକ ଗୋଷ୍ଠୀ ଟିକାକରଣ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ଗୁଆଳି ଓ ମାଳଦା ଗ୍ରାମପଞ୍ଚାୟତ ଅଧୀନରେ ଆସୁଥିବା ଗଣ୍ଡଲପଡ଼ା ଓ କଲମୋଙ୍ଗ୍ ଗ୍ରାମରେ ବସବାସ କରୁଥିବା ଲୋକମାନଙ୍କୁ ସହାୟତା ପ୍ରଦାନ କରିବା ଲାଗି ଫାଉଣ୍ଡେଶନ ପକ୍ଷରୁ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ଅଭିଯାନ ଚଳିତ ମାସ ୬ ତାରିଖରୁ ମାଳଦା ପଞ୍ଚାୟତ ଭବନ ପରିସରରେ ଆରମ୍ଭ କରାଯାଇଛି। ଏହା ଜରିଆରେ ବର୍ତ୍ତମାନ ସୁଦ୍ଧା ୨୭୫ରୁ ଊର୍ଦ୍ଧ୍ୱ ଲୋକଙ୍କୁ କୋଭିଡ୍-୧୯ ଟିକା ଦିଆଯାଇଛି। ସ୍ଥାନୀୟ ଅଞ୍ଚଳରେ ସମାନ ସୁଯୋଗ ସୃଷ୍ଟି କରିବା ସହ ଗୁଣାତ୍ମକ ଜୀବନମାନ ବଜାୟ ରଖିବା ହେଉଛି ଟାଟା ଷ୍ଟିଲ୍ ଫାଉଣ୍ଡେଶନର ମୂଳମନ୍ତ୍ର ବୋଲି କଲମୋଙ୍ଗ ଓ ଗନ୍ଦଲପଡ଼ାର ଟାଟା ଷ୍ଟିଲ୍ ସିଏସ୍ଆର୍ ଡିଭିଜନର ୟୁନିଟ୍ ମୁଖ୍ୟ ସଞ୍ଜୟ ସର୍ଦ୍ଦାର କହିଛନ୍ତି।

## ଏନ୍ଟିପିସି ପକ୍ଷରୁ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୩।୧୨

ଶକ୍ତି ସଂରକ୍ଷଣ-୨୦୨୧ ବିଷୟବସ୍ତୁ ଉପରେ ଆଧାରିତ ରାଜ୍ୟସ୍ତରୀୟ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତାର ପୁରସ୍କାର ବିତରଣ ସମାରୋହ ନିକଟରେ ସ୍ଥାନୀୟ ଇନ୍ଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟର୍ସ ପରିସରରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଏନ୍ଟିପିସି ପୂର୍ବାଞ୍ଚଳ-୨ ମୁଖ୍ୟାଳୟର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ.କେ.ଗୋସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ ପ୍ରଦୀପ କୁମାର ନାୟକ ଓ ସୌଦାମିନୀ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ନିମନ୍ତେ ଏନ୍ଟିପିସି ପୂର୍ବ-୨ ମୁଖ୍ୟାଳୟ ଓ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ବ୍ୟୁରୋ ଅଫ୍ ଏନର୍ଜି ଏଫ୍ସିଏସି ସହିତ ମିଳିତ ଭାବେ ଏହି ପ୍ରତିଯୋଗିତାକୁ ସଂଯୋଜନା କରାଯାଇଛି। ଦେଶରେ ଶକ୍ତି ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ନିମନ୍ତେ ଶକ୍ତି ମନ୍ତ୍ରଣାଳୟ ଏଭଳି ସଚେତନତା ଅଭିଯାନ ଆରମ୍ଭ କରିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ପରିଶେଷରେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ କ ବିଭାଗ (୫ମ ରୁ ୭ମ ଶ୍ରେଣୀ)ରୁ ୩ ଜଣ ଖ ବିଭାଗ (୮ମ ରୁ ୧୦ମ ଶ୍ରେଣୀ)ରୁ ୩ ଜଣ ପୁରସ୍କାର ଜିତିଥିଲେ। ପ୍ରତ୍ୟେକ ବର୍ଗରେ ୧୦ଟି ସାନ୍ତ୍ୱନାମୂଳକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଏନ୍ଟିପିସିର ମହାପ୍ରବନ୍ଧକ (ମାନବ ସମ୍ବଳ) ରଜନୀଶ ରସ୍ତୋଗୀ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଏନ୍ଟିପିସିର ଅତିରିକ୍ତ ମହାପ୍ରବନ୍ଧକ (ମାନବ ସମ୍ବଳ) ଡ. ଦେବସ୍ମିତା ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

ଫୁର୍ସତ୍

# ଆବଶ୍ୟକ ଦୃଢ଼ ସଂକଳ୍ପ



### ଜାତୀୟ ଶକ୍ତି ସଂରକ୍ଷଣ ଦିବସ

ଜଳବାୟୁ ପରିବର୍ତ୍ତନ ଦ୍ୱାରା ସାଂଘାତିକ ଭାବେ ପାରମ୍ପରିକ ଶକ୍ତିର ଉତ୍ସ କ୍ଷୟ ହେବାରେ ଲାଗିଛି। ଏହାର ମୁକାବିଲା ସହ ଶକ୍ତି ସଂରକ୍ଷଣ ବର୍ତ୍ତମାନ ସମସ୍ତଙ୍କ ପାଇଁ ଆହ୍ୱାନ। ଏହାକୁ ଲକ୍ଷ୍ୟରେ ରଖି ୧୪ ଡିସେମ୍ବରରେ ପାଳିତ ହେଉଛି ଜାତୀୟ ଶକ୍ତି ସଂରକ୍ଷଣ ଦିବସ। ଶକ୍ତି କ୍ଷୟ ରୋକିବା ଓ ଏହାର ସୁବିନିଯୋଗ, ଦୈନନ୍ଦିନ ଜୀବନରେ ଶକ୍ତିର ଉପଯୋଗ ଏବଂ ପରିବେଶ ଉପରେ ଏହାର ପ୍ରଭାବ ସମ୍ପର୍କରେ ସଚେତନ ହେବା ଜରୁରୀ ହୋଇପଡ଼ିଛି। ଶକ୍ତିର ଅଭାବ ଯୋଗୁ ଆଗାମୀ ପିଢ଼ି ପାଇଁ ଉପୁଜିବାକୁ ଯାଉଥିବା ସମସ୍ୟା ଉପରେ ସମୀକ୍ଷା ସହ ଶକ୍ତି ସଂରକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ ହିଁ ଏହି ଦିବସର ଲକ୍ଷ୍ୟ। ଶକ୍ତିର ସବୁ ଉତ୍ସକୁ ସଂରକ୍ଷଣ କରିବା ସମସ୍ତଙ୍କର ଦାୟିତ୍ୱ। ଏବେ ଆଜାଦି କା ଅମୃତ ମହୋତ୍ସବ ଅବସରରେ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଶକ୍ତି ସଂରକ୍ଷଣ ସପ୍ତାହ ଚଳିତ ମାସ ୮ରୁ ୧୪ ପର୍ଯ୍ୟନ୍ତ ପାଳିତ ହେଉଛି। ଏଥିରେ ବିଭିନ୍ନ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଥିବାବେଳେ ଶକ୍ତି ସଂରକ୍ଷଣ ସମ୍ପର୍କରେ ସଚେତନ କରାଯାଉଛି। ଅପରପକ୍ଷରେ ଶକ୍ତିର ଅପବ୍ୟବହାର ବିଶ୍ୱତାପନ ବୃଦ୍ଧି କରୁଛି ଯଦ୍ୱାରା ବିଶ୍ୱ ଜୀବନ ଶୂନ୍ୟ ହେବାର ଆଶଙ୍କା ଉପୁଜିଛି। ଏହାସହ ପାରମ୍ପରିକ ଶକ୍ତିକୁ ଧରି ରଖିଥିବା ସବୁ ଉତ୍ସ ମଧ୍ୟ ନଷ୍ଟ ହେବାରେ ଲାଗିଛି। ଆଧୁନିକ ଜୀବନ ଲାଗି ଶକ୍ତିକୁ ବେଖାତିର ଭାବେ ଉପଯୋଗ କରିବାରେ ଲାଗିଛେ। ଏହି ଉତ୍ସ ବାସ୍ତବରେ ସମାଜର ବିକାଶ ଲାଗି ଉଦ୍ଦିଷ୍ଟ। ଖାଦ୍ୟ, ଆଶ୍ରୟ, ପୋଷାକ, ପାଣି, ପରିମଳ, ଔଷଧ, ପରିବହନ, ଶିଳ୍ପ, ତଥ୍ୟ ହାସଲ କରିବାରେ ବି ଶକ୍ତିକୁ ବିପଜ୍ଜନକ ଭାବେ ବ୍ୟବହାର କରାଯାଉଛି। କୋଇଲା, ପେଟ୍ରୋଲ, ଆଣବିକ ଶକ୍ତି ନିର୍ଦ୍ଦିଷ୍ଟ ପରିମାଣରେ ଏକ ସୀମିତ ସମୟ ଲାଗି ରହିଛି। ଏଣୁ ଆଗାମୀ ପିଢ଼ି ଲାଗି ବିକଳ୍ପ ଶକ୍ତି ବ୍ୟବସ୍ଥା କରାଯିବା ଆବଶ୍ୟକତା ରହିଛି। ଏଥି ପାଇଁ ସମସ୍ତଙ୍କୁ ଚିନ୍ତା କରିବାକୁ ପଡ଼ିବ। ଦୃଢ଼ ସଂକଳ୍ପ ନେଇ ଶକ୍ତିର ଅଯଥା ଉପଯୋଗ ନ କରି ସଂରକ୍ଷଣ ଉପରେ ଗୁରୁତ୍ୱ ଦେବାକୁ ହେବ।



## ପୋଲିସରେ ହାଜର ହେବାକୁ ନିର୍ଦ୍ଦେଶ

ମୁମ୍ବାଇ

ଅଭିନେତ୍ରୀ କଙ୍ଗନା ରାନାୱତଙ୍କ ବିରୋଧରେ ଦାଖଲ ହୋଇଥିବା ଏଫଆଇଆର ଶୁଣାଣି ବେଳେ ମୁମ୍ବାଇ ହାଇକୋର୍ଟ ତାଙ୍କୁ ଡିସେମ୍ବର ୨୨ ପୂର୍ବରୁ ମୁମ୍ବାଇ ପୋଲିସ ସମ୍ମୁଖରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। କୃଷି ଆଇନ ପ୍ରତ୍ୟାହାର ପରେ ଅଭିନେତ୍ରୀ ସୋସିଆଲ ମିଡିଆରେ ଲେଖିଥିଲେ ଯେ, 'ଖଲିସ୍ତାନୀ ଆତଙ୍କବାଦୀମାନେ ହୁଏତ ଆଜି ସରକାରଙ୍କ ବାହୁକୁ ମୋଡ଼ି ଦେଇଛନ୍ତି, କିନ୍ତୁ ଏହା ଭୁଲିଯିବା ଉଚିତ ନୁହେଁ ଯେ ଜଣେ ମହିଳା ପ୍ରଧାନମନ୍ତ୍ରୀ ସେମାନଙ୍କୁ ଦଳି ଦେଇଥିଲେ। ଏହି କାରଣରୁ ଦେଶକୁ କେତେ ଯେ କ୍ଷତି ନ ହୋଇଛି'। ଏହି ବିବୃତ୍ତି ପରେ କଙ୍ଗନାଙ୍କ ବିରୋଧରେ ସ୍ୱର ଉଠିବା ସହ ଏଫଆଇଆର୍ ଦାଖଲ କରାଯାଇଥିଲା। କଙ୍ଗନାଙ୍କ ଏପରି କାର୍ଯ୍ୟକଳାପରେ ୟୁଜରମାନେ ସୋସିଆଲ ମିଡିଆରେ ତାଙ୍କୁ ଟ୍ରୋଲ କରିଥିଲେ। କଙ୍ଗନା ତୁରନ୍ତ ପଦ୍ମଶ୍ରୀ ଫେରାନ୍ତୁ ବୋଲି ମଧ୍ୟ ବିଭିନ୍ନ ମହଲରୁ ଦାବି ଉଠିଥିଲା।

## ୧୫ ବର୍ଷ ସାନ ପ୍ରେମିକଙ୍କୁ ଦାମୀ ଉପହାର

ୱାଶିଂଟନ୍: ଆମେରିକାର ଜଣେ ୪୪ ବର୍ଷୀୟା ମହିଳା ତାଙ୍କଠାରୁ ୧୫ ବର୍ଷ ସାନ ପ୍ରେମିକଙ୍କୁ ଏକ ଦାମୀ କାର୍ ଗିଫ୍ଟ ଦେବାକୁ ବୁକ୍ କରିଛନ୍ତି। ଜୁଲି ନାମକ ଏହି ମହିଳା ତାଙ୍କ ପ୍ରେମିକ ଜ୍ୟାକ୍ଙ୍କ ପାଇଁ ସବୁବେଳେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ଉଡ଼ାଇ ଦିଅନ୍ତି। ଏହା ବଦଳରେ ତାଙ୍କ ପ୍ରେମିକ ଘରର ସମସ୍ତ କାମ କରନ୍ତି। ଜୁଲି ଖ୍ରୀଷ୍ଟମାସ ଉପଲକ୍ଷେ ଜ୍ୟାକ୍ଙ୍କୁ ଏକ ଦାମୀ କାର୍ ଉପହାର ଦେବାକୁ ଯୋଜନା କରିଥିଲେ। ଏଥିପାଇଁ ସେ ଏକ ସ୍ପୋର୍ଟର୍ସ ରେଞ୍ଜ ରୋଭର କାର୍ ବୁକ୍ କରିଛନ୍ତି। ଯାହାର ଦାମ ୨ କୋଟିରୁ ଅଧିକ। ଜୁଲି କୁହନ୍ତି, ସେ ଜ୍ୟାକ୍ଙ୍କ ସହିତ ବାହାମସକୁ ଛୁଟି ମନାଇବାକୁ ଯାଇଥିଲେ। ଦୁହେଁ ଖୁବ ଶୀଘ୍ର ବ୍ରାଜିଲ ବୁଲିବାକୁ ଯିବେ। ସେମାନେ ବୁଲିବାକୁ ଖୁବ ଭଲ ପାଆନ୍ତି। ଏକ ସାକ୍ଷାତକାରରେ ଜୁଲି କହିଛନ୍ତି, ଗତବର୍ଷ ଏକ ଡେଟିଂ ଆପ୍ରେ ଜ୍ୟାକ୍ଙ୍କ ସହ ଭେଟ ହୋଇଥିଲା। ସେବେଠାରୁ ସେମାନେ ବିଳାସପୂର୍ଣ୍ଣ ଟ୍ରିପ୍ରେ ଯାଉଛନ୍ତି। ଏହି ଯୋଡ଼ି ବହୁବାର ବିଦେଶ ଯାତ୍ରା କରିଛନ୍ତି। ଜୁଲି ବିବାହିତ ହୋଇଥିବା ବେଳେ ତାଙ୍କର ଦୁଇ ପିଲା ଅଛନ୍ତି। ଯାହାଙ୍କ ବୟସ ୧୮ ଏବଂ ୨୧ ବର୍ଷ।

## ବରଫ ଆଚ୍ଛାଦିତ ହ୍ରଦରୁ କୁକୁର ଉଦ୍ଧାର



ମାଡ୍ରିଡ୍: ପଶୁପକ୍ଷୀ ଉଦ୍ଧାର ହେବାର ଭିଡିଓ ସୋସିଆଲ ମିଡିଆରେ ଅନେକ ସମୟରେ ଚର୍ଚ୍ଚାରେ ରହିଥାଏ। ଏବେ ସେମିତି ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ଦୁଇଜଣ ପୋଲିସ କର୍ମଚାରୀ ଗୋଟିଏ କୁକୁରକୁ ବରଫରୁ ଉଦ୍ଧାର କରୁଥିବା ଦେଖିବାକୁ ମିଳିଛି। ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ପରେ ଲୋକମାନେ ଏହାକୁ ବହୁତ ପସନ୍ଦ କରୁଛନ୍ତି। କୁକୁରକୁ ବଞ୍ଚାଇ ଏହି ବ୍ୟକ୍ତି ବିଶ୍ୱବାସୀଙ୍କ ମନ ଜିତିଛନ୍ତି। ଏହି ଭିଡିଓଟି ଅଧିକ ଲୋକପ୍ରିୟ ହେବାରେ ଲାଗିଛି, ଯାହା ସ୍ପେନର ଉତ୍ତର ଅଞ୍ଚଳର ବୋଲି କୁହାଯାଉଛି। କୁକୁରଟିକୁ ଉଦ୍ଧାର କରିବା ପାଇଁ ଦୁଇ ପୋଲିସ କର୍ମଚାରୀ ବରଫ ଆଚ୍ଛାଦିତ ହ୍ରଦରେ ପଶୁଛନ୍ତି। ପରେ ହ୍ରଦରେ ଫସି ରହିଥିବା କୁକୁରକୁ ଉଦ୍ଧାର ପାଇଁ ପୋଲିସ କର୍ମଚାରୀ ଚେଷ୍ଟା କରୁଛନ୍ତି। ଏହି ଘଟଣା ବିଷୟରେ ସ୍ପେନ ପୋଲିସ କହିଛି ଯେ, କୁକୁରଟି ପୂର୍ବ ସ୍ପେନର ଏକ ହ୍ରଦରେ ଦୀର୍ଘ ଘଣ୍ଟା ଧରି ଫସି ରହିଥିଲା, ଯାହାକୁ ଦୁଇ ପୋଲିସ ଉଦ୍ଧାର କରିଥିଲେ।


## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



୰ମହୀୟସୀ କମଳିନୀ ଦେବୀ

ଚକିବାଙ୍କ, ରାଜନଗର, କେନ୍ଦ୍ରାପଡ଼ା

ବନ୍ଦନୀୟା ବୋଉ, ଆପଣ ଚାଲି ଯିବାର ଦୁଇ ବର୍ଷ ହୋଇଗଲାଣି। ଆପଣଙ୍କ ଅବର୍ତ୍ତମାନରେ ଏବେବି ଆମ ଘର ଶୂନ୍ୟତା ପୂରଣ ହୋଇପାରିନି। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଶୁଭ ଆଶୀର୍ବାଦ ଆମ ସ୍ମୃତିରେ ଅଲିଭା ଗାର ହୋଇ ରହିଛି। ତାରାଲୋକରେ ଆପଣ ଥାଇ ଆମକୁ କଲ୍ୟାଣ ବାଢ଼ି ଦିଅନ୍ତୁ। ପ୍ରଭୁ ଆପଣଙ୍କ ଆତ୍ମାର ସଦ୍ ଚିନ୍ତନରେ ରଖିଥାନ୍ତୁ।

ଶୋକସନ୍ତପ୍ତ: ପୁତ୍ର: କୃଷ୍ଣଚନ୍ଦ୍ର ବିଶ୍ୱାଳ, ବିଦ୍ୟାଧର ବିଶ୍ୱାଳ, ସର୍ବେଶ୍ୱର ବିଶ୍ୱାଳ, କେଦାର ଚୌଧୁରୀ ବିଶ୍ୱାଳ, ଲଲାଟ କେଶରୀ ବିଶ୍ୱାଳ, ସମ୍ରାଟ କେଶରୀ ବିଶ୍ୱାଳ, ବୋହୂ: ପଙ୍କଜିନୀ, ଜୟଶ୍ରୀ, କବିତା, ବିଶ୍ୱଭାରତୀ, ଝିଅ: ସତ୍ୟଭାମା, ସାବିତ୍ରୀ, ସ୍ୱାଧୀନ, ସବିତା, ନାତି: ଶଶାଙ୍କ, ନିଶାଙ୍କ, ରିୟାଂସ, ଗୌରୀ ଶଙ୍କର, ଜ୍ୟୋତି ଶଙ୍କର, ଜ୍ଞାନ ଶଙ୍କର, ରିଙ୍କୁ, ନାତୁଣୀ: ଇନ୍ଦିରା ପ୍ରିୟଦର୍ଶିନୀ, କେଟି, ଟୁକୁ, ସୌଭାଗ୍ୟଲକ୍ଷ୍ମୀ, ପିଙ୍କି, ବନ୍ଧୁ ଓ ବିଶ୍ୱାଳ ପରିବାରବର୍ଗ।

ଧ-୨୨୫୪୦

### First Shradha Barsiki



In the loving memory of
Dr. Jagannath Mishra and Mrs. Indu Prabha Mishra

Next to God,
Thy Parents.
Maa Baba,
You don't go away
You walk beside us
everyday Unseen Unheard,
but always near Forever
missed...
Never forgotten...
Always loved...

-: Grief Stricken :-
Tutu & family

ଧ-୬୨୩୦୯

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସତ୍ୟାନନ୍ଦ ଦାସ

ଆବିର୍ଭାବ: ୧୯୫୬
ତିରୋଧାନ: ୨୪।୧୨।୨୦୨୦

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଆପଣ ଆମ ସମସ୍ତଙ୍କୁ ଛାଡ଼ି ଚାଲିଗଲେ। ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆଉ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ।

ଆପଣଙ୍କ ଶୋକସନ୍ତପ୍ତ ପରିବାରବର୍ଗ: ସ୍ତ୍ରୀ: ଗୀତା, ଝିଅ: ମୁନା, ଟିକି, ଜ୍ୱାଇଁ: ଚିକୁ, ଚିନୁ, ପୁତ୍ର: ଗଇନ, ବୋହୂ: ମାନି, ନାତି/ନାତୁଣୀମାନେ: ଚିରାଗ, କୀର୍ତ୍ତୀ, କୌଶିକ, ରିଷିଭ, ଆର୍ଜୁ, ସାନୁ ଓ ସମସ୍ତ ପରିବାରବୃନ୍ଦ।

ଧ-୨୨୫୩୮

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

BALAJI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍ଲାଇନ୍ ସୁବିଧା।
Mudra Finance
Mob. 8987604637
Whatsapp: 8902923601

କେମିତି ମଦ ଛାଡିବେ
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ୍, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ୍, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାକ, ବସ୍ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ. ସରକାରୀ ବସ୍ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ମଙ୍ଗଳବାର, ଡିସେମ୍ବର ୧୪/୨୦୨୧ Rayagada, Tuesday, December 14/ 2021

# ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଫୁଟ୍‌ବଲ ଆରମ୍ଭ

ଭୁବନେଶ୍ୱର, ୧୩।୧୨
(କ୍ରୀଡ଼ା ପ୍ରତିନିଧି)


ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଖେଳାଳିମାନେ।

ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ସହଯୋଗରେ କିସ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଫୁଟବଲ ଟୁର୍ନାମେଣ୍ଟ ସୋମବାର ଆରମ୍ଭ ହୋଇଛି। କିଟ୍ ଓ କିସ୍‌ର ଫୁଟବଲ ଷ୍ଟାଡିୟମରେ ଏହି ପ୍ରତିଯୋଗିତା

**କିଟ୍, କିସ୍, ଉତ୍କଳ ବିଶ୍ୱବିଦ୍ୟାଳୟର ବିଜୟ ଅଭିଯାନ**

୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। କିଟ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସ୍ ଚାନ୍ସେଲର ସସ୍ମିତା ସାମନ୍ତ, ରେଜିଷ୍ଟ୍ରାର ଜୟନ୍ତ ରଞ୍ଜନ ମହାନ୍ତି, ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ତଥା ଓଡ଼ିଶା ମହିଳା ଫୁଟବଲ ଦଳର ମୁଖ୍ୟ କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ୨୫ଟି ବିଶ୍ୱବିଦ୍ୟାଳୟର ମୋଟ ୫୩୦ଜଣ ଏଥିରେ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ୧୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥି ମଧ୍ୟରେ ରେୱାର ଅବଧେଶ ପ୍ରତାପ ସିଂ ବିଶ୍ୱବିଦ୍ୟାଳୟ ବିପକ୍ଷରେ କିଟ୍, ଗୁଆହାଟୀ ବିଶ୍ୱବିଦ୍ୟାଳୟ ବିପକ୍ଷରେ କିସ୍ ଏବଂ ଛତିଶଗଡ଼ର ସନ୍ତ ଗହିରା ଗୁରୁ ବିଶ୍ୱବିଦ୍ୟାଳୟ ବିପକ୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ବିଜୟ ହାସଲ କରିଥିବା ବିଶ୍ୱବିଦ୍ୟାଳୟଗୁଡ଼ିକର ଖେଳାଳିଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇବା ସହ ଆଗାମୀ ମ୍ୟାଚଗୁଡ଼ିକ ପାଇଁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଜାତୀୟ ସିନିୟର ଟେନିସ: ସନ୍ତୋଷ ରନର୍ସ ଅପ୍

ଭୁବନେଶ୍ୱର, ୧୩।୧୨
(କ୍ରୀଡ଼ା ପ୍ରତିନିଧି)


ଟ୍ରଫି ସହ ସନ୍ତୋଷ ମଲିକ।

ହାଇଦ୍ରାବାଦର ଏଲ.ବି. ଷ୍ଟାଡିୟମରେ ରବିବାର ଉଦ୍‌ଯାପିତ ଜି.ଭି.କେ. ଏଆଇଏସଟିଏ ଜାତୀୟ ସିନିୟର ଟେନିସ ଟୁର୍ନାମେଣ୍ଟର ୩୫ ବର୍ଷରୁ ଊର୍ଦ୍ଧ୍ୱ କାଟେଗୋରିରେ ଓଡ଼ିଶାର ପୂର୍ବତନ ନମ୍ବରୱାନ ଖେଳାଳି ସନ୍ତୋଷ କୁମାର ମଲିକ ରନର୍ସ ଅପ୍ ହୋଇଛନ୍ତି। ଫାଇନାଲରେ ସେ ତେଲେଙ୍ଗାନାର ଜି. ରାଜାଙ୍କଠାରୁ ୬-୨, ୨-୬, ୬-୧୦ରେ ପରାସ୍ତ ହୋଇଛନ୍ତି। ବିଭିନ୍ନ ବର୍ଗରେ ହୋଇଥିବା ଏହି ଟୁର୍ନାମେଣ୍ଟ ଗତ ୬ରୁ ଆରମ୍ଭ ହୋଇ ୧୨ ତାରିଖରେ ଶେଷ ହୋଇଥିଲା। ମୋଟ ୭ଟି କାଟେଗୋରିରେ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ତେଣୁ ଚଳିତ ବର୍ଷର ଏହା ସର୍ବବୃହତ୍ ଜାତୀୟ ଟୁର୍ନାମେଣ୍ଟଭାବେ ବିବେଚିତ ହେଉଛି। ସନ୍ତୋଷଙ୍କୁ ଟ୍ରଫି ସହ ୧୪,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ସେ ୩୦ ର୍‍ୟାଙ୍କିଙ୍ଗ ପଏଣ୍ଟ ମଧ୍ୟ ଲାଭ କରିଥିଲେ। ୩୫ ବର୍ଷରୁ ଊର୍ଦ୍ଧ୍ୱ କାଟେଗୋରିରେ ସନ୍ତୋଷ ସମ୍ପ୍ରତି ଭାରତର ୭ ନମ୍ବର ର୍‍ୟାଙ୍କ୍‌ରେ ଅଛନ୍ତି। ଏହି ସଫଳତା ପରେ ସେ ୩ ନମ୍ବର ସ୍ଥାନକୁ ଉନ୍ନୀତ ହେବେ ବୋଲି ଆଶା କରୁଛନ୍ତି। ମେଣ୍ଢାଶାଳ ଗ୍ରାମରେ ଥିବା ତାଙ୍କ ଗୁରୁକୁଳ ଟେନିସ ଏକାଡେମୀରେ ଟ୍ରେନିଂ ନେଉଥିବା ଗରିବ ଟେନିସ ପ୍ରତିଭାଙ୍କ ପାଇଁ ସେ ଏହି ପୁରସ୍କାର ରାଶି ଦାନ କରିବେ ବୋଲି ସନ୍ତୋଷ କହିଛନ୍ତି।

# ସାକ୍ସ, ଲାଲ ବାହାଦୁର ଦଳ ବିଜୟୀ

ଭୁବନେଶ୍ୱର, ୧୩।୧୨
(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ ସୁନ୍ଦରପଦା, କପିଳ ପ୍ରସାଦ ସାକ୍ସ ଖେଳପଡ଼ିଆରେ ଚାଲିଥିବା ୧୩ତମ ହାଡ଼ିବନ୍ଧୁ ଏବଂ ସତ୍ୟବାଦୀ ସ୍ମାରକୀ ଅଲ୍ ଓଡ଼ିଶା କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ୨ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ସାକ୍ସ ଓ ଲାଲ ବାହାଦୁର ଦଳ ବିଜୟୀ ହୋଇଛନ୍ତି । ପ୍ରଥମ ମ୍ୟାଚରେ ସାକ୍ସ ୭ ଉଇକେଟରେ ମା' ଗୌରୀ ଏକାଦଶକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରି ମା' ଗୌରୀ ଦଳ ନିର୍ଦ୍ଧାରିତ ୧୬ ଓଭରରେ ୮ ଉଇକେଟ ହରାଇ ୧୩୫ ରନ କରିଥିଲା। ବିପକ୍ଷ ଦଳର ଏସ.କେ. ସଲିମ ୪ଟି ଉଇକେଟ ନେଇଥିଲେ।

**ହାଡ଼ିବନ୍ଧୁ, ସତ୍ୟବାଦୀ ସ୍ମାରକୀ କ୍ରିକେଟ**

ସାକ୍ସ ୧୧.୪ ଓଭରରେ ୩ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ରଶ୍ମିରଞ୍ଜନ ୧୬ ବଲ୍‌ରୁ ସର୍ବାଧିକ ୪୮ ରନ କରିଥିଲେ। ଦିବସର ଦ୍ୱିତୀୟ ଲିଗ୍ ମ୍ୟାଚରେ ଲାଲ ବାହାଦୁର ଦଳ ଆଇଆରସିକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଆଇଆରସି ୧୩୬ ରନ କରିଥିଲା। ଜବାବରେ ଲାଲ ବାହାଦୁର ଦଳ ପଙ୍କଜଙ୍କ ଅପରାଜିତ ୯୧ ରନ ବଳରେ ୩ ଉଇକେଟ ହରାଇ ୧୩୯ ରନ ସଂଗ୍ରହ କରି ନେଇଥିଲା। ସାକ୍ସର ଏସ.କେ. ସଲିମ ଓ ଲାଲ ବାହାଦୁରର ପଙ୍କଜ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ସୁନୀଲ ଚମ୍ପତି ଓ ନୀଳାଦ୍ରି ମହାପାତ୍ର ଅତିଥିଭାବେ ଯୋଗ ଦେଇଥିଲେ। ଏକାମ୍ର ପ୍ରଧାନ, ଡମ୍ବରୁ ମିଶ୍ର, ପ୍ରଶାନ୍ତ ଶୁକ୍ଳ ଓ ପିଲୁ ମାର୍ଥା ମ୍ୟାଚ ପରିଚାଳନା କରିଥିଲେ।

## ପ୍ରତିବାଦରେ ପିଏସ୍‌ଏଲ୍‌ରୁ ଓହରିଲେ କାମରାନ

**କରାଚୀ, ୧୩।୧୨ (ପି.ଟି.):** ଖେଳାଳି ତାଲିକାରେ ସିଲ୍‌ଭର କାଟେଗୋରୀକୁ ଖସାଇ ଦେବାରୁ ପ୍ରତିବାଦସ୍ୱରୂପ ପାକିସ୍ତାନର ପୂର୍ବତନ ଉଇକେଟକିପର ବ୍ୟାଟ୍ସମ୍ୟାନ କାମରାନ ଅକମଲ ପାକିସ୍ତାନ ସୁପର ଲିଗ୍(ପିଏସ୍‌ଏଲ)-୨୦୨୨ ସଂସ୍କରଣରୁ ଓହରିଯାଇଛନ୍ତି। ପିଏସ୍‌ଏଲର ୭ମ ସଂସ୍କରଣ ଜାନୁୟାରୀ ୨୭ରୁ କରାଚୀଠାରେ ଆରମ୍ଭ ହେବା କାର୍ଯ୍ୟକ୍ରମ ରହିଛି। ୩୯ବର୍ଷୀୟ କାମରାନ ଏଥିରେ ଖେଳିବାକୁ ଚାହୁ ନ ଥିବା ଘୋଷଣା କରିଛନ୍ତି। ପିଏସ୍‌ଏଲ ଇତିହାସରେ ଏପର୍ଯ୍ୟନ୍ତ ସବୁଠାରୁ ଅଧିକ ରନ ସଂଗ୍ରହ କରିଥିବା ବ୍ୟାଟ୍ସମ୍ୟାନ ତାଲିକାରେ ପୁରଖା ଖେଳାଳି କାମରାନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରବିବାର ଚିଠା ପ୍ରସ୍ତୁତ ପୂର୍ବରୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) କାମରାନଙ୍କୁ ପ୍ଲାଟିନମ କାଟେଗୋରୀରୁ ସ୍ୱର୍ଣ୍ଣକୁ ଖସାଇ ଦେଇଥିଲା। ପିଏସ୍‌ଏଲରେ ସେ ପେଶାୱାର ତରଫରୁ ସବୁବେଳେ ସ୍ଥିର ପ୍ରଦର୍ଶନ କରି ଆସିଛନ୍ତି। ତାଙ୍କୁ କେଉଁ କାରଣରୁ ତଳ ପାହ୍ୟାକୁ ଖସାଇ ଦିଆଗଲା ତାହାର ସେ ପ୍ରତିବାଦ କରୁଛନ୍ତି।

# କୁଚ୍‌ବିହାର ଟ୍ରଫି: ପଞ୍ଜାବର ଦୃଢ଼ ବ୍ୟାଟିଂ

ଭୁବନେଶ୍ୱର, ୧୩।୧୨
(କ୍ରୀଡ଼ା ପ୍ରତିନିଧି)


ଆଦିତ୍ୟ କୁମାର ଜୟସିଂ

ଓଡ଼ିଶା ଓ ପଞ୍ଜାବ ମଧ୍ୟରେ କୁଚ୍‌ବିହାର ଟ୍ରଫି କ୍ରିକେଟ ମ୍ୟାଚ ସୋମବାର ପୁଣେର ଡି.ୱାଇ. ପାଟିଲ ଏକାଡେମୀରେ ଆରମ୍ଭ ହୋଇଛି। ଟସ୍ ଜିତି ଓଡ଼ିଶା ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପଞ୍ଜାବ ଦୃଢ଼ ବ୍ୟାଟିଂ କରି ପ୍ରଥମ ଦିବସ ଶେଷ ବେଳକୁ ୯୦ ଓଭରରେ ୩ ଉଇକେଟ ହରାଇ ୩୧୦ ରନ ସଂଗ୍ରହ କରିଛି। ଦଳ ପକ୍ଷରୁ ତରନବୀର (୧୦୩ ରନ) ଶତକ ହାସଲ କରିଥିବାବେଳେ ଜସକରନବୀର ସିଂ ୯୮ ଓ ଜସକୀରଟ ସିଂ ୭୩ ରନରେ ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ଆଦିତ୍ୟ କୁମାର ଜୟସିଂ ୬୧ ରନ ବିନିମୟରେ ୩ଟି ଉଇକେଟ ନେଇଛନ୍ତି।

# ଝାଡ଼ଖଣ୍ଡ ୱାରିୟର ଚାମ୍ପିୟନ

ଚମ୍ପୁଆ,୧୩।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ କଇଁତା ମିନିଷ୍ଟାଡିୟମଠାରେ ୧୦ମ ବାର୍ଷିକ ଆନ୍ତଃ ରାଜ୍ୟ ନକ୍‌ଆଉଟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ. ମୁରଲୀ ମନୋହର ଶର୍ମା ଯୋଗଦେଇ ଫାଇନାଲ ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ। ସମ୍ମାନନୀୟ ଅତିଥି ଭାବେ କେନ୍ଦୁଝର ଜିଲା ସଂଖ୍ୟାଲଘୁ ସେଲ୍ ସଭାପତି ମହତାବ ଆଲାମ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସିଦ୍ଧାର୍ଥ ସିଂ, ପ୍ରକାଶ ମଲ୍ଲିକ, ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କଇଁତା ସନ୍‌ରାଇଜ କ୍ଲବର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟର ୩୨ ଦଳ ଭାଗ ନେଇଥିଲେ। ଝାଡ଼ଖଣ୍ଡ ୱାରିୟର ଓ ରାଜୁ ଏକାଦଶ ନାରଦପୁର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍

**ଆନ୍ତଃ ରାଜ୍ୟ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଅମୀମାଂସିତ ରହିବାରୁ ପେନାଲଟି ପର୍ଯ୍ୟାୟରେ ଝାଡ଼ଖଣ୍ଡ ୱାରିୟର ରାଜୁ ଏକାଦଶ ନାରଦପୁରକୁ ୫-୪ ଗୋଲ୍ ଦେଇ ବିଜୟୀ ହୋଇଛି। ଚାମ୍ପିୟନ ଝାଡ଼ଖଣ୍ଡ ୱାରିୟରକୁ ନଗଦ ୧ ଲକ୍ଷ ଟଙ୍କା, ଉପବିଜେତା ରାଜୁ ଏକାଦଶ ନାରଦପୁରକୁ ୭୦ ହଜାର ଟଙ୍କା, ତୃତୀୟ ଦଳ ଭାବେ ଭୋଲେନ ଭିଲେନ କଇଁତାକୁ ୪୦ ହଜାର ଓ ଚତୁର୍ଥ ଦଳ ସିଙ୍ଗ୍ ଇଜ୍ କିଙ୍ଗ୍‌କୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। କୃଷ୍ଣଚନ୍ଦ୍ର ମହାନ୍ତ, ଜତୀନ ମହାନ୍ତ, ଶଙ୍କର୍ଷଣ ନାଏକ, ବିଜୟ, ଏମ୍.ଡି ହାଲିମ ଓ ଦୀପକ ମହାନ୍ତ ରେଫରି ଦାୟିତ୍ୱ ତୁଲାଇଥିବା ବେଳେ ଭୋଳାନାଥ ମହାକୁଡ ଓ ବୁଲବୁଲ ଆପଟ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ ସଭାପତି ଜର୍ମାନୀ ମହାନ୍ତ ଉପସ୍ଥିତ ଥିଲେ।


କେନ୍ଦୁଝର ଜିଲା କଇଁତା ମିନିଷ୍ଟାଡିୟମରେ ସୋମବାର ଆନ୍ତଃ ରାଜ୍ୟ ନକ୍‌ଆଉଟ ଫୁଟ୍‌ବଲ ଟୁର୍ନାମେଣ୍ଟ ଫାଇନାଲ ପୂର୍ବରୁ ଦୁଇ ଦଳର ଖେଳାଳିମାନେ ଅତିଥିଙ୍କ ସହ।

# ଟପ୍ସ ତାଲିକାରେ ଆହୁରି ୨୦ କ୍ରୀଡ଼ାବିତ୍

**ନୂଆଦିଲ୍ଲୀ, ୧୩।୧୨ (ପି.ଟି.):** ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ରେ ସୋମବାର ଆଉ ୨୦ ନୂଆ କ୍ରୀଡ଼ାବିତ୍‌ଙ୍କୁ ସାମିଲ କରାଯାଇଛି। ଫଳରେ ୨୦୨୪ ପ୍ୟାରିସ ଗେମ୍ସ ପାଇଁ କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରାଯିବାକୁ ଥିବା ମୋଟ ଆଥଲେଟଙ୍କ ସଂଖ୍ୟା ୧୪୮କୁ ବୃଦ୍ଧି ପାଇଛି। କ୍ରୀଡ଼ା ମନ୍ତ୍ରଣାଳୟର ମିଶନ ଅଲିମ୍ପିକ ସେଲ୍ (ଏମ୍‌ଓସି)ର ଏକ ବୈଠକରେ ଟପ୍ସ ଅଧୀନରେ ସହାୟତା ପାଇଁ ୭ ଅଲିମ୍ପିକ ଓ ପାରାଲିମ୍ପିକ ବିଭାଗରେ ୬ ଜଣଙ୍କୁ ଚିହ୍ନଟ କରାଯାଇଛି। ଚଳିତମାସରେ ପରେ ଏମ୍‌ଓସିର ପରବର୍ତ୍ତୀ ବୈଠକରେ ଟପ୍ସ ତାଲିକାରେ ଆହୁରି ଅଧିକ ଆଥଲେଟଙ୍କୁ ସାମିଲ କରାଯିବ। ଚଳିତମାସ ପ୍ରାରମ୍ଭରେ ଏମ୍‌ଓସିର ପୁନର୍ଗଠନ କରାଯାଇଥିଲା। ସେମାନଙ୍କ ମଧ୍ୟରେ ୭ଜଣ ପୂର୍ବତନ ଅନ୍ତର୍ଜାତୀୟ ଆଥଲେଟ ରହିଥିଲେ। ଟୋକିଓ ଅଲିମ୍ପିକ୍ସ ପରେ ଏହା ପ୍ରଥମ ବୈଠକ ଥିଲା। ଅନୁମୋଦନ ଲାଭ କରିଥିବା ଆଥଲେଟ୍‌ମାନେ ସାଇକ୍ଲିଂ, ସେଲିଂ, ଶୁଟିଂ, ସୁଇମିଂ, ଟେବୁଲ ଟେନିସ, ଭାରୋତ୍ତୋଳନ ଏବଂ ରେସ୍‌ଲିଂ ଇନ୍ ଅଲିମ୍ପିକ ସ୍ପୋର୍ଟ୍ସରୁ ଆସିଛନ୍ତି। ଚଳିତମାସର ପରବର୍ତ୍ତୀ ବୈଠକରେ ଆର୍ଚେରୀ, ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ବକ୍ସିଂ, ଇକ୍ୱେଷ୍ଟ୍ରିଆନ୍, ଫେନ୍‌ସିଂ, ଗଲ୍ଫ, ଜିମ୍ନାଷ୍ଟିକ୍ସ, ଜୁଡୋ, ରୋଇଂ ଏବଂ ଟେନିସ୍‌ରୁ ଖେଳାଳି ମନୋନୀତ କରାଯିବ। ସୋମବାର ଆର୍ଚେରୀ, ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ଶୁଟିଂ, ସୁଇମିଂ ଓ ଟେବୁଲ ଟେନିସରୁ ଟପ୍ସ ପାଇଁ ଆଥଲେଟ ବଛାଯାଇଛି।

# ସଭାପତି ପାଇଁ ବିକ୍ରମ-ରାହୁଲ ପ୍ରତିଦ୍ୱନ୍ଦ୍ୱିତା

ଭୁବନେଶ୍ୱର, ୧୩।୧୨
(କ୍ରୀଡ଼ା ପ୍ରତିନିଧି)

**ଓଡ଼ିଶାରେ ଇଣ୍ଡିଆନ ରଗ୍‌ବୀ ଫୁଟ୍‌ବଲ ୟୁନିୟନ ନିର୍ବାଚନ ୧୮ରେ**

ଓଡ଼ିଶା ସରକାର ହକି ସମେତ ଅନ୍ୟ କ୍ରୀଡ଼ା ପରି ରଗ୍‌ବୀ ଖେଳକୁ ମଧ୍ୟ ପ୍ରୋତ୍ସାହନ ଦେଉଛନ୍ତି। ୨୦୧୦ରୁ ଭାରତୀୟ ହକି ଦଳର ପ୍ରାୟୋଜକ ରହି ଆସିଥିବା ଓଡ଼ିଶା ସରକାର ରଗ୍‌ବୀ ଇଣ୍ଡିଆର ମଧ୍ୟ ସହ ପ୍ରାୟୋଜକ ଅଛନ୍ତି। ତାସକେଣ୍ଟରେ ଗତ ସେପ୍ଟେମ୍ବର ୧୮ ଓ ୧୯ରେ ଅନୁଷ୍ଠିତ ଏସିଆ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ୧୮ ବର୍ଷରୁ କମ୍ ଭାରତୀୟ ଦଳକୁ ରାଜ୍ୟ ସରକାର ପ୍ରୋତ୍ସାହିତ କରିଥିଲେ। ଭାରତୀୟ ଦଳ ସେହି ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଥିଲା। ଭାରତୀୟ ଦଳର ସଦସ୍ୟାଭାବେ ୩ ଓଡ଼ିଆ ଖେଳାଳି ତରୁଲତା ନାଏକ, ମାମା ନାଏକ ଓ ନିର୍ମାଲ୍ୟ ରାଉତ ମଧ୍ୟ ରୌପ୍ୟ ପଦକ ପାଇଁ ରାଜ୍ୟକୁ ଗର୍ବିତ କରିଥିଲେ। ରାଜ୍ୟରେ ରଗ୍‌ବୀର ଲୋକପ୍ରିୟତା ବଢ଼ୁଛି। ଫଳ ସ୍ୱରୂପ ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନ (ଆଇଆର୍‌ଏଫ୍‌ୟୁ)ର ନିର୍ବାଚନ ଏଥର ଓଡ଼ିଶାରେ ଚଳିତ ମାସ ୧୮ ତାରିଖରେ କିଟ୍ ପରିସରରେ ଅନୁଷ୍ଠିତ ହେବ। ଏଥର ସଭାପତି ପଦପାଇଁ ଦୁଇ ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ସେ ହେଲେ ବିକ୍ରମ ଆହୁଜା ଓ ଅଭିନେତା ରାହୁଲ ବୋଷ। ଦୁଇଜଣଯାକ ରଗ୍‌ବୀ ଆସୋସିଏଶନ ଅଫ୍ ମହାରାଷ୍ଟ୍ରରୁ ପ୍ରତିନିଧିତ୍ୱ କରୁଛନ୍ତି। ସେହିପରି ସମ୍ପାଦକ ପଦପାଇଁ କର୍ନାଟକ ରଗ୍‌ବୀ ଫୁଟବଲ ୟୁନିୟନର ଗେରାଲ୍ଡ ଆଣ୍ଟୋନି ପ୍ରଭୁ ଏବଂ ରଗ୍‌ବୀ ଆସୋସିଏଶନ ଅଫ୍ ଦିଲ୍ଲୀର ପ୍ରମୋଦ କୁମାର ଯାଦବଙ୍କ ମଧ୍ୟରେ ଲଢ଼େଇ ହେବ। ଏହା ବ୍ୟତୀତ ପୁରୁଷ ଉପସଭାପତି ପାଇଁ ପରବିନ୍ଦର କୁମାର (ରଗ୍‌ବୀ ଆସୋସିଏଶନ ଅଫ୍ ପଞ୍ଜାବ), ମହିଳା ଉପସଭାପତି ପାଇଁ ସନୟା ମେହେଟା ବ୍ୟାସ (ବେଙ୍ଗଲ ରଗ୍‌ବୀ ଫୁଟବଲ ୟୁନିୟନ), କୋଷାଧ୍ୟକ୍ଷ ପାଇଁ ସେନ୍ଥିଲ ଭି. ତ୍ୟାଗରାଜନ (ତାମିଲନାଡୁ ରଗ୍‌ବୀ ଫୁଟବଲ ୟୁନିୟନ), ପୂର୍ଣ୍ଣ ସଦସ୍ୟ ପୁରୁଷ ପ୍ରତିନିଧିଭାବେ ଅମିତ କୁମାର ଦେ (ରଗ୍‌ବୀ ଫୁଟବଲ ଆସୋସିଏଶନ ଅଫ୍ ଉତ୍ତର ପ୍ରଦେଶ) ଏବଂ ପୂର୍ଣ୍ଣ ସଦସ୍ୟା ମହିଳା ପ୍ରତିନିଧିଭାବେ ଆନ୍ଦ୍ରିଆ କ୍ରିଜ୍‌ଲେ (ଗୋଆ ରଗ୍‌ବୀ ୟୁନିୟନ) ଆଦି ଜଣେ ଲେଖାଏ ପ୍ରାର୍ଥୀ ରହିଛନ୍ତି। ତେଣୁ ଏମାନେ ନିର୍ବିବାଦରେ ନିର୍ବାଚନ ହେବା ନିଶ୍ଚିତ। କର୍ନାଟକ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଅରବିନ୍ଦ କାମାଥ ରିଟର୍ନିଂ ଅଫିସରଭାବେ ଦାୟିତ୍ୱ ତୁଲାଉଛନ୍ତି। ନିର୍ବାଚନରେ ୨୬ଟି ପୂର୍ଣ୍ଣକାଳୀନ ଆସୋସିଏଶନ ଏବଂ ଅନୁଷ୍ଠାନର ୨ ଜଣ ଲେଖାଏ ସଦସ୍ୟ ଅଂଶଗ୍ରହଣ କରିବେ। ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ବିକ୍ରମ ଆହୁଜା ସଭାପତି ଏବଂ ଗେରାଲ୍ଡ ପ୍ରଭୁ ସମ୍ପାଦକ ଥିଲେ। ଏଥର ମଧ୍ୟ ଏହି ଦୁଇଜଣ ନିର୍ବାଚନ ଲଢ଼ିବେ। ପ୍ରମୋଦ ଯାଦବ ଏବଂ ବୋର୍ଡ ସଦସ୍ୟଥିବା ରାହୁଲ ବୋଷ ଆଇଆରଏଫ୍‌ୟୁର ମୁଖ୍ୟ ଦୁଇ ପଦପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ଏଥରର ନିର୍ବାଚନରେ ବେଶ୍ ଉଷ୍ମତା ରହିବ ବୋଲି ଆକଳନ କରାଯାଉଛି।


୧୮ ବର୍ଷରୁ କମ୍ ଭାରତୀୟ ବାଳିକା ଦଳର ଖେଳାଳିଙ୍କ ସହ ରାହୁଲ ବୋଷଙ୍କ ସେଲ୍‌ଫି।

## ଜୟବର୍ଦ୍ଧନେ ଶ୍ରୀଲଙ୍କା କ୍ରିକେଟ ଦଳର ପରାମର୍ଶଦାତା

**କଲମ୍ବୋ, ୧୩।୧୨ (ପି.ଟି.):** ଶ୍ରୀଲଙ୍କାର ପୂର୍ବତନ କ୍ରିକେଟ ଅଧିନାୟକ ମାହେଲା ଜୟବର୍ଦ୍ଧନେ ଜାତୀୟ ଦଳର ପରାମର୍ଶଦାତା କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ଦେଶର କ୍ରିକେଟ ବୋର୍ଡ ଏସ୍‌ଏଲ୍‌ସି (ଶ୍ରୀଲଙ୍କା କ୍ରିକେଟ) ତରଫରୁ ସୋମବାର ଏହା ଘୋଷଣା କରାଯାଇଛି। ବୋର୍ଡର ବୈଷୟିକ ଉପଦେଷ୍ଟା କମିଟି ସହ ପରାମର୍ଶ କ୍ରମେ ଏସ୍‌ଏଲ୍‌ସିର କାର୍ଯ୍ୟନିର୍ବାହୀ କମିଟି ଏହି ନିଯୁକ୍ତି ଦେଇଛି। ଜୟବର୍ଦ୍ଧନେ ଆସନ୍ତାବର୍ଷ ଆରମ୍ଭରେ ୧ବର୍ଷ ପାଇଁ ଏହି ପଦବୀରେ ରହିବେ। ମୁମ୍ବାଇ ଇଣ୍ଡିଆନ୍ସର କୋଚ୍ ରହିଥିବା ଜୟବର୍ଦ୍ଧନେ ଜାତୀୟ କ୍ରିକେଟ ଦଳର ଓଭରଅଲ କ୍ରିକେଟ ବ୍ୟାପାର ବୁଝାଶୁଝା କରିବେ। ହାଇପରଫର୍ମାନ୍ସ ସେଣ୍ଟରରେ ସେ ଦଳଗୁଡ଼ିକର ମ୍ୟାନେଜମେଣ୍ଟ ଏବଂ ଖେଳାଳିମାନଙ୍କୁ ସେ ରଣନୈତିକ ସହାୟତା କରିବେ। ନୂତନ ନିଯୁକ୍ତି ସତ୍ତ୍ୱେ ସେ ଆହୁରି ମଧ୍ୟ ୧୯ବର୍ଷରୁ କମ୍ ଦଳ ଦାୟିତ୍ୱରେ ରହିବେ।

# ଭାରତ ପାଇଁ ତୃତୀୟ ସ୍ୱର୍ଣ୍ଣ ଜିତିଲେ ଅଜୟ ସିଂ

ତାସ୍‌କେଣ୍ଟ, ୧୩।୧୨ (ପି.ଟି.)

**ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍**

ଏଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ପୁରୁଷ ୮୧କେଜି କାଟେଗୋରିରେ ଭାରତର ଅଜୟ ସିଂ ଭାରତ ପାଇଁ ତୃତୀୟ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସିଂ ମୋଟ ୩୨୨କେଜି ଉତ୍ତୋଳନ କରିଥିବା ବେଳେ ସ୍ନାଚ୍ (୧୪୭କେଜି)ରେ ଏକ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏଥିସହିତ ସେ ତୃତୀୟ ଭାରତୀୟ ଭାବେ ଆସନ୍ତାବର୍ଷ ବର୍ମିଂହାମ୍‌ଠାରେ ହେବାକୁଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା (ସିଡବ୍ଲ୍ୟୁଜି) ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିଛନ୍ତି। ଜେରେମି ଲାଲ୍‌ରିନୁଙ୍ଗା (୬୭କେଜି) ଓ ଅଚିନ୍ତା ଶିଉଲି (୭୩ କେଜି) ସେମାନଙ୍କ ପ୍ରତିଯୋଗିତାରେ ବିଜୟ ହାସଲ କରି ସିଡବ୍ଲ୍ୟୁଜି ୨୦୨୨ ପାଇଁ ପୂର୍ବରୁ ସିଧାସଳଖ ଯୋଗ୍ୟତା ହାସଲ କରିସାରିଛନ୍ତି। ଏହି ଚାମ୍ପିୟନଶିପ୍‌ରୁ ସମସ୍ତ ଓଜନ କାଟେଗୋରିର ସ୍ୱର୍ଣ୍ଣ ବିଜେତା ସିଧାସଳଖ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିବେ। ଅବଶିଷ୍ଟ ର୍‍ୟାଙ୍କିଙ୍ଗ ଜରିଆରେ ଏହି ଗେମ୍ସ ଲାଗି ଯୋଗ୍ୟତା ଅର୍ଜନ କରିପାରିବେ। ଭାରତର ପପି ହଜାରିକା ମହିଳା ୬୯କେଜି ଶ୍ରେଣୀରେ ମୋଟ ୧୮୯ କେଜି (୮୪+୧୦୫) ଉତ୍ତୋଳନ କରି ରୌପ୍ୟ ଜିତିଛନ୍ତି।


ପୋଡିୟମ ଉପରେ ପଦକ ଗ୍ରହଣ ଅବସରରେ ଭାରତର ଅଜୟ ସିଂ (ମଝି)।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ରାୟଗଡ଼ା, ମଙ୍ଗଳବାର, ଡିସେମ୍ବର ୧୪/୨୦୨୧ (୮+୮=୧୬ ପୃଷ୍ଠା) | Rayagada, Tuesday, December 14/2021



## ମସ୍କ 'ପର୍ସନ ଅଫ୍ ଦି ଇୟର'
ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଏଲନ ମସ୍କଙ୍କୁ ଟାଇମ ମାଗାଜିନ୍ ୨୦୨୧ ବର୍ଷର 'ପର୍ସନ ଅଫ୍ ଦି ଇୟର' ଘୋଷଣା କରିଛି।

୦୨ ୦୮

## ୱାର୍ନର ପ୍ଲେୟର ଅଫ୍ ଦି ମଚ୍
ଅଷ୍ଟ୍ରେଲିଆର ବିସ୍ଫୋରକ ଓପନ ଡେଭିଡ୍ ୱାର୍ନର ଆଇସିସି ପ୍ଲେୟର ଅଫ୍ ଦି ମଚ୍ ବିବେଚିତ ହୋଇଛନ୍ତି।



# ହରନାଜ ବ୍ରହ୍ମାଣ୍ଡ ସୁନ୍ଦରୀ



- ୨୧ ବର୍ଷ ପରେ ଭାରତକୁ ମୁକୁଟ
- ଟାଇଟଲ ଆଣିଥିଲେ ଲାରା, ସୁସ୍ମିତା

**ଜେରୁଜେଲମ/ନୂଆଦିଲ୍ଲୀ, ୧୩।୧୨**

ଦୀର୍ଘ ୨୧ ବର୍ଷ ପରେ ଭାରତକୁ ଫେରିଛି ବ୍ରହ୍ମାଣ୍ଡ ସୁନ୍ଦରୀ ମୁକୁଟ। ପଞ୍ଜାବ ଚଣ୍ଡୀଗଡ଼ର ୨୧ ବର୍ଷୀୟା ହର୍‌ନାଜ ସାନ୍ଧୁ ୭୯ ଦେଶର ପ୍ରତିଯୋଗୀଙ୍କୁ ପଛରେ ପକାଇ ମିସ୍ ୟୁନିଭର୍ସ-୨୦୨୧ ଟାଇଟଲ ବିଜୟିନୀ ହୋଇଛନ୍ତି। ଚଳିତ ବର୍ଷ ଇସ୍ରାଏଲର ଇଲିଆଟ୍ ସହରରେ ଦୁନିଆର ସବୁଠୁ ବଡ଼ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୨୦୨୦ର ବ୍ରହ୍ମାଣ୍ଡ ସୁନ୍ଦରୀ ମେକ୍ସିକୋର ଆଣ୍ଡ୍ରିୟା ମେଜା ହରନାଜଙ୍କୁ ମୁକୁଟ ପିନ୍ଧାଇଥିଲେ। ଏହି ସମୟରେ ସେଠାରେ ବହୁ ସଂଖ୍ୟାରେ ଭାରତୀୟ ଉପସ୍ଥିତ ରହି ହରନାଜଙ୍କୁ ଉତ୍ସାହିତ କରିଥିଲେ। ପାରାଗୁଏର ନାଦିଆ ଫେରେରିଆ(୨୨) ଦ୍ୱିତୀୟ ଏବଂ ଦକ୍ଷିଣ ଆଫ୍ରିକାର ଲାଲେଲା ମସ୍ୱାନେ(୨୪) ତୃତୀୟ ହୋଇଛନ୍ତି। ଶେଷ ଥର ୨୦୦୦ ମସିହାରେ ଲାରା ଦତ୍ତା ଭାରତକୁ ଏହି ମୁକୁଟ ଆଣିଥିଲେ। ପୂର୍ବରୁ ଅଭିନେତ୍ରୀ ସୁସ୍ମିତା ସେନ୍ ୧୯୯୪ରେ ମିସ୍ ୟୁନିଭର୍ସ ହୋଇଥିଲେ। ଏହାକୁ ମିଶାଇ ଭାରତ ମୋଟ ୩ଟି ମିସ୍ ୟୁନିଭର୍ସ ବିଜେତା ହୋଇପାରିଛି।

ହରନାଜ ଏହି ସଫଳତା ହାସଲ କରିବା ପରେ ତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟ ପ୍ରମୁଖ ବ୍ୟକ୍ତିତ୍ୱ ଶୁଭେଚ୍ଛା ଜଣାଇଛନ୍ତି। ଲାରା ଦତ୍ତା, ସୁସ୍ମିତା ସେନ୍‌ଙ୍କ ସମେତ ପୂରା ବଲିଉଡ୍ ତାଙ୍କୁ ଶୁଭକାମନା ଜଣାଇଛି। ହରନାଜ ପବ୍ଲିକ ଆଡମିନିଷ୍ଟ୍ରେଶନରେ ସ୍ନାତୋକତ୍ତର ଡିଗ୍ରୀ ପାଇଁ ପାଠପଢ଼ା ଜାରି ରଖିଛନ୍ତି। ମୁକୁଟ ହାସଲ ପରେ ସେ ଈଶ୍ୱର, ମାତାପିତା ଏବଂ ମିସ୍ ଇଣ୍ଡିଆ ଅର୍ଗାନାଇଜେଶନ ସମେତ ତାଙ୍କ ଶୁଭେଚ୍ଛୁ ଓ ସମର୍ଥକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୨୧ ବର୍ଷ ପରେ ଭାରତକୁ ମୁକୁଟ ଫେରାଇଆଣିବା ଗର୍ବର କଥା ବୋଲି ସେ କହିଛନ୍ତି। ପ୍ରତିଯୋଗିତାର ଶେଷ ରାଉଣ୍ଡରେ ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦେବା ପରେ ହରନାଜ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇଦେଇଥିଲେ। ଆଜିର ସମୟରେ ଚାପର ସମ୍ମୁଖୀନ ହେଉଥିବା ଯୁବତୀଯୁବକଙ୍କୁ ସେ କେଉଁ ଉପଦେଶ ଦେବେ ଯାହାଦ୍ୱାରା ସେମାନେ ଏହାକୁ ସାମ୍ନା କରିପାରିବେ ☞ ପୃଷ୍ଠା-୫

# ସହରାଞ୍ଚଳ ପାନୀୟ ଜଳ ବିପଜ୍ଜନକ

**ଜଳ ନମୁନା ପରୀକ୍ଷାରେ ଢିଲା**

**ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠାଇଲେ ସିଏଜି**



**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

ସହରାଞ୍ଚଳକୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ। ପାନୀୟ ଜଳ ଯୋଗାଇ ଦେବା ପୂର୍ବରୁ ସେଗୁଡିକର ମାନ ବିଆଇଏସ୍(ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡ୍ସ) କିମ୍ବା ଆଇଏସ୍ ୧୦୧୫୦୦:୧୫୦୦ ନିର୍ଦ୍ଧାରିତ ମାନକ ଅନୁସାରେ କରାଯାଉ ନାହିଁ। ଦୈନିକ ଯେତିକି ଜଳ ନମୁନା ସଂଗ୍ରହ କରାଯିବା କଥା ତାହା ମଧ୍ୟ ହେଉ ନାହିଁ। ଫଳରେ ସହରାଞ୍ଚଳରେ ବାସ କରୁଥିବା ଲୋକଙ୍କୁ ବିନା ପରୀକ୍ଷା ନିରୀକ୍ଷାରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏଥିଯୋଗୁ ବିଭିନ୍ନ ସହରାଞ୍ଚଳରେ ଲୋକମାନେ ଆମାଶୟ, ଆନ୍ତ୍ରିକ ଜ୍ୱର, ଜଣ୍ଡିସ, ହେପାଟାଇଟିସ ଭଳି ଜଳବାହିତ ରୋଗର ଶିକାର ହେଉଛନ୍ତି। କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ସହରାଞ୍ଚଳ ପାନୀୟ ଜଳ ନମୁନା ପରୀକ୍ଷାରେ ହେଉଥିବା ଏଭଳି ଅନିୟମିତତାର ରହସ୍ୟ ଉନ୍ମୋଚନ କରିଛନ୍ତି।

ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ, ଦୂଷିତ ପାନୀୟ ଜଳ ପିଇ ୨୦୧୬ରୁ ୨୦୧୯ ମଧ୍ୟରେ ବାଲେଶ୍ୱର, ରାୟଗଡ଼ା, କୋରାପୁଟ ଏବଂ ପୁରୀ ସହରାଞ୍ଚଳରେ ୫୩,୮୭୩ ଜଣ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ପୁରୀରେ ସର୍ବାଧିକ ୩୪,୬୯୧ ଜଣ ଜଳବାହିତ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ କୋରାପୁଟରେ ୧୨,୬୮୫, ରାୟଗଡ଼ାରେ ୬,୪୪୨ ଏବଂ ବାଲେଶ୍ୱରରେ ୫୫ ଜଣ ଲୋକ ଆକ୍ରାନ୍ତ ହୋଇଛନ୍ତି। ରାଜ୍ୟରେ ଥିବା ଜଳ ବିଶୋଧନାଗାର (ଡବ୍ଲ୍ୟୁଟିଏଲ୍)ର ମୁଖ୍ୟକାର୍ଯ୍ୟ ହେଉଛି ନଳକୂପ ଏବଂ ଭୂପୃଷ୍ଠ ଜଳ ଉତ୍ସର ଗୁଣବତ୍ତାକୁ ବିଶ୍ଳେଷଣ କରିବା। ଏସ୍‌ଏସ୍‌ଏଲ୍ ସହ ହୋଇଥିବା ଚୁକ୍ତିନାମା ଅନୁସାରେ ରାଜ୍ୟ ଡବ୍ଲ୍ୟୁଟିଏଲ୍ ସମସ୍ତ ୧୯ଟି ଡିଭିଜନରେ ଥିବା ସବୁ ସାଧାରଣ କୂପ(ପିଡବ୍ଲ୍ୟୁ) ଏବଂ ଭୂପୃଷ୍ଠ ଉତ୍ସ(ନଦୀ, ନାଳ, ପୋଖରି)ରୁ ବର୍ଷକୁ ଥରେ ଏବଂ ହ୍ୟାଣ୍ଡପମ୍ପ ନଳକୂପରୁ ବର୍ଷକୁ ୩ଥର ଜଳ ନମୁନା ସଂଗ୍ରହ କରିବା କଥା। ମାତ୍ର ୧୦ଟି ଜନସ୍ୱାସ୍ଥ୍ୟ(ପିଏଚ୍) ଡିଭିଜନ ୨୦୧୮ ମାର୍ଚ୍ଚରୁ ୨୦୧୯ ମଧ୍ୟରେ ୧୧,୭୬୩ ଜଳ ନମୁନା ସଂଗ୍ରହ କରିଥିଲେ। ସିଏଜି ଅଡିଟ୍ ରିପୋର୍ଟରେ ଜାଣିବାକୁ ପାଇଛନ୍ତି ଯେ ପାନୀୟ ଜଳରେ ଫେନୋଲ, ଟର୍ବିଡିଟି, କଠିନତା, କ୍ଷାରୀୟତା, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଲୌହ, ଆଲୁମିନିୟମ, କଲି ଫମ, ଇ-କୋଲି, ଏଫ୍ ଷ୍ଟ୍ରେପ୍ଟୋକୋକି ଇତ୍ୟାଦି ଥିବା ଯୋଗୁ ୨୦୧୯ ମାର୍ଚ୍ଚରେ ଡବ୍ଲ୍ୟୁଟିଏଲ୍‌ରେ ପରୀକ୍ଷା କରାଯାଇଥିବା ୭୬୨ ନମୁନା ବିଆଇଏସ୍ ସୀମା ବାହାରେ ରହିଥିଲା।

ପରୀକ୍ଷା ଯାଞ୍ଚ ହୋଇଥିବା ପିଏଚ୍ ଡିଭିଜନରେ ଯୋଗାଇ ଦିଆଯାଉଥିବା ପାନୀୟ ଜଳର ଗୁଣବତ୍ତା ଜାଣିବା ପାଇଁ ଅଡିଟ୍ ୭ଟି ପିଏଚ୍ ଅଧୀନରେ ଥିବା ୮ଟି ସହରାଞ୍ଚଳ ଭୁବନେଶ୍ୱର, ଚୌଦ୍ୱାର, ରାୟଗଡ଼ା, ସୁନାବେଡ଼ା, କୋରାପୁଟ, ବାଲେଶ୍ୱର, ପୁରୀ ଏବଂ ବଲାଙ୍ଗୀରରେ ୩୨ଟି ସ୍ଥାନରୁ ଜଳ ନମୁନା ସଂଗ୍ରହ କରିଥିଲା। ୨୦୧୯ ମାର୍ଚ୍ଚରୁ ୨୦୨୦ ମଧ୍ୟରେ ଭୁବନେଶ୍ୱର ଖଣ୍ଡଗିରିରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଜଳ ପରୀକ୍ଷଣ ଲାବରେଟୋରିରେ ୧୬ରୁ ୧୭ ପାରାମିଟର (ଭୌତିକ, ରାସାୟନିକ, ଜୀବାଣୁ, କୀଟନାଶକ ଏବଂ ଧାତୁ ) ଆଧାରରେ ପରୀକ୍ଷା କରାଯାଇଥିଲା। ପରୀକ୍ଷା ହୋଇଥିବା ୩୨ଟି ରିପୋର୍ଟରୁ ଉକ୍ତ ୮ଟି ସହରାଞ୍ଚଳର ୩୧ଟି ସ୍ଥାନରୁ ସଂଗ୍ରହ କରାଯାଇଥିବା ଜଳ ନମୁନା ୧ରୁ ୭ ପାରାମିଟରଗୁଡିକ ଉପରେ ବିଆଇଏସ୍ ସୀମା ବାହାରେ ରହିଛି। ଯାହାକି ଏହି ଜଳ ଅସୁରକ୍ଷିତ ବୋଲି ସିଏଜି ଦର୍ଶାଇଛନ୍ତି। ସେଥିରେ ଜଳ ନମୁନାଗୁଡ଼ିକରେ ଉଚ୍ଚ ଟର୍ବିଡିଟି ଥିବା ବେଳେ ଅତ୍ୟଧିକ ଆଇରନ, ଟୋଟାଲ କଲିଫର୍ମ(ଟିସି), ଫେଲିକାଲ କଲିଫର୍ମ, ଇ- କୋଲି, ମାଙ୍ଗାନିଜ, ଆଲୁମିନିୟମ, ନାଇଟ୍ରେଟ, ☞ ପୃଷ୍ଠା-୫

# କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ: ୨ ପୋଲିସ ଶହୀଦ, ୧୨ ଆହତ

**ନୂଆଦିଲ୍ଲୀ, ୧୩।୧୨**

ଜମ୍ମୁ-କଶ୍ମୀରର ଶ୍ରୀନଗର ଉପକଣ୍ଠ ଜେୱାନ୍‌ଠାରେ ଥିବା ଏକ ପୋଲିସ କ୍ୟାମ୍ପ ନିକଟରେ ସୋମବାର ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି। ପୋଲିସ ବସ୍ ଉପରକୁ ଆତଙ୍କବାଦୀ ଆଖିବୁଜା ଗୁଳି ଚଳାଇବାରୁ ୨ ଜଣ ପୋଲିସ କର୍ମଚାରୀ ଶହୀଦ ହେବା ସହ ୧୨ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ଜଣେ ପୋଲିସ ଏଏସ୍ଆଇ ଏବଂ ଅନ୍ୟ ଜଣେ ସେଲ୍ଫନ ଗ୍ରେଡ୍ କନ୍‌ଷ୍ଟେବଳ ଅଛନ୍ତି। ଜମ୍ମୁ-କଶ୍ମୀର ପୋଲିସ ସଶସ୍ତ୍ର ବାହିନୀର ନବମ ବାଟାଲିୟନର ଯବାନମାନଙ୍କୁ ନେଇ ଯାଉଥିବା ବସ୍ ଉପରକୁ ଆତଙ୍କବାଦୀ ଗୁଳି ଚଳାଇଥିଲେ। ଏଥିରେ ୧୪ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। କେତେଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଆକ୍ରମଣରେ ୨ ଜଣ ଆତଙ୍କବାଦୀ ସମ୍ପୃକ୍ତ ଥିବା ଜଣାପଡ଼ିଛି। ସେମାନେ ଫିଦାୟିନ୍ ସଂଗଠନର ସଦସ୍ୟ ବୋଲି ବିଶ୍ୱାସ କରାଯାଉଛି।

ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏନ୍‌ସି ନେତା ଓମାର ଅବଦୁଲ୍ଲା ଏଭଳି ଆକ୍ରମଣକୁ ନିନ୍ଦା କରିବା ☞ ପୃଷ୍ଠା-୫

# ନଭେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୪.୯୧%କୁ ବୃଦ୍ଧି

**ମହଙ୍ଗା ମାଡ଼ ଜାରି**
- ଗତ ୩ ମାସରେ ସର୍ବାଧିକ
- ଖାଦ୍ୟ ସାମଗ୍ରୀ ମୂଲ୍ୟବୃଦ୍ଧିର ପ୍ରଭାବ
- ଖାଦ୍ୟ ମୁଦ୍ରାସ୍ଫୀତି ମଧ୍ୟ ବଢ଼ିଲା




**ନୂଆଦିଲ୍ଲୀ, ୧୩।୧୨**

ସାଧାରଣ ଲୋକଙ୍କୁ ଦରଦାମ ବୃଦ୍ଧିରୁ ଆଶ୍ୱସ୍ତି ମିଳିପାରୁନାହିଁ। ମାସକୁ ମାସ ବଢ଼ିବାରେ ଲାଗିଛି ଖୁଚୁରା ମୁଦ୍ରାସ୍ଫୀତି। ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ଦ୍ୱାରା ମପାଯାଉଥିବା ଦେଶର ଖୁଚୁରା ମୁଦ୍ରାସ୍ଫୀତି ନଭେମ୍ବରରେ ୪.୯୧% ରହିଛି। ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏହି ତଥ୍ୟ ପ୍ରକାଶ ପାଇଛି। ଏହା ୫ ମାସ ହେଲା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ଧାର୍ଯ୍ୟ ମୁଦ୍ରାସ୍ଫୀତି ଲକ୍ଷ୍ୟ ୨%ରୁ ୬% ମଧ୍ୟରେ ରହିଛି। ଗତ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୪.୪୮% ଏବଂ ସେପ୍ଟେମ୍ବରରେ ୪.୩୫% ରହିଥିଲା। ନଭେମ୍ବର ୨୦୨୦ରେ ଏହା ୬.୯୩% ଥିଲା। ଫଳ, ପନିପରିବା, ଖାଦ୍ୟଶସ୍ୟ, ଦୁଗ୍ଧ ଉତ୍ପାଦ ସାମଗ୍ରୀ ଏବଂ ଇନ୍ଧନ ମୂଲ୍ୟରେ ବୃଦ୍ଧି ଯୋଗୁ ଚଳିତବର୍ଷ ନଭେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ଗତ ୩ ମାସଠାରୁ ଅଧିକ ରହିଛି। ବିଶେଷକରି ପନିପରିବା ସୂଚକାଙ୍କ ☞ ପୃଷ୍ଠା-୫

# ସ୍ତ୍ରୀଙ୍କ କଲ୍ ରେକର୍ଡ କରିପାରିବେନି ସ୍ୱାମୀ

**ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟଙ୍କ ରାୟ**

**ଚଣ୍ଡିଗଡ଼, ୧୩।୧୨:** ସ୍ତ୍ରୀଙ୍କ ଅଜାଣତରେ ଫୋନ୍‌ରେ ତାଙ୍କ କଥାବାର୍ତ୍ତା ରେକର୍ଡିଂ କରିପାରିବେନି ସ୍ୱାମୀ। ଏହା ମହିଳାଙ୍କ ପ୍ରିଭେସିର ଉଲ୍ଲଂଘନ ବୋଲି ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟ ଏକ ମାମଲାର ଶୁଣାଣି ରାୟରେ କହିଛନ୍ତି। ଜଣେ ବ୍ୟକ୍ତି ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେବାକୁ ୨୦୧୭ରେ ବଟିଣ୍ଡାର ଫ୍ୟାମିଲି କୋର୍ଟରେ ଆବେଦନ କରିଥିଲେ। ସ୍ତ୍ରୀ ତାଙ୍କ ପ୍ରତି କ୍ରୁର ବ୍ୟବହାର କରୁଥିବା ପ୍ରମାଣ କରିବାକୁ ଯାଇ ଉଭୟଙ୍କ ଫୋନ୍ ବାର୍ତ୍ତାଳପ ଅଦାଲତରେ ରଖିବାକୁ ସ୍ୱାମୀ ଅନୁମତି ମାଗିଥିଲେ। ☞ ପୃଷ୍ଠା-୫




# ସୀମାନ୍ତ ଜିଲାଗୁଡ଼ିକୁ ସଜାଗ ରହିବାକୁ ନିର୍ଦ୍ଦେଶ

**ଆନ୍ଧ୍ରରେ ଓମିକ୍ରନ୍, ଓଡ଼ିଶା ପାଇଁ ସତର୍କ ଘଣ୍ଟି**
- ୧୩% ଲୋକ ପ୍ରଥମ ଡୋଜ୍ ଟିକା ନେଇନାହାନ୍ତି
- ସ୍ୱତଃପ୍ରବୃତ୍ତ ଭାବେ ଆସି ଟିକା ନେବାକୁ ପରାମର୍ଶ
- ସ୍କୁଲରେ ସେମିତି ଚିନ୍ତାଜନକ ସ୍ଥିତି ନାହିଁ



**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରେ ଓମିକ୍ରନ ସଂକ୍ରମିତ ଚିହ୍ନଟ ହେବାପରେ ଓଡ଼ିଶା ପାଇଁ ସତର୍କ ଘଣ୍ଟି ବାଜିଛି। କିନ୍ତୁ କରୋନାର ଏହି ନୂଆ ଭାରିଆଣ୍ଟ ପାଇଁ ଭୟଭୀତ ନ ହୋଇ ସତର୍କ ରହିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ଡିଏମ୍ଇଟି ରମାରମଣ ମହାନ୍ତି କହିଛନ୍ତି, ଆନ୍ଧ୍ରପ୍ରଦେଶରେ ଓମିକ୍ରନ ବାହରିବା ନେଇ ଆମ ପାଖରେ ଖବର ଅଛି। ସେଥିପାଇଁ ରାଜ୍ୟର ସମସ୍ତ ସୀମାନ୍ତ ଜିଲାକୁ ସଜାଗ ରହିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନେ ବିଦେଶରୁ ଆସୁଛନ୍ତି, ସେମାନଙ୍କର ବିମାନ ବନ୍ଦରରେ ଟେଷ୍ଟିଂ କରାଯାଉଛି। ଏପର୍ଯ୍ୟନ୍ତ ଓଡ଼ିଶାରେ କୌଣସି ଓମିକ୍ରନ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି ବୋଲି ଡିଏମ୍ଇଟି ସ୍ପଷ୍ଟ କରିଛନ୍ତି।

ସେପଟେ ଓମିକ୍ରନ ଭୟାବହତା ବଢୁଥିବାରୁ ଏଥିପାଇଁ ଆମକୁ ସଜାଗ ରହିବା ସହିତ ସମସ୍ତେ ଟିକା ନେବା ଜରୁରୀ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ☞ ପୃଷ୍ଠା-୫

## ବ୍ରିଟେନରେ ପ୍ରଥମ ଓମିକ୍ରନ୍ ମୃତ୍ୟୁ

**ଲଣ୍ଡନ, ୧୩।୧୨**

ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଚିହ୍ନଟ ହୋଇଥିବା କୋଭିଡ୍-୧୯ର ଓମିକ୍ରନ୍ ଭାରିଆଣ୍ଟ ସଂକ୍ରମଣରେ ପ୍ରଥମ ମୃତ୍ୟୁ ବ୍ରିଟେନରେ ହୋଇଛି। ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଏହି ସୂଚନା ଦେବା ସହ ଦୁଃଖପ୍ରକାଶ କରିଛନ୍ତି। ଓମିକ୍ରନ୍ ସଂକ୍ରମଣ ପରେ ବ୍ରିଟେନରେ ରୋଗୀ ସଂଖ୍ୟା ବହୁତ ବଢ଼ିଯାଇଛି। ଲୋକମାନେ ତୁରନ୍ତ ବୁଷ୍ଟର ଡୋଜ୍ ନେବା ଲାଗି ସେ ପରାମର୍ଶ ଦେଇଛନ୍ତି।

ଲଣ୍ଡନର ଏକ ଟିକାକରଣ କ୍ଲିନିକ୍‌କୁ ଯାଇ ବୋରିସ୍ ଲୋକମାନଙ୍କୁ ଅଧିକ ସତର୍କ ହେବା ସହ ଓମିକ୍ରନ୍ ଏକ ସାଧାରଣ ଭାରିଆଣ୍ଟ ଏ ଧାରଣା ଭୁଲିଯିବାକୁ କହିଥିଲେ। ଚଳିତ ମାସ ଶେଷ ସୁଦ୍ଧା ୩୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତେ ବୁଷ୍ଟର ଡୋଜ୍ ନେବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ସୋମବାରଠାରୁ ପଞ୍ଜିକରଣ ଆରମ୍ଭ ହୋଇଥିବାବେଳେ ଲକ୍ଷାଧିକ ଲୋକ ବୁକିଂ କରିବାକୁ ଉଦ୍ୟମ କରୁଥିବାରୁ ୱେବ୍‌ସାଇଟ୍ କ୍ରାସ୍ ହୋଇଛି। ଓମିକ୍ରନ୍ ସଂକ୍ରମଣ ପ୍ରତିହତ କରିବାରେ ବୁଷ୍ଟର ଡୋଜ୍ ସହାୟକ ହେବ ବୋଲି କୁହାଯାଉଛି। କାରଣ ସଂକ୍ରମଣ ରୋକିବା ଲାଗି କୋଭିଡ୍ ଭାକ୍ସିନ୍‌ର ଦୁଇଟି ଡୋଜ୍ ଯଥେଷ୍ଟ ନୁହେଁ ବୋଲି ପୂର୍ବରୁ ହୋଇଥିବା ଅନୁଧ୍ୟାନରେ କୁହାଯାଇଥିଲା। ତୃତୀୟ ଡୋଜ୍ ଓମିକ୍ରନ୍ ବିରୋଧରେ ପ୍ରାୟ ୭୦ରୁ ୭୫ ପ୍ରତିଶତ ସୁରକ୍ଷା ଦେଇପାରିବ ବୋଲି ବ୍ରିଟେନ ସ୍ୱାସ୍ଥ୍ୟ ସୁରକ୍ଷା ସଂସ୍ଥା ପକ୍ଷରୁ କୁହାଯାଇଛି। ☞ ପୃଷ୍ଠା-୫

# ସଙ୍ଗରୋଧରେ ୪୬ ଛାତ୍ରୀ

- ଆଣ୍ଟିଜେନ୍ ଟେଷ୍ଟରେ କରୋନା ପଜିଟିଭ୍ ଚିହ୍ନଟ
- ବିଦ୍ୟାଳୟରେ ପହଞ୍ଚିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍

**କପ୍ତିପଦା, ୧୩।୧୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ଏକ ଆବାସିକ ବାଳିକା ବିଦ୍ୟାଳୟର ୪୬ ଅନ୍ତେବାସୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆଣ୍ଟିଜେନ୍ ଟେଷ୍ଟ ରିପୋର୍ଟରୁ ଏହା ଜଣାପଡ଼ିବା ପରେ ସମସ୍ତ ଛାତ୍ରୀଙ୍କୁ ବିଦ୍ୟାଳୟ ପରିସରରେ ଥିବା ସଙ୍ଗରୋଧ ଗୃହରେ ରଖାଯାଇଛି ବୋଲି ବ୍ଲକ୍ ଶିକ୍ଷାଧିକାରୀ ଜଗନମୋହନ ବେହେରା ପ୍ରକାଶ କରିଛନ୍ତି।

ଗତ ୧୧ ତାରିଖରେ ୩ ଛାତ୍ରୀ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ରବିବାର ସ୍ୱାସ୍ଥ୍ୟ ବିଭାଗର ☞ ପୃଷ୍ଠା-୫

# ସୁପରସୋନିକ୍ କ୍ଷେପଣାସ୍ତ୍ର ସହାୟକ ଟର୍ପେଡୋ (ସ୍ମାର୍ଟ) ସିଷ୍ଟମର ସଫଳ ପରୀକ୍ଷଣ

**ବାଲେଶ୍ୱର ଅଫିସ, ୧୩।୧୨**

ସୁପରସୋନିକ୍ କ୍ଷେପଣାସ୍ତ୍ର ସହାୟକ ଟର୍ପେଡ଼ୋ (ସ୍ମାର୍ଟ) ସିଷ୍ଟମର ସଫଳ ପରୀକ୍ଷଣ ସୋମବାର ହ୍ୱିଲର୍ ଦ୍ୱୀପରୁ କରାଯାଇଥିବା ସୂଚନା ମିଳିଛି। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ) ଦ୍ୱାରା ଏହି (ସ୍ମାର୍ଟ) ସିଷ୍ଟମର ବିକାଶ କରାଯାଇଛି। ବୁଡ଼ାଜାହାଜ-ବିରୋଧୀ ଯୁଦ୍ଧକ୍ଷମତାକୁ ବଢ଼ାଇବା ପାଇଁ ଉଦ୍ଦିଷ୍ଟ ଏହି ସିଷ୍ଟମର ପରୀକ୍ଷଣ ବେଳେ ସମଗ୍ର ଟ୍ରାଜେକ୍ଟୋରି ଉପରେ ନଜର ରଖାଯାଇଥିଲା। କ୍ଷେପଣାସ୍ତ୍ରରେ ଟର୍ପେଡ଼ୋ, ପାରାଶୁ୍ୟଟ୍ ବିତରଣ ଏବଂ ଅତ୍ୟାଧୁନିକ ଯାନ୍ତ୍ରିକ ବ୍ୟବସ୍ଥା ସଂଯୋଜିତ ହୋଇଥିଲା। ଏହି କ୍ଷେପଣାସ୍ତ୍ର ଗ୍ରାଉଣ୍ଡ ମୋବାଇଲ୍ ଲଞ୍ଚରରୁ ଉତ୍କ୍ଷେପଣ କରାଯାଇଛି। ଏହା ଅନେକ ଦୂରତା ଅତିକ୍ରମ କରିବାର କ୍ଷମତା ☞ ପୃଷ୍ଠା-୫



ଉତ୍କ୍ଷେପଣ ହୋଇଥିବା ସ୍ମାର୍ଟ ସିଷ୍ଟମ।



ଅଭିନେତ୍ରୀ କରୀନା କପୁର ଏବଂ ଅମ୍ରିତା ଅରୋରା କରୋନାରେ ସଂକ୍ରମିତ ହୋଇଛନ୍ତି। ନିକଟରେ କୋଭିଡ୍ ନିୟମ ଉଲ୍ଲଂଘନ କରି ମୁମ୍ବାଇର ଅନେକ ପାର୍ଟିରେ ଉଭୟେ ସାମିଲ ହୋଇଥିବା ବ୍ରିହନମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍ସି) ପକ୍ଷରୁ ଟୁଇଟ କରାଯାଇଛି। ତେଣୁ ଏହି ଦୁଇଜଣ ସେଠାରୁ ହିଁ କୌଣସି ସଂକ୍ରମିଙ୍କ ସଂସ୍ପର୍ଶରେ ଆସିଥିବା କୁହାଯାଉଛି। ସେମାନଙ୍କ ସହ ମିଳାମିଶା କରିଥିବା ବ୍ୟକ୍ତିମାନେ କୋଭିଡ୍ ପରୀକ୍ଷା କରାଇନେବାକୁ ବିଏମ୍ସି କହିଛି।

**ସଂକ୍ଷେପରେ**

# ଭାରତରେ ଦ୍ରୁତ ସଂକ୍ରମଣ ହେବ ଓମିକ୍ରନ୍

## ଜଷ୍ଟିସ୍ ଗୋଗୋଇଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ



**ନୂଆଦିଲ୍ଲୀ, ୧୩।୧୨:** ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ରଞ୍ଜନ ଗୋଗୋଇ ନିକଟରେ ଏକ ଗଣମାଧ୍ୟମକୁ ସାକ୍ଷାତ୍କାରରେ ଦେଇଥିବା ବିବୃତିକୁ ନେଇ ତାଙ୍କ ବିରୋଧରେ ଟିଏମ୍ସି ରାଜ୍ୟ ସଭା ସଦସ୍ୟ ମୌସମ ନୂର୍ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିଛନ୍ତି। ୯ ତାରିଖରେ ପ୍ରସାରିତ ହୋଇଥିବା ଉକ୍ତ ସାକ୍ଷାତ୍କାରରେ ଜଷ୍ଟିସ୍ ଗୋଗୋଇ କହିଥିଲେ, କୋଭିଡ୍ କଟକଣା ଏବଂ ସାମାଜିକ ଦୂରତ୍ୱ ଅଭାବ କାରଣରୁ ସେ ପାର୍ଲାମେଣ୍ଟକୁ ଯାଉନାହାନ୍ତି। ଭଲ ଅନୁଭବ କଲେ କିମ୍ବା କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କହିବା ଆବଶ୍ୟକ ଭାବିଲେ, ସେ ସଂସଦକୁ ଯାଇଥାନ୍ତି ବୋଲି କହିଥିଲେ। ସେ ମନୋନୀତ ହୋଇଥିବାରୁ କୌଣସି ଦଳର ତାଙ୍କ ଉପରେ ହ୍ୱିପ୍ ନାହିଁ। ସିଜେଆଇ ଭାବେ ଅବସର ନେବାର ମାତ୍ର ୪ ମାସ ପରେ ରାଜ୍ୟ ସଭା ଗଲେ। ଏଥିରେ ଚମତ୍କାରିତା କ'ଣ ବୋଲି ପ୍ରଶ୍ନ ହେବାରୁ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ହୋଇଥିଲେ ଭଲ ପାରିଶ୍ରମିକ ମିଳିଥାନ୍ତା ବୋଲି ଗୋଗୋଇ କହିଥିଲେ। ତାଙ୍କର ଏଭଳି ମନ୍ତବ୍ୟ ଗୃହର ମର୍ଯ୍ୟାଦା ହାନି କରୁଥିବା ଦର୍ଶାଇ ଟିଏମ୍ସି ଏମ୍ପି ପୂର୍ବତନ ସିଜେଆଇଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିଛନ୍ତି।

**ଜେନେଭା, ୧୩।୧୨**

ଦକ୍ଷିଣ ଆଫ୍ରିକାରେ ଚିହ୍ନଟ ହୋଇଥିବା କୋଭିଡ୍ର ନୂଆ ଭାରିଆଣ୍ଟ ଓମିକ୍ରନ୍ ବର୍ତ୍ତମାନ ସୁଦ୍ଧା ୬୧ ଦେଶକୁ ବ୍ୟାପିଲାଣି। ଏହି ଭାରିଆଣ୍ଟ ବିଶ୍ୱକୁ ବଡ଼ ବିପଦ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) କହିଛି। କୋଭିଡ୍ ଟିକା ଏହାର ସଂକ୍ରମଣକୁ ରୋକିପାରୁ ନ ଥିବାର କେତେକ ପ୍ରମାଣ ମିଳିଲାଣି। ତେବେ ଗୁରୁତର ସଂକ୍ରମଣ ସମ୍ପର୍କରେ ସୀମିତ ତଥ୍ୟ ମିଳିଥିବା ଡବ୍ଲ୍ୟୁଏଚ୍ଓ ପକ୍ଷରୁ କୁହାଯାଇଛି। ତେଣୁ ନୂଆ ଭାରିଆଣ୍ଟକୁ ନେଇ ଅନିଶ୍ଚିତତା ଲାଗି ରହିଛି। ବିଭିନ୍ନ କାରଣରୁ ଓମିକ୍ରନ୍କୁ ଚିନ୍ତାଜନକ ଦର୍ଶାଯାଇଛି। ଏହାର ମୁଖ୍ୟ କାରଣ ହେଲା ଏହା ଶରୀରର ରୋଗ ପ୍ରତିରୋଧୀ କ୍ଷମତା ସଂକ୍ରମଣ ରୋକିବାରେ ବିଫଳ ହୋଇଛି ଏବଂ ନୂଆ ଭାରିଆଣ୍ଟର ସଂକ୍ରମଣ ହାର ଯଥେଷ୍ଟ ଅଧିକ ରହିଛି। ଦକ୍ଷିଣ ଆଫ୍ରିକାରେ ପୂର୍ବରୁ କୋଭିଡ୍ ଆକ୍ରାନ୍ତ ଅନେକ ଲୋକ ଏବେ ଓମିକ୍ରନ୍ରେ ସଂକ୍ରମିତ ହୋଇଥିବା ଦେଖାଯାଇଛି। ପ୍ରାଥମିକ ଅନୁଧ୍ୟାନରୁ ଓମିକ୍ରନ ଡେଲ୍ଟା ଭାରିଆଣ୍ଟଠାରୁ କମ୍ ଗୁରୁତର ବୋଲି କୁହାଯାଇଥିଲା। ୟୁରୋପୀୟ ଦେଶଗୁଡ଼ିକରେ ଦେଖାଦେଇଥିବା ସଂକ୍ରମଣ ଲକ୍ଷଣ ବିହୀନ କିମ୍ବା ସାମାନ୍ୟ ଲକ୍ଷଣଯୁକ୍ତ। ତେଣୁ ଭାରିଆଣ୍ଟ କେତେ ଗୁରୁତର ତାହା ସ୍ପଷ୍ଟ ହୋଇପାରି ନ ଥିବା ଡବ୍ଲ୍ୟୁଏଚ୍ଓ ପକ୍ଷରୁ କୁହାଯାଇଛି।



### ବଡ଼ ବିପଦ କହିଲା ଡବ୍ଲ୍ୟୁଏଚ୍ଓ

ଭାରତରେ କୋଭିଡ୍ର ନୂଆ ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମଣ ଦ୍ରୁତତର ହେବ ବୋଲି ଦକ୍ଷିଣ ଆଫ୍ରିକାର ଜଣେ ବିଶେଷଜ୍ଞ ସତର୍କ ପୂର୍ବାନୁମାନ କରିଛନ୍ତି। ସେଠାର ଏପିଡେମିଓଲୋଜିକାଲ ମଡେଲିଂ ଆଣ୍ଡ ଆନାଲିସିସ୍ର ଡିଏସ୍ଆଇଏନ୍ଏସ୍ଏଫ୍ ସେଣ୍ଟର ଫର୍ ଏକ୍ସେଲେନ୍ସର ନିର୍ଦ୍ଦେଶକ ଥିବା ଜୁଲିଏଟ୍ ପୁଲିଆମ୍ କହିଛନ୍ତି, ଦ୍ରୁତ ସଂକ୍ରମଣକୁ ରୋକିବାକୁ ହେଲେ ହସ୍ପିଟାଲଗୁଡ଼ିକୁ ଯୋଜନାବଦ୍ଧ ଭାବେ ପ୍ରସ୍ତୁତ ରଖିବାକୁ ହେବ। ପୂର୍ବ ଭାରିଆଣ୍ଟ ତୁଳନାରେ ଓମିକ୍ରନ୍ର ସଂକ୍ରମଣ ହାର ଅଧିକ। ପୂର୍ବରୁ କରୋନାରେ ସଂକ୍ରମିତ ହୋଇଥିବା ଏବଂ ଟିକା ନେଇଥିବା ଲୋକଙ୍କୁ ମଧ୍ୟ ଏହି ଭାରିଆଣ୍ଟ ସଂକ୍ରମଣ କରୁଛି। ଦକ୍ଷିଣ ଆଫ୍ରିକା ଭଳି ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ଓମିକ୍ରନ୍ର ଦ୍ରୁତ ସଂକ୍ରମଣ ଦେଖାଦେଇଥିବାରୁ ଭାରତରେ ମଧ୍ୟ ଅନୁରୂପ ସ୍ଥିତି ଉପୁଜିବା ନେଇ ଜୁଲିଏଟ୍ ଆଶଙ୍କାବ୍ୟକ୍ତ କରିଛନ୍ତି।

## ବୁଷ୍ଟର ଡୋଜ୍କୁ ମିଳିଲାନି ଅନୁମତି

**ନୂଆଦିଲ୍ଲୀ, ୧୩।୧୨**

ଓମିକ୍ରନ୍ ସଂକ୍ରମଣ ବିଭିନ୍ନ ଦେଶକୁ ବ୍ୟାପିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି କୋଭିଡ୍ ଟିକାର ବୁଷ୍ଟର ଡୋଜ୍ ପ୍ରଦାନ ଲାଗି ଅନୁମତି ଦେବାକୁ ବିଭିନ୍ନ ଟିକା କମ୍ପାନୀ ସରକାରଙ୍କୁ ଅନୁରୋଧ କରିଥିଲେ। ଗତ ୧୦ ତାରିଖରେ କେନ୍ଦ୍ରୀୟ ଔଷଧ ମାନ ନିୟନ୍ତ୍ରଣ ସଂଗଠନର ବିଶେଷଜ୍ଞ କମିଟି (ଏସ୍ଇସି) ବୈଠକ ବସି ସିରମ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍ଆଇଆଇ) ଦାଖଲ କରିଥିବା ବୁଷ୍ଟର ଡୋଜ୍ ପ୍ରଦାନର ଯଥାର୍ଥତା ଉପରେ ପ୍ରଶ୍ନ ଉଠିଥିଲା। କମିଟି ସିରମ୍କୁ ବୁଷ୍ଟର ଡୋଜ୍ ପାଇଁ ଅନୁମତି ଦେବାକୁ ମନା କରିଦେଇଛି। ଏହା ଉପରେ ପ୍ରଥମେ ଭାରତରେ ପରୀକ୍ଷା କରି ରିପୋର୍ଟ ଦାଖଲ କରିବା ଲାଗି ଏସ୍ଇସି କମ୍ପାନୀକୁ ନିର୍ଦ୍ଦେଶ ଦେଇଛି। ପୂର୍ବରୁ ଏସ୍ଆଇଆଇ ପକ୍ଷରୁ କୋଭିଶିଲ୍ଡ ଟିକାର ନିର୍ଦ୍ଧାରିତ ତଥ୍ୟରେ ସଂଶୋଧନ ପାଇଁ ପ୍ରସ୍ତାବ ଦେଇଥିଲେ।

### ଭାରତରେ ପରୀକ୍ଷା ଲାଗି ସିରମ୍କୁ ନିର୍ଦ୍ଦେଶ



ଅକ୍ସଫୋର୍ଡ ଏବଂ ଆଷ୍ଟ୍ରାଜେନିକା ପକ୍ଷରୁ ବିକଶିତ ଏହି ଟିକାର ବ୍ରିଟେନରେ ହୋଇଥିବା ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଫଳାଫଳ ଆଧାରରେ ଦ୍ୱିତୀୟ ଡୋଜ୍ ଟିକା ନେବାର ୬ ମାସ ପରେ ବୁଷ୍ଟର ବା ତୃତୀୟ ଡୋଜ୍ ପ୍ରଦାନ ନିମନ୍ତେ ଅନୁମତି ଦେବାକୁ କମ୍ପାନୀ ପକ୍ଷରୁ ଅନୁରୋଧ କରାଯାଇଥିଲା। କମ୍ପାନୀ ଭାରତରେ ବୁଷ୍ଟର ଡୋଜ୍ ପରୀକ୍ଷାର କୌଣସି ତଥ୍ୟ ଦେଇ ନ ଥିବାରୁ ଏସ୍ଇସି ଅନୁରୋଧକୁ ଖାରଜ କରିଦେଇଛି।

## ମସ୍କ 'ପର୍ସନ ଅଫ୍ ଦି ଇୟର'




**ନୂଆଦିଲ୍ଲୀ ୧୩।୧୨**

ଟେସ୍ଲା ମାଲିକ ଏଲନ ମସ୍କଙ୍କୁ ଟାଇମ୍ ମାଗାଜିନ୍ ୨୦୨୧ ପାଇଁ 'ପର୍ସନ ଅଫ୍ ଦି ଇୟର' ଘୋଷଣା କରିଛି। ବିଶ୍ୱର ସବୁଠାରୁ ଧନୀ ହେବା ସତ୍ତ୍ୱେ ମସ୍କ ନିଜର ଘର କିଣି ନାହାନ୍ତି ଏବଂ ନିଜର ଭବିଷ୍ୟତ ବିକ୍ରି କରିବାରେ ଲାଗିଛନ୍ତି ବୋଲି ମାଗାଜିନ୍ ପକ୍ଷରୁ କୁହାଯାଇଛି। ପୃଥିବୀ କକ୍ଷକୁ ସାଟେଲାଇଟ୍ ଛାଡ଼ିଛନ୍ତି। ବିନା ଗ୍ୟାସ୍ ଚାଳିତ କାର୍ ନିର୍ମାଣ କରିଛନ୍ତି, ଯାହା କି ବିନା ଚାଳକରେ ମଧ୍ୟ ଚାଲିପାରିବ। ଅନେକଙ୍କ ପାଇଁ ସେ ଅନୁକରଣୀୟ। ଆମ ଗ୍ରହକୁ ବଞ୍ଚାଇବାକୁ ଏବଂ ବସବାସ ପାଇଁ ଆଉ ଏକ ଗ୍ରହ ଦେବାକୁ ମଧ୍ୟ ସେ ଇଚ୍ଛା ରଖିଛନ୍ତି। ମସ୍କ ସମାଜରେ ପରିବର୍ତ୍ତନର ସବୁଠାରୁ ବଡ ଉଦାହରଣ ପାଲଟିଛନ୍ତି ବୋଲି ଟାଇମ୍ ମାଗାଜିନ୍ ଦର୍ଶାଇଛି।

## ଦୁବାଇ ପ୍ରଥମ ପେପରଲେସ୍ ସରକାର

### ବିନା କାଗଜରେ ସରକାରୀ କାମ

**ଚଣ୍ଡିଗଡ଼, ୧୩।୧୨:** ବିନା କାଗଜରେ ସରକାରୀ କାମ କରିବାରେ ଦୁବାଇ ଦୁନିଆର ପ୍ରଥମ ସରକାର ବୋଲି ଘୋଷଣା କରିଛନ୍ତି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) କ୍ରାଉନ ପ୍ରିନ୍ସ ଶେଖ୍ ହମଦନ୍ ମହମ୍ମଦ ବିନ୍ ରସିଦ୍ ଅଲ୍ ମକ୍ତୁମ। ଏହା ଦ୍ୱାରା ପ୍ରତିବର୍ଷ ୧.୩ ବିଲିୟନ ଦିର୍ହମ(୨୬,୮୧,୨୦,୧୨,୨୯୨ ଟଙ୍କା) ସଞ୍ଚୟ ଏବଂ ୧ କୋଟି ୪୦ ଲକ୍ଷ ଶ୍ରମ ଘଣ୍ଟା ବଞ୍ଚିପାରିବ ବୋଲି ସେ କହିଛନ୍ତି। ଦୁବାଇ ସରକାରଙ୍କ ସମସ୍ତ ଆଭ୍ୟନ୍ତରୀଣ, ବାହ୍ୟ କାରବାର ଶତ ପ୍ରତିଶତ ଡିଜିଟାଲ ଏବଂ ଏକ ବ୍ୟାପକ ଡିଜିଟାଲ୍ ସରକାରୀ ସେବା ପ୍ଲାଟଫର୍ମ ଦ୍ୱାରା ପରିଚାଳିତ। ଦୁବାଇରେ ସରକାରୀ କାର୍ଯ୍ୟ କାଗଜହୀନ କରିବା ପ୍ରକ୍ରିୟା ୨୦୧୮ରେ ଆରମ୍ଭ ହୋଇଥିଲା। ଏହି ସଫଳତା ହାସଲ ହୋଇଥିବାବେଳେ ଜୀବନର ସମସ୍ତ ପ୍ରକ୍ରିୟାର ଡିଜିଟାଇଜେସନ୍ କରିବା ଦିଗରେ ଦୁବାଇ ଅଗ୍ରସର ହୋଇଛି। ସମ୍ପୂର୍ଣ୍ଣ ଡିଜିଟାଇଜେଶନ ଲୋକଙ୍କୁ ସ୍ମାର୍ଟ ସିଟିର ଅଭିଜ୍ଞତା ଦେବ ବୋଲି କ୍ରାଉନ ପ୍ରିନ୍ସ କହିଛନ୍ତି। ଆମେରିକା, ବ୍ରିଟେନ ଏବଂ କାନାଡା ପରି ଦେଶ ମଧ୍ୟ ଡିଜିଟାଇଜେଶନ ଆଡକୁ ଗତି କରୁଛନ୍ତି। କିନ୍ତୁ ସାଇବର ଆକ୍ରମଣର ଆଶଙ୍କା ରହିଥିବାରୁ ତାହା କଷ୍ଟସାଧ ହୋଇଛି। ଦୁବାଇର ସମସ୍ତ ୪୫ ଟି ସରକାରୀ ବିଭାଗରେ ୧୮୦୦ରୁ ଅଧିକ ଡିଜିଟାଲ୍ ସର୍ଭିସ ଯୋଗାଇ ଦିଆଯାଉଛି ଏବଂ ୧୦,୫୦୦ ରୁ ଅଧିକ ଟ୍ରାଞ୍ଜାକସନ ହେଉଛି।

## ଟାକ୍ସି ଚଲାଉଥିଲେ ପୁଟିନ୍



**ମସ୍କୋ, ୧୩।୧୨:** ସୋଭିଏଟ ସଂଘ ଭାଙ୍ଗିବା ପରେ ବ୍ୟାପକ ଅର୍ଥ ସଙ୍କଟର ସମ୍ମୁଖୀନ ହୋଇଥିଲେ ରୁଷିଆବାସୀ। ଏଥିରୁ ବାଦ୍ ପଡ଼ି ନ ଥିଲେ ରୁଷିଆର ବର୍ତ୍ତମାନ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ। ଏଥିପାଇଁ ସେ ଟାକ୍ସି ମଧ୍ୟ ଚଲାଇଥିଲେ ବୋଲି ପୁଟିନ 'ରୁଷିଆ। ରିସେଣ୍ଟ ହିଷ୍ଟ୍ରି' ନାମକ ଏକ ଅପ୍କମିଂ ଡକ୍ୟୁମେଣ୍ଟାରି ପ୍ରସାରଣ ବେଳେ ରବିବାର ପୁଟିନ୍ଙ୍କ ଏହି କମେଣ୍ଟ ସାମ୍ନା ଆସିଛି। ସେ କହିଥିଲେ, ସୋଭିଏଟ୍ ସଂଘ ଭାଙ୍ଗିବା ଐତିହାସିକ ରୁଷିଆର ପତନ ଥିଲା। ୩ ଦଶନ୍ଧି ତଳର ଏହି ଘଟଣା ଅଧିକାଂଶ ନାଗରିକଙ୍କ ପାଇଁ ଆଜି ମଧ୍ୟ ଦୁଃଖଦ ହୋଇରହିଛି। ସେତେବେଳେ ତାଙ୍କୁ ଅତିରିକ୍ତ ଅର୍ଥ ରୋଜଗାର କରିବା ଜରୁରୀ ହୋଇପଡ଼ିଥିଲା। ତେଣୁ ସେ ଡ୍ରାଇଭର ହୋଇ ଲୋକଙ୍କୁ ଭଡ଼ାରେ ନେବା ଆଣିବା କରୁଥିଲେ। ସେତେବେଳେ ରୁଷିଆରେ କାର୍ ମଧ୍ୟ ବହୁ କମ୍ ମାତ୍ରାରେ ଉପଲବ୍ଧ ଥିଲା। ଅନେକେ ଆମ୍ବୁଲାନ୍ସକୁ ମଧ୍ୟ ଟାକ୍ସି କରି ତାହାକୁ ଭଡ଼ାରେ ଲଗାଉଥିଲେ। ସୂଚନାଯୋଗ୍ୟ, ୧୯୯୧ରେ ସୋଭିଏଟ୍ ୟୁନିୟନର ପତନ ଘଟିଥିଲା। ପରେ ରୁଷିଆ ଏକ ସ୍ୱତନ୍ତ୍ର ରାଷ୍ଟ୍ର ହୋଇଥିଲା।

## ୫୦%କୁ ବଢ଼ିବ ଅକ୍ଷୟ ଶକ୍ତି କ୍ଷମତା

**ନୂଆଦିଲ୍ଲୀ, (ନ୍ୟୁ ଇଣ୍ଡିଆ ସମାଚାର) ୧୩।୧୨:** ସଦ୍ୟ ଶେଷ ହୋଇଥିବା ଗ୍ଲାସ୍ଗୋ ଜଳବାୟୁ ସମ୍ମିଳନୀରେ ଭାରତ ବ୍ୟକ୍ତିଗତ ସ୍ୱାର୍ଥ ପରିବର୍ତ୍ତେ ସମଗ୍ର ବିଶ୍ୱର ହିତକୁ ଦୃଷ୍ଟି ରଖି ମିଳିତ ଭାବେ କାମ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଥିଲେ। ଭାରତର ଦୃଷ୍ଟିଭଙ୍ଗୀକୁ ବିଶ୍ୱ ନେତାଙ୍କ ନିକଟରେ ଉପସ୍ଥାପନ କରି ୨୦୭୦ ସୁଦ୍ଧା ନେଟ୍ ଜିରୋ ଲକ୍ଷ୍ୟ ହାସଲ କରିବା ନିମନ୍ତେ ଅଗ୍ରସର ହେଉଥିବା ମଧ୍ୟ କହିଥିଲେ। ଏହାକୁ ଦୃଷ୍ଟିରେ ରଖି ଭାରତରେ ଅକ୍ଷୟ ଶକ୍ତି କ୍ଷମତାକୁ ୪୦ରୁ ୫୦%କୁ ବୃଦ୍ଧି କରିବାକୁ ଘୋଷଣା କରାଯାଇଛି। ବିକଳ୍ପ ଶକ୍ତି ୫୦୦ ଗିଗାୱାଟକୁ ବୃଦ୍ଧି କରାଯିବ। ସବୁଜ ଶକ୍ତିର ବ୍ୟବହାର ବଢ଼ାଯାଇ ୨୦୩୦ ସୁଦ୍ଧା ଭାରତ କାର୍ବନ ନିର୍ଗମନକୁ ଏକ ବିଲିୟନ ଟନ୍ ହ୍ରାସ କରିବ। ବିକଶିତ ଦେଶଗୁଡ଼ିକ ବିକାଶଶୀଳ ଦେଶଗୁଡ଼ିକୁ ୧୦୦ ବିଲିୟନ ଡଲାର ବଦଳରେ ୧ ଟ୍ରିଲିୟନ ଡଲାର ପ୍ରଦାନ କରିବା ଆବଶ୍ୟକ ବୋଲି ମୋଦି କହିଛନ୍ତି। ପରିବେଶ ସମ୍ବନ୍ଧୀୟ ଭାରତ ୩ଟି ଗୁରୁତ୍ୱପୂର୍ଣ୍ଣ ଫୋରମ୍ ଆରମ୍ଭ କରିଛି। ସେଗୁଡ଼ିକ ହେଲା ବ୍ରିଟେନ୍ ସହ ବିପର୍ଯ୍ୟୟ ପ୍ରତିରୋଧ ଭିତ୍ତିଭୂମି ନିର୍ମାଣ ପାଇଁ ଗଠବନ୍ଧନ (ସିଡିଆର୍ଆଇ) ଫ୍ରାନ୍ସ ସହ ଅନ୍ତର୍ଜାତୀୟ ସୌରମେଣ୍ଟ (ଆଇଏସ୍ଏ) ଏବଂ ସୁଇଡେନ୍ ସହ ଶିଳ୍ପ ପରିବର୍ତ୍ତନ ନିମନ୍ତେ ନେତୃତ୍ୱ ଗୋଷ୍ଠୀ ଗଠନ। ଭାରତ 'ୱାନ୍ ସନ୍-ୱାନ୍ ୱାର୍ଲ୍ଡ-ୱାନ୍ ଗ୍ରୀଡ୍' ପ୍ରସ୍ତାବକୁ ବ୍ରିଟେନ, ଅଷ୍ଟ୍ରେଲିଆ, ଆମେରିକା ଭଳି ଦେଶ ସମର୍ଥନ ଦେଇଛି। ଇସ୍ରୋ ମାଧ୍ୟମରେ ଭାରତ ଛୋଟ ଦେଶଗୁଡ଼ିକୁ ବୈଷୟିକ ସହାୟତା ପ୍ରଦାନ ନିମନ୍ତେ ମଧ୍ୟ ଆଗଭର ହୋଇଛି। ପରିବେଶ ସୁରକ୍ଷା ସମ୍ବନ୍ଧରେ ଉଜ୍ଜ୍ୱଳା, ଉଜାଲା ଭଳି ଯୋଜନା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ଏହାସହ ବନୀକରଣ ପ୍ରସଙ୍ଗରେ ମଧ୍ୟ ଭାରତ ଭଲ କାମ କରିଛି।

**ଏସ୍ସି/ଏସ୍ଟି ଅତ୍ୟାଚାର**

## ଅନ୍ଲାଇନରେ କରିହେବ ଅଭିଯୋଗ

**ନୂଆଦିଲ୍ଲୀ, ୧୩।୧୨**

ଅନୁସୂଚିତ ଜାତି (ଏସ୍ସି) ଏବଂ ଅନୁସୂଚିତ ଜନଜାତି (ଏସ୍ଟି)ଙ୍କ ପ୍ରତି ହେଉଥିବା ଅତ୍ୟାଚାର ସମ୍ପର୍କରେ ଅନ୍ଲାଇନରେ ଅଭିଯୋଗ କରିବା ଲାଗି କେନ୍ଦ୍ର ସରକାର ଏକ ଜାତୀୟ ହେଲ୍ପଲାଇନ ଆରମ୍ଭ କରିଛନ୍ତି। ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ଡ. ବୀରେନ୍ଦ୍ର କୁମାର ସୋମବାର ଏହି ହେଲ୍ପଲାଇନକୁ ଶୁଭାରମ୍ଭ କରିଛନ୍ତି। ଏହା ଏସ୍ସି/ଏସ୍ଟି ଅତ୍ୟାଚାର ରୋକିବା ଲାଗି ରହିଥିବା ଆଇନର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବ। ସମାଜରୁ ଭେଦଭାବ ଦୂର କରିବା ସହ ସମସ୍ତଙ୍କୁ ସୁରକ୍ଷା ପ୍ରଦାନ କରିବା ଏହି ହେଲ୍ପଲାଇନର ଲକ୍ଷ୍ୟ। ଦେୟମୁକ୍ତ ନମ୍ବର ୧୪୫୬୬ ସବୁ ସମୟରେ ସାରା ଦେଶରେ ହିନ୍ଦୀ, ଇଂଲିଶ ସମେତ ସମସ୍ତ ଆଞ୍ଚଳିକ ଭାଷାରେ ଉପଲବ୍ଧ ହେବ। ମୋବାଇଲ ଫୋନ୍ କିମ୍ବା ଲ୍ୟାଣ୍ଡଲାଇନ ନମ୍ବରରୁ ଉକ୍ତ ହେଲ୍ପଲାଇନ ନମ୍ବରକୁ ଭଏସ୍ କଲ୍ କିମ୍ବା ଭିଓଆଇପି କରାଯାଇପାରିବ।

### ଆରମ୍ଭ ହେଲା ହେଲ୍ପଲାଇନ




## କାଶୀ ବିଶ୍ୱନାଥ କରିଡର ଲୋକର୍ପିତ



କାଶୀବିଶ୍ୱନାଥ କରିଡର ଉଦ୍ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂଜାର୍ଚ୍ଚନା କରୁଛନ୍ତି।

**ବାରାଣସୀ, ୧୩।୧୨(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର କାଶୀ ବିଶ୍ୱନାଥ ଧାମ କରିଡରକୁ ଲୋକର୍ପିତ କରିଛନ୍ତି। ଏହି ମେଗା ପ୍ରକଳ୍ପ ବାରାଣସୀରେ ପର୍ଯ୍ୟଟନକୁ ବହୁତ ବଢ଼ାଇବାରେ ସହାୟକ ହେବ। ପ୍ରକଳ୍ପ ଉନ୍ମୋଚନ ସହ ନୂଆ ଇତିହାସ ସୃଷ୍ଟି ହୋଇଥିବା ପ୍ରଧାନମନ୍ତ୍ରୀ କହିଥିଲେ। ଏହା କେବଳ ଏକ ବିଶାଳ ଭବନ ନୁହେଁ, ଭାରତୀୟ ସନାତନ ସଂସ୍କୃତି ଓ ପରମ୍ପରାର ପ୍ରତୀକ। ଏଥିରେ ଭବିଷ୍ୟତ ପିଢ଼ିଙ୍କୁ ପ୍ରେରଣା ମିଳିପାରିବ। କରିଡର ପାଇଁ ମୋଦି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ନିର୍ମାଣ କାର୍ଯ୍ୟରେ ନିୟୋଜିତ ସମସ୍ତ ଶ୍ରମିକଙ୍କୁ କୃତଜ୍ଞତା ଜଣାଇଛନ୍ତି। କୋଭିଡ୍ ମହାମାରୀ ସମୟରେ ମଧ୍ୟ କରିଡର ନିର୍ମାଣ କାର୍ଯ୍ୟ ବନ୍ଦ ରହି ନ ଥିବା ସେ କହିଥିଲେ।

### ସ୍ୱଚ୍ଛତା, ସୃଜନ, ନବୋନ୍ମେଷ ଲାଗି ମୋଦିଙ୍କ ଆହ୍ୱାନ

ଯଦି ଜଣେ ଆଉରଙ୍ଗଜେବ୍ ଆସନ୍ତି, ତାଙ୍କୁ ପ୍ରତିହତ କରିବା ଲାଗି ଶିବାଜୀଙ୍କର ସୃଷ୍ଟି ହୋଇଥାଏ। ମୁସଲମାନ ଆକ୍ରମଣକାରୀ ସଲାର ମାସୁଦ୍ଙ୍କୁ ତଡ଼ିବା ପାଇଁ ରାଜା ସୁହେଲଦେବ ଆସିଥିଲେ। ବାରାଣସୀର ଉଜ୍ଜ୍ୱଳ ଐତିହ୍ୟର ସ୍ମୃତିଚାରଣ କରି ପ୍ରଧାନମନ୍ତ୍ରୀ କହିଥିଲେ, ମୋଗଲ ସମ୍ରାଟ ଆଉରଙ୍ଗଜେବ, ମୁସଲମାନ ଆକ୍ରମଣକାରୀ ସଲାର ମାସୁଦ୍ ଏବଂ ଭାରତରେ ବ୍ରିଟିଶ ଗଭର୍ନର ଜେନେରାଲ ୱାରେନ୍ ହେଷ୍ଟିଙ୍ଗ୍ସ ଏହି ଐତିହ୍ୟକୁ ଧ୍ୱଂସ କରିବା ଲାଗି ଉଦ୍ୟମ କରିଥିଲେ। ଏମାନେ ସାମ୍ରାଜ୍ୟ ବିସ୍ତାର କରିଛନ୍ତି ଓ ଏହାର ପତନ ହୋଇଛି, କିନ୍ତୁ ବନାରସ ବା କାଶୀର ଐତିହ୍ୟ ଅତୁଟ ରହିଛି ବୋଲି ମୋଦି କହିଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଭାରତକୁ ସ୍ୱଚ୍ଛ ଏବଂ ଆତ୍ମନିର୍ଭର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଜନସାଧାରଣ ସ୍ୱଚ୍ଛ, ସୃଜନଶୀଳ ଏବଂ ନୂଆ କରିବାର ମାନସିକତା ରଖିବା ଲାଗି ସେ ଆହ୍ୱାନ ଦେଇଥିଲେ। ଭାରତର ଭବିଷ୍ୟତ ପାଇଁ ଆମକୁ କାମ କରିବାକୁ ହେବ ଓ ଆତ୍ମନିର୍ଭର ହେବାକୁ ପଡ଼ିବ। ଆତ୍ମନିର୍ଭର ହେଲେ ଆମେ ନୂଆ ମାର୍ଗରେ ପାଦ ଦେବା ଓ ସ୍ୱପ୍ନ ପୂରଣ କରିପାରିବା ବୋଲି ମୋଦି କହିଥିଲେ। ଦୁଇଦିନିଆ ବାରାଣସୀ ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ସୋମବାର ସକାଳେ ଏଠାରେ ପହଞ୍ଚିବା ପରେ ଲଳିତା ଘାଟ ଯାଇ ଗଙ୍ଗାନଦୀରେ ବୁଡ଼ ପକାଇଥିଲେ। ପରେ ସେ କାଶୀ ବିଶ୍ୱନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ମେଗା ପ୍ରକଳ୍ପକୁ ଲୋକାର୍ପିତ କରିଥିଲେ। ୨୦୧୯ ମାର୍ଚ୍ଚ ୮ରେ ଉକ୍ତ କରିଡରର ଶିଳାନ୍ୟାସ କରାଯାଇଥିଲା। ୫ ଲକ୍ଷ ବର୍ଗଫୁଟ୍ ଅଞ୍ଚଳ ପରିବ୍ୟାପ୍ତ ଏହି କରିଡରରେ ୨୩ଟି ବିଲ୍ଡିଂ ରହିଛି ଯାହା ଶ୍ରଦ୍ଧାଳୁମାନଙ୍କୁ ବହୁବିଧ ସୁବିଧା ଯୋଗାଇଦେବ। ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କୁ ପ୍ରଧାନମନ୍ତ୍ରୀ କୃତଜ୍ଞତା ଜଣାଇବା ସହ ସେମାନଙ୍କ ସହ ଏକାଠି ଭୋଜନ କରିଥିଲେ।

**ସଂକ୍ଷେପରେ**

## ସଂରକ୍ଷିତ ବର୍ଗରେ ମିଳିଲେନି ଯୋଗ୍ୟ ପ୍ରାର୍ଥୀ

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ) ରାଜ୍ୟରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ଆବଶ୍ୟକ ସଂଖ୍ୟକ ଯୋଗ୍ୟ ପ୍ରାର୍ଥୀ ମିଳୁନାହାନ୍ତି। ବିଶେଷକରି ସଂରକ୍ଷିତ ବର୍ଗଙ୍କ ପାଇଁ ରହିଥିବା ପଦବୀରେ କେହି ଯୋଗ୍ୟତା ହାସଲ କରି ନ ଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୋମବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଚଳିତ ଡିସେମ୍ବରରେ ୧୬ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦେବା ପାଇଁ ଯୋଜନା ରଖିଥିଲୁ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୧୧,୪୦୦ଟି ପଦ ପାଇଁ ବିଜ୍ଞପ୍ତି ବାହାରିଥିଲା। ସେଥିମଧ୍ୟରୁ ୭ ହଜାର ପଦ ପାଇଁ ଚୟନ ସରିଯାଇଛି। ଅବଶିଷ୍ଟ ୪,୪୦୦ଟି ପଦ ପାଇଁ ଯୋଗ୍ୟ ପ୍ରାର୍ଥୀ ମିଳିନାହାନ୍ତି। ସଂରକ୍ଷିତ ପଦରେ ଏଭଳି ସ୍ଥିତି ଉପୁଜିଛି। ଶିକ୍ଷକଙ୍କ ନିଯୁକ୍ତି ପାଇଁ କଟ୍‌ଅଫ୍ ମାର୍କ ରଖାଯାଇଥିଲା। ସେହି କଟ୍ ଅଫ୍ ମାର୍କରେ ବାକି ୪,୪୦୦ଟି ପଦ ପାଇଁ କେହି ପ୍ରାର୍ଥୀ କ୍ୱାଲିଫାଏ କରିପାରିଲେ ନାହିଁ। ସେଥିପାଇଁ ଆମେ ସପ୍ତାହେ ମଧ୍ୟରେ ଆଉଥରେ ବିଜ୍ଞପ୍ତି ପ୍ରକାଶ କରିବୁ। ଯେହେତୁ ସଂରକ୍ଷିତ ବର୍ଗରେ ଆମକୁ ଉପଯୁକ୍ତ ପ୍ରାର୍ଥୀ ମିଳି ନାହାନ୍ତି, ତେଣୁ କ'ଣ କୋହଳ କରାଯାଇପାରିବ, ସେ ନେଇ ବିଶେଷଜ୍ଞଙ୍କ ସହିତ ବିଚାରବିମର୍ଶ କରାଯାଉଛି। ନବ ନିଯୁକ୍ତ ଶିକ୍ଷକଙ୍କ ପାଇଁ ୧୬ ତାରିଖରେ କଳିଙ୍ଗଷ୍ଟାଡିମରେ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ରଖାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ଓ ନିଯୁକ୍ତିପତ୍ର ପ୍ରଦାନ କରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରାଥମିକ ଭାବେ ୫ଟି ରୂପାନ୍ତରୀଣ ସ୍କୁଲଗୁଡ଼ିକରେ ଶିକ୍ଷକ ପଦବୀ ପୂରଣ ପାଇଁ ସରକାର ଟାର୍ଗେଟ ରଖିଛନ୍ତି। କେବଳ ସ୍କୁଲ କୋଠା ନବୀକରଣ ନୁହେଁ, ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ହେଉଛି ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

## ୪୭ ନୂଆ ଆଇପିଓଙ୍କୁ ଦକ୍ଷ କରିବାକୁ ତାଲିମ ଆରମ୍ଭ

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ): ଗୋପବନ୍ଧୁ ପ୍ରଶାସନିକ ଏକାଡେମିଠାରେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ୪୭ ଜଣ ଶିଳ୍ପ ବିକାଶ ଅଧିକାରୀ (ଆଇପିଓ)ଙ୍କ ନିମନ୍ତେ ସୋମବାରଠାରୁ ଦିଶା ନିର୍ଦ୍ଦେଶ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୫ ଦିନ ଧରି ଚାଲିବାକୁ ଥିବା ଏହି ତାଲିମର ପ୍ରଥମ ଦିନ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ କହିଥିଲେ, ସମସ୍ତ ଅଧିକାରୀ ନମ୍ରତାର ସହ ଲୋକଙ୍କ ପାଇଁ କାର୍ଯ୍ୟ କରିବା ଆବଶ୍ୟକ । ଲୋକଙ୍କୁ କର୍ମନିଯୁକ୍ତି ଯୋଗାଇବା ସହ ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବାରେ ଏମ୍‌ଏସ୍‌ଏମ୍‌ଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ତୃଣମୂଳସ୍ତରରେ ଏହି ବିଭାଗର କାର୍ଯ୍ୟଧାରାକୁ ଆହୁରି ଅଧିକ ଗତିଶୀଳ କରିବାରେ ସହାୟକ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ କହିଥିଲେ, ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ପ୍ରତ୍ୟେକ କ୍ଷେତ୍ରରେ ଆଗୁଆ କରି ୧ ନମ୍ବର ସ୍ଥାନରେ ରଖିବାକୁ ଚାହୁଁଥିବାରୁ ନିଜ କର୍ମକ୍ଷେତ୍ରରେ ତତ୍ପରତା ପ୍ରଦର୍ଶନ କରିବାକୁ ହେବ। ତାଲିମ କାର୍ଯ୍ୟକ୍ରମରେ ଏହି ଅଧିକାରୀଙ୍କୁ ଜିଲା ଓ ଆଞ୍ଚଳିକ ଶିଳ୍ପକେନ୍ଦ୍ର, ଗୁଡ୍ ଗଭର୍ନାନ୍ସ, ଇ-ଗଭର୍ନାନ୍ସ, ସର୍ଭିସ୍ କୋଡ୍, ପ୍ରଶାସନିକ ନୈତିକତା, ଜିଲା ଶିଳ୍ପ ପ୍ରୋତ୍ସାହନ ସଂସ୍ଥା (ଦୀପା), ରପ୍ତାନି ପ୍ରୋତ୍ସାହନ ସମେତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ସ୍କିମ୍ ସମ୍ବନ୍ଧରେ ଅବଗତ କରାଯିବ । ୧୮ ତାରିଖରେ ଉଦ୍‌ଯାପନୀ ଦିବସରେ ମୁଖ୍ୟମନ୍ତ୍ରୀ ଏହି ନବନିଯୁକ୍ତ ଅଧିକାରୀଙ୍କୁ ମାର୍ଗଦର୍ଶନ ଦେବା କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି।

# ଫସଲ କ୍ଷୟକ୍ଷତି ଆକଳନ କରି ଫେରିଲା କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)



ଆଲୋଚନାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ କୁମାର ଜେନାଙ୍କ ସହ କେନ୍ଦ୍ରୀୟ ଅଧିକାରୀ ଓ ଅନ୍ୟମାନେ।

ବାତ୍ୟା 'ଜୱାଦ'ଜନିତ ପ୍ରବଳ ବର୍ଷାରେ ରାଜ୍ୟରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ଏହି କ୍ଷୟକ୍ଷତିର ଆକଳନ କରି କେନ୍ଦ୍ରୀୟ ଟିମ୍ ସୋମବାର ଦିଲ୍ଲୀ ଫେରି ଯାଇଛନ୍ତି। ଗୃହ ମନ୍ତ୍ରଣାଳୟର ଯୁଗ୍ମ ଶାସନ ସଚିବ ସୌରଭ ରାୟଙ୍କ ନେତୃତ୍ୱରେ ଓଡ଼ିଶା ଆସିଥିବା ୬ ଜଣିଆ କେନ୍ଦ୍ରୀୟ ଟିମ୍ ଦୁଇଦିନରେ ଗଞ୍ଜାମ, ପୁରୀ, ଜଗତ୍‌ସିଂପୁର, କଟକ, ଯାଜପୁର ଓ କେନ୍ଦ୍ରାପଡ଼ା ଆଦି ଜିଲାର କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିବା ସହ ଚାଷୀଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। ପରେ ଏହି ଟିମ୍ ସୋମବାର ଅପରାହ୍ନ ୪ଟାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ କୁମାର ଜେନାଙ୍କ ସହ ଲୋକସେବା ଭବନ ସଭାଗୃହରେ କ୍ଷୟକ୍ଷତି ବିଷୟରେ ଆଲୋଚନା କରିଥିଲେ। ଖରିଫ ଫସଲ ପାଚିବା ସମୟରେ ଏହି ବାତ୍ୟାଜନିତ ବର୍ଷା ଚାଷୀଙ୍କର ପ୍ରଭୂତ କ୍ଷତି କରିଛି ବୋଲି କେନ୍ଦ୍ରୀୟ ଟିମ୍‌ର ସଦସ୍ୟମାନେ କହିଥିଲେ। କେନ୍ଦ୍ରୀୟ ଟିମ୍ ସଦସ୍ୟ ପୂଜା ଜୈନ କହିଲେ, ଚଳିତ ମାସର ପ୍ରଥମ ସପ୍ତାହରେ ଲଗାଣ ବର୍ଷାରେ ପୁରୀ ଓ ଗଞ୍ଜାମ ଜିଲାରେ ଚାଷୀଙ୍କର ବ୍ୟାପକ କ୍ଷୟକ୍ଷତି ହୋଇଛି। ଚାଷୀଙ୍କୁ ଉପଯୁକ୍ତ ସହାୟତା ମିଳିବା ପାଇଁ ରିଲିଫ୍ କୋଡ୍‌ରେ ସଂଶୋଧନର ଆବଶ୍ୟକତା ରହିଛି। ଏନେଇ କେନ୍ଦ୍ର ସରକାରଙ୍କୁ ସୁପାରିସ କରାଯିବ। ରିଲିଫ୍ କୋଡ୍ ସଂଶୋଧନ ପାଇଁ ବିଭିନ୍ନ ମନ୍ତ୍ରଣାଳୟର ସମ୍ପର୍କ ରହିଥିବାରୁ କେନ୍ଦ୍ର କ୍ୟାବିନେଟ ଚୂଡ଼ାନ୍ତ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି। ତେବେ ଆଲୋଚନା ସମୟରେ, ମୁଖ୍ୟ ଶାସନ ସଚିବ ବାତ୍ୟା ସମୟର ସ୍ଥିତି ଓ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ କୃଷକଙ୍କୁ ପାଚିଲା ଶସ୍ୟ ଓ ଉଦ୍ୟାନଜାତ ଦ୍ରବ୍ୟ କ୍ଷେତରୁ ଆଣି ନିରାପଦ ସ୍ଥାନରେ ରଖିବାକୁ ପରାମର୍ଶ ଦିଆଯାଇଥିଲା। କୃଷକମାନେ ମଧ୍ୟ ବହୁ ଚେଷ୍ଟା କରିଥିଲେ। ଏତେ କମ୍ ସମୟ ମଧ୍ୟରେ ସମସ୍ତ ଧାନ, ପନିପରିବା ଓ ଅନ୍ୟାନ୍ୟ ଖରିଫ୍ ଫସଲ ଅମଳ କରି ନିରାପଦ ସ୍ଥାନକୁ ଆଣିବା ସମ୍ଭବ ହୋଇ ନ ଥିଲା। ପ୍ରାଥମିକ ଆଖିଦେଖା ଆକଳନ ଅନୁସାରେ ୧୨ଟି ଜିଲା ଅନ୍ତର୍ଗତ ୧୩୧ଟି ବ୍ଲକ୍‌ରେ ପ୍ରାୟ ୫.୭୮ ଲକ୍ଷ ହେକ୍ଟର ଜମିର ଖରିଫ୍ ଫସଲ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ବର୍ତ୍ତମାନ କ୍ଷେତ୍ରସ୍ତରୀୟ କ୍ଷୟକ୍ଷତି ଆକଳନ କରାଯାଇଛି ବୋଲି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଥିଲେ। ପ୍ରକୃତ କ୍ଷୟକ୍ଷତି ଆକଳନ ପ୍ରାୟ ୭ଦିନ ମଧ୍ୟରେ ସରିଯିବ। ତେବେ ଜମିରେ ପାଣି ଜମି ରହିବାରୁ ଚାଷୀ ମଧ୍ୟ ରବି ଫସଲ ନିମନ୍ତେ ମଞ୍ଜି ବୁଣିବାରୁ ବଞ୍ଚିତ ହୋଇଛନ୍ତି ବୋଲି ଉନ୍ନୟନ କମିଶନର ଜେନା କହିଥିଲେ।

- ପୁରୀ, ଗଞ୍ଜାମରେ ବ୍ୟାପକ ଫସଲ ନଷ୍ଟ ହୋଇଥିବା କହିଲେ
- ରିଲିଫ୍ କୋଡ୍‌ର ସଂଶୋଧନ ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିବେ

# ଗରିବ ମେଧାବୀଙ୍କୁ ମାଗଣା କୋଚିଂ

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନରେ ଏକାଦଶ ଶ୍ରେଣୀରେ ପଢୁଥିବା ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଜାତୀୟସ୍ତରୀୟ ପ୍ରବେଶିକା ପରୀକ୍ଷା ପାଇଁ ମାଗଣାରେ କୋଚିଂ ଦିଆଯିବ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଛାତ୍ରୀଛାତ୍ରଙ୍କୁ ଏନ୍‌ଇଇଟି(ମେଡିକାଲ), ଆଇଆଇଟି, ଜେଇଇ (ଇଞ୍ଜିନିୟରିଂ) ଓ ନ୍ୟାଶନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ) ପ୍ରବେଶିକା ପରୀକ୍ଷାର ପ୍ରସ୍ତୁତି ପାଇଁ କୋଚିଂ ଦିଆଯିବ। ଏଥିପାଇଁ ଛାତ୍ରୀଛାତ୍ରମାନେ ଆସନ୍ତା ୧୫ ତାରିଖରୁ ନାମ ପଞ୍ଜୀକରଣ କରିବାକୁ ପଡ଼ିବ। ଛାତ୍ରୀଛାତ୍ରମାନେ https://unacademy.com/scholarship/odisha-scholarship-testକୁ ଲଗ୍ ଇନ୍ କରି ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ କରିପାରିବେ। ଏହି ପଞ୍ଜୀକରଣ ଜାନୁୟାରୀ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ଯୋଗ୍ୟତା ଭିତ୍ତିରେ ଛାତ୍ରୀଛାତ୍ରଙ୍କୁ ମନୋନୟନ କରାଯିବ। ପ୍ରଥମେ ପଞ୍ଜୀକରଣ କରିଥିବା ଛାତ୍ରୀଛାତ୍ରଙ୍କର ଏକ ଅନ୍‌ଲାଇନ୍ ଅପ୍‌ଟିଚୁଡ୍ ଟେଷ୍ଟ ବା ପ୍ରବେଶିକା ପରୀକ୍ଷା ହେବ। ଏହି ପରୀକ୍ଷାର ୫୦% ମାର୍କ ଓ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷାର ୫୦% ମାର୍କକୁ ମିଶାଇ ଯୋଗ୍ୟତା ଭିତ୍ତିରେ କୋଚିଂ ପାଇଁ ମେଧା ଛାତ୍ରୀଛାତ୍ରଙ୍କୁ ଚୟନ କରାଯିବ।

**୧୫ରୁ ପଞ୍ଜୀକରଣ ଆରମ୍ଭ**

ପଞ୍ଜୀକରଣ କରିଥିବା ଛାତ୍ରୀଛାତ୍ର ଜାନୁୟାରୀ ୧୫ ତାରିଖ ପୂର୍ବାହ୍ନ ୧୧ଟାରେ ପ୍ରବେଶିକା ପରୀକ୍ଷା ଦେବେ। ସେହିଭଳି ଯେଉଁ ଛାତ୍ରୀଛାତ୍ରଙ୍କ ମା'ବାପାଙ୍କ ବାର୍ଷିକ ଆୟ ୬ଲକ୍ଷ ଟଙ୍କାରୁ କମ୍ ସେମାନେ ଏଥିପାଇଁ ଆବେଦନ କରିପାରିବେ। ଯୁକ୍ତ୨ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପାଠ୍ୟକ୍ରମରେ ପଢୁଥିବା ବିଦ୍ୟାର୍ଥୀଙ୍କୁ ସୁଯୋଗ ମିଳିବ। ୨୦୨୧-୨୨ ଶିକ୍ଷାବର୍ଷରେ ୩୦ ଜିଲାର ମୋଟ ୧ ହଜାର ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏଥିପାଇଁ ମୋଟ ୩ ହଜାର ଛାତ୍ରୀଛାତ୍ରଙ୍କ ମେଧା ତାଲିକା ପ୍ରକାଶ ପାଇବ। ଯୋଗ୍ୟତା ପାଇଥିବା ପ୍ରାର୍ଥୀ କୋଚିଂରେ ସାମିଲ ନ ହେଲେ ୱେଟିଂ ଲିଷ୍ଟରେ ଥିବା ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦିଆଯିବ। 'ଅନ୍‌ଏକାଡେମୀ' ପକ୍ଷରୁ ଛାତ୍ରୀଛାତ୍ରଙ୍କୁ କୋଚିଂ ଦିଆଯିବ ବୋଲି ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଭାର୍ଗବୀ ନଦୀରୁ ମିଳିଲା ମୃତଦେହ

**ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ବ୍ୟକ୍ତିଗତ ସହାୟକ ନିଖୋଜ ଘଟଣା**

- ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ
- ପୂର୍ବ ଶତ୍ରୁତାରୁ ଘଟଣା ଘଟିଥିବା ସନ୍ଦେହ

ପୁରୀ ଅଫିସ,୧୩।୧୨

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମାଙ୍କ ବ୍ୟକ୍ତିଗତ ସହାୟକ ଚିତ୍ତରଞ୍ଜନ ପଲାଇ ଗତ ଶନିବାର ରାତିରୁ ନିଖୋଜ ଥିବାବେଳେ ସୋମବାର ତାଙ୍କ ମୃତଦେହକୁ ପୁରୀ ସଦର ଥାନା ଅଧୀନ ଭାର୍ଗବୀ ନଦୀରୁ ପୋଲିସ ଜବତ କରିଛି। ଏଥିସହ ଏହି ଘଟଣାରେ ସମ୍ପୃକ୍ତି ସନ୍ଦେହରେ ୪ଜଣଙ୍କୁ ପୋଲିସ ପଚରାଉଚରା କରିଥିବା ବେଳେ ଜଣଙ୍କୁ ଅଟକ ରଖିଛି। ଘଟଣାର ତଦନ୍ତ ନିମନ୍ତେ ଏସ୍‌ଆଇଟି (ସ୍ୱତନ୍ତ୍ର ତଦନ୍ତକାରୀ ଦଳ) ଗଠନ କରାଯାଇଛି। ପୂର୍ବ ଶତ୍ରୁତା କିମ୍ବା ଟଙ୍କା ଦେଣନେଣକୁ ନେଇ ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ଅନୁମାନ କରୁଛି। ଅନ୍ୟପକ୍ଷରେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଚିତ୍ତରଞ୍ଜନଙ୍କ ପରିବାରବର୍ଗ ଅଭିଯୋଗ କରିଛନ୍ତି। ସେମାନେ ନିରପେକ୍ଷ ତଦନ୍ତ ପାଇଁ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଚିତ୍ତରଞ୍ଜନ ନିଜ ବନ୍ଧୁ ଜଗନ୍ନାଥ ଷଡ଼ଙ୍ଗୀଙ୍କ ସହ ଶନିବାର ସନ୍ଧ୍ୟାରେ ପୁରୀ ମାଟିଆପଡ଼ାସ୍ଥିତ ଭଡ଼ାଘରେ ପହଞ୍ଚି ଭୋଜିଭାତ କରିଥିଲେ। ଏହାପରେ ରାତିରେ ଦୁହେଁ ଏକ ବାଇକ୍ ଯୋଗେ ଗଡମୃଗଶିରା ପୋଲ ନିକଟ ଭାର୍ଗବୀ ନଦୀ ପାଖକୁ ଯାଉଥିଲେ। ବାଟରେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଓ ସେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ ବୋଲି ଜଗନ୍ନାଥ କହିଛନ୍ତି। ତେଣୁ ସେ ଚିତ୍ତରଞ୍ଜାଙ୍କ ବିଷୟରେ କିଛି ଜାଣି ନ ଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଚିତ୍ତରଞ୍ଜନଙ୍କ ନିଖୋଜ ନେଇ ପରିବାର ପକ୍ଷରୁ ରବିବାର ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଗଡ଼ମୃଗଶିରା ପୋଲ ନିକଟ ରାସ୍ତାରେ ରକ୍ତଛିଟା ପଡ଼ିଥିବା ଦେଖିବାକୁ ମିଳିଥିଲା। ସେହିପରି ଦୁର୍ଘଟଣାସ୍ଥଳରୁ ବାଇକ୍ ସମେତ ଚିତ୍ତରଞ୍ଜନଙ୍କ ମୋବାଇଲ ଫୋନ୍, ପର୍ସକୁ ପୋଲିସ ଜବତ କରିଥିଲା। ତେବେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଏହା ଦୁର୍ଘଟଣା ନୁହେଁ ବରଂ ହତ୍ୟା ବୋଲି ସନ୍ଦେହ କରାଯାଉଛି। ପ୍ରଥମତଃ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହେବା ପରେ ଯେଉଁଭଳି ଭାବେ ଭାଙ୍ଗିଯିବା କଥା ସେଭଳି କିଛି ହୋଇନାହିଁ। ସେହିଭଳି ନଦୀ ଯେଉଁ ପାର୍ଶ୍ୱରେ ରହିଛି ଏହାର ଅପରପାର୍ଶ୍ୱରେ ଗାଡ଼ିଟି ପଡ଼ିରହିଛି। ଦୁର୍ଘଟଣାସ୍ଥଳ ଓ ନଦୀ ମଧ୍ୟରେ ଏକଶହ ମିଟରର ଦୂରତା ଥିବାବେଳେ ଜଣେ ବ୍ୟକ୍ତି ଏତେ ବାଟ ଗଡ଼ିଯାଇ ନଦୀରେ ପଡ଼ିବା ବିଶ୍ୱାସଯୋଗ୍ୟ ହେଉନାହିଁ। ସେହିଭଳି ରାସ୍ତାରେ ଘୋଷରା ଦାଗ ଥିବାବେଳେ ଚିତ୍ତରଞ୍ଜନଙ୍କ ଶରୀରରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଚିତ୍ତରଞ୍ଜନ ବଡ଼ବାପା ପୂର୍ଣ୍ଣଚନ୍ଦ୍ର ପଲାଇ ଅଭିଯୋଗ କରିଛନ୍ତି ଯେ, ଚିତ୍ତରଞ୍ଜନଙ୍କୁ ଅପହରଣ କରିନିଆଯାଇ ନିର୍ମମ ଭାବେ ହତ୍ୟା କରି ନଦୀରେ ଫିଙ୍ଗି ଦିଆଯାଇଛି। ସେହିପରି ଚିତ୍ତରଞ୍ଜନଙ୍କ ସ୍ତ୍ରୀ ପ୍ରିୟଙ୍କା ଓ ଶ୍ୱଶୁର ଘର ଲୋକେ ଯୋଜନାବଦ୍ଧ ହତ୍ୟା ଅଭିଯୋଗ ଆଣିବା ସହ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଦାସବର୍ମାଙ୍କ ଆଡ଼କୁ ପରୋକ୍ଷରେ ଆଙ୍ଗୁଠି ଉଠାଇଛନ୍ତି। ଏ ନେଇ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଦାସବର୍ମା କହିଛନ୍ତି, ଚିତ୍ତରଞ୍ଜନ ଜଣେ ଭଲ ମଣିଷ ଥିଲେ। ଏଭଳି ଖବର ପାଇ ମୁଁ ମର୍ମାହତ। ତାଙ୍କ ବିୟୋଗ ମୋ ପାଇଁ ବ୍ୟକ୍ତିଗତ କ୍ଷତି। ତାଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଉଛି। ଏଥିସହ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କୁ ଦଣ୍ଡ ଦିଆଯିବା ଦରକାର। ତଦନ୍ତ ପରେ ସତ ସାମ୍ନାକୁ ଆସିବ ବୋଲି ଦାସବର୍ମା ପ୍ରକାଶ କରିଛନ୍ତି। ପୋଲିସ ଏହି ଘଟଣାର ତଦନ୍ତ ଚାଲୁ ରଖିଛି। ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ କହିଛନ୍ତି, ଅପହରଣ ନେଇ ଅଭିଯୋଗ ହୋଇଥିବାବେଳେ ଏବେ ତାହା ହତ୍ୟା ମାମଲାରେ ପରିଣତ ହୋଇଛି। ଏସ୍‌ପି କନୱର ବିଶାଲ ସିଂ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ପ୍ରକ୍ରିୟାର ସମୀକ୍ଷା କରିଛନ୍ତି।

## ଗଠନ ହେଲା ଏସ୍‌ଆଇଟି

ଚିତ୍ତରଞ୍ଜନ ହତ୍ୟା ମାମଲାର ତଦନ୍ତ ପାଇଁ ଏସ୍‌ଆଇଟି ଗଠନ କରାଯାଇଛି। ଏହାର ମୁଖ୍ୟ ଭାବେ ଅତିରିକ୍ତ ଏସ୍‌ପି ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ରହିଛନ୍ତି। ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ, ପୁରୀ ସଦର ଥାନା ଆଇଆଇସି ସୁମତି ମହାନ୍ତି, ସାଇଣ୍ଟିଫିକ୍ ଟିମ୍, ଫରେନ୍ସିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍‌କୁ ଏଥିରେ ସାମିଲ କରାଯାଇଛି। ଏହି ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ପ୍ରାଥମିକ ତଦନ୍ତ ଶେଷ କରିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଓ ଗ୍ରାଉଣ୍ଡ ରିପୋର୍ଟ ଆଧାରରେ ତଦନ୍ତ ଚଳାଇବ । ବିଳମ୍ବିତ ରାତ୍ରରେ ଚିତ୍ତରଞ୍ଜନ ଓ ଜଗନ୍ନାଥ କାହିଁକି ଏଭଳି ଜନଶୂନ୍ୟ ସ୍ଥାନକୁ ଗଲେ, ଚିତ୍ତରଞ୍ଜନ ସ୍ୱଇଚ୍ଛାରେ ଅଥବା କାହାରି ଚାପରେ ଯାଇଥିଲେ, ହତ୍ୟା ପଛର ରହସ୍ୟ କ'ଣ ଏଭଳି ଅନେକ ପ୍ରଶ୍ନର ଉତ୍ତର ଖୋଜୁଛି ପୋଲିସ।

## ୪ ଜଣଙ୍କୁ ଜେରା, ଜଣେ ଅଟକ

ପୋଲିସ ୪ଜଣଙ୍କୁ ପଚରାଉଚରା କରିଛି। ଚିତ୍ତରଞ୍ଜନଙ୍କ ସହ ଘଟଣାସ୍ଥଳକୁ ଯାଇଥିବା ଜଗନ୍ନାଥ ଷଡ଼ଙ୍ଗୀଙ୍କ ସମେତ ସର୍ବେଶ୍ୱର ଜେନା, ଉମାକାନ୍ତ ପାଇକରାୟ ଓ ଚିତ୍ତରଞ୍ଜନଙ୍କର ଜଣେ ପୁତୁରାଙ୍କୁ ପୋଲିସ ଥାନାକୁ ଡାକିଜେରା କରିଛି। ସମ୍ପୃକ୍ତ ବ୍ୟକ୍ତିମାନେ ଗତ ଶନିବାର ରାତିରେ ଭୋଜିର ଅଂଶବିଶେଷ ଥିଲେ। ଏମାନଙ୍କ ମଧ୍ୟରୁ କେବଳ ଜଗନ୍ନାଥ ଘଟଣାସ୍ଥଳକୁ ଯାଇଥିଲେ। ତେଣୁ ତାଙ୍କୁ ଅଟକ ରଖାଯାଇଛି। ଅନ୍ୟମାନେ ଥାନାକୁ ଆସି ତଦନ୍ତ ପ୍ରକ୍ରିୟାରେ ସହଯୋଗ କରିବେ ବୋଲି ଆଇଆଇସି ସୁମତି ମହାନ୍ତି କହିଛନ୍ତି।

DADLS - 47
75 Azadi Ka Amrit Mahotsav
ଓଡ଼ିଶା ସରକାର



ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀ
ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ
ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
ରାଜ୍ୟସ୍ତରୀୟ ଜୟନ୍ତୀ
ତା.୧୪.୧୨.୨୦୨୧
ସମୟ:
ସକାଳ ଘ.୮.୩୦ମି : ଭୁବନେଶ୍ୱର ଜୟଦେବ ବିହାର ଛକସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ
ସାଧାରଣ ସଭା (ମଞ୍ଚ ଓ ଆଭାସୀ ମାଧ୍ୟମରେ)
ସନ୍ଧ୍ୟା ୬ ଘଟିକା : ଜୟଦେବ ଭବନ, ଭୁବନେଶ୍ୱର
Zoom Meeting ID (ଜୁମ୍ ମିଟିଂ ଆଇଡି) : 88049868175
ପାସ୍‌କୋଡ୍ (Passcode) : 12345
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗଦେବାକୁ ବିନମ୍ର ନିବେଦନ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
ବି.ଦ୍ର.: ଉକ୍ତ କାର୍ଯ୍ୟକ୍ରମ କୋଭିଡ୍ ନିୟମାବଳୀ ମଧ୍ୟରେ ପାଳନ କରାଯିବ।
ଏହା Zoom ଓ IPR Odisha Facebook Live ଉପଲବ୍ଧ ହେବ।
OIPR-15001/13/0085/2122

# ଲିଙ୍ଗଗତ ସମାନତା ଦୃଢ଼ୀଭୂତ ମୁଖ୍ୟ ଲକ୍ଷ୍ୟ

**ସରକାର-ଜାତିସଂଘ ପୁଞ୍ଜି ବିକାଶ ପାଣ୍ଠିର ଚୁକ୍ତି ସ୍ୱାକ୍ଷର**

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଏବଂ ୟୁନାଇଟେଡ୍ ନେସନ୍ସ କ୍ୟାପିଟାଲ ଡେଭଲପମେଣ୍ଟ ଫଣ୍ଡ (ୟୁଏନ୍‌ସିଡିଏଫ୍) ଜାତିସଂଘ ପୁଞ୍ଜିବିକାଶ ପାଣ୍ଠି ମଧ୍ୟରେ ସୋମବାର ଏକ ଚୁକ୍ତିପତ୍ର ସ୍ୱାକ୍ଷର କରିଛନ୍ତି। ଏହାସହ ମିଶନ ଶକ୍ତି-ଲିଭିଂ ଲାବ୍ ପ୍ରକଳ୍ପର ଶୁଭାରମ୍ଭ ହୋଇଛି । ମହିଳାଙ୍କୁ ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ କରିବା ଏବଂ ଲିଙ୍ଗଗତ ସମାନତାକୁ ଦୃଢ଼ୀଭୂତ କରିବା ଦିଗରେ ରାଜ୍ୟ ସରକାର ଏବଂ ୟୁଏନ୍‌ସିଡିଏଫ୍‌ର ଏହା ଏକ ସମ୍ମିଳିତ ପ୍ରୟାସ ।

ରାଜ୍ୟର ସହର ଏବଂ ଗ୍ରାମାଞ୍ଚଳଗୁଡ଼ିକରେ ମିଶନ ଶକ୍ତି ଅଧୀନରେ ୬.୦୨ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୋଇଛି। ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିବା ଅବସରରେ ମିଶନ ଶକ୍ତି କମିଶନର ସୁଜାତା ଆର୍. କାର୍ତ୍ତିକେୟନ୍ କହିଥିଲେ, ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ଏକାନ୍ତ ଆବଶ୍ୟକ। ଏହି ଚୁକ୍ତିନାମା ଫଳରେ ମହିଳାମାନେ ନୂତନ ଜ୍ଞାନକୌଶଳ ବ୍ୟବହାର କରିପାରିବେ। ସେମାନେ ଅଧିକ ଉପାର୍ଜନକ୍ଷମ ହୋଇପାରିବେ ବୋଲି ମଧ୍ୟ ଆଶାବାଦୀ । ମହିଳାଙ୍କ ଆୟବୃଦ୍ଧି ସହ ଆର୍ଥିକ ସ୍ୱଚ୍ଛଳତାକୁ ସୁନିଶ୍ଚିତ କରିବା ଦିଗରେ ମିଶନ ଶକ୍ତି ଏବଂ ୟୁଏନ୍‌ସିଡିଏଫ୍‌ର ଆର୍ଥିକ ସହଭାଗିତା ସମୟୋଚିତ ଏବଂ ମହତ୍ତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ୟୁଏନ୍‌ସିଡିଏଫ୍‌ର ନିର୍ଦ୍ଦେଶକ ହେନେରୀ ଡୋମେଲ କହିଛନ୍ତି, ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ମହିଳାଙ୍କ ଆର୍ଥିକ ନିରାପତ୍ତା ଏବଂ ସ୍ୱାଧୀନତା ବୃଦ୍ଧି ପାଇଁ ନୂତନ ଜ୍ଞାନକୌଶଳ ଓ ଭିତ୍ତିଭୂମିର ବ୍ୟବହାରରେ ଏହା ସହାୟକ ହେବ । ଆର୍ଥିକ ନିରାପତ୍ତା ହାସଲ ଦିଗରେ ମହିଳାଙ୍କ ନିମନ୍ତେ ଥିବା ପ୍ରତିବନ୍ଧକକୁ ଦୃଢ଼ୀଭୂତ କରିବା, ଆର୍ଥିକ ସ୍ୱାଧୀନତା ହାସଲ କରିବା ସହ ଡିଜିଟାଲ ଜ୍ଞାନକୌଶଳର ପ୍ରୟୋଗରେ ଇ-ବ୍ୟବସାୟ କାରବାରକୁ ଆହୁରି ବ୍ୟାପକ କରିବା ଦିଗରେ ଯଥେଷ୍ଟ ସହାୟକ ହେବ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଡିଜିଟାଲ ଆର୍ଥିକ ସେବା ପ୍ରଦାନ ଏବଂ ସେମାନଙ୍କ ଉନ୍ନତ ଆର୍ଥିକ ଅବସ୍ଥା ସୃଷ୍ଟି କରିବା ଦିଗରେ ଯଥେଷ୍ଟ ଫଳପ୍ରଦ ହେବ । ମହିଳାମାନଙ୍କ ଦ୍ୱାରା ପରିଚାଳିତ ପ୍ରାୟ ୧୦ ହଜାର କ୍ଷୁଦ୍ର ଉଦ୍ୟୋଗ ନିଜ ସାମର୍ଥ୍ୟ ଅନୁସାରେ ବଜାର ସୁଯୋଗ ପାଇବା, ବ୍ୟବସାୟ ସମ୍ପ୍ରସାରଣ ନିମନ୍ତେ ପୁଞ୍ଜି ପାଇବା ଏବଂ ଅଧିକ ବଜାର ସଂଯୋଗୀକରଣର ସୁବିଧା ପାଇପାରିବେ।

ଜାତୀୟ ଶକ୍ତି ସଂରକ୍ଷଣ ଦିବସ
୧୪ ଡିସେମ୍ବର ୨୦୨୧
DSPL - 322




ସର୍ବଦା ଏଲ୍.ଇ.ଡି. ବଲବ୍ ବ୍ୟବହାର କରନ୍ତୁ
କୃତ୍ରିମ ଆଲୋକ ବଦଳରେ ପ୍ରାକୃତିକ ସୂର୍ଯ୍ୟ କିରଣ ବ୍ୟବହାର କରନ୍ତୁ
ବାହାରକୁ ଯିବାବେଳେ ଲାଇଟ୍ ବନ୍ଦ କରନ୍ତୁ
ସର୍ବଦା ଶକ୍ତି ଦକ୍ଷ ଉପକରଣକୁ ବ୍ୟବହାର କରନ୍ତୁ
ନିକଟସ୍ଥ ସ୍ଥାନକୁ ଚାଲିକରି ଯାଆନ୍ତୁ
ସୌର ଚାଳିତ ଉପକରଣ ବ୍ୟବହାର କରନ୍ତୁ
ଆଜି ଶକ୍ତିର ଅପଚୟ ଆସନ୍ତାକାଲି ପାଇଁ ବିପର୍ଯ୍ୟୟ
ଶକ୍ତି ସଞ୍ଚୟ କରନ୍ତୁ ଆମ ପୃଥିବୀକୁ ବଞ୍ଚାନ୍ତୁ
ସେଣ୍ଟର ଫର୍ ଏନ୍‌ଭର୍ଣ୍ଣମେଣ୍ଟାଲ ଷ୍ଟଡିଜ୍ (ସି.ଇ.ଏସ୍)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର
OIPR-08001/13/0003/2122

# ସ୍କୁଟି ଡିକି ଭାଙ୍ଗି ୬୫ହଜାର ଟଙ୍କା ଚୋରି

**ନିମାପଡ଼ା,୧୩।୧୨(ଡି.ଏନ୍.ଏ.):** ନିମାପଡ଼ା ଏନ୍ଏସି ଗଡ଼ଅଣ୍ଡିଆ ଛକ ବ୍ରିଜ ନିକଟରେ ଏକ ଦୋକାନ ଆଗରେ ଥିବା ସ୍କୁଟି ଡିକି ଭାଙ୍ଗି ୬୫ହଜାର ଟଙ୍କା ଚୋରି କରି ନେଇଥିବା ସୋମବାର ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଏହି ଥାନା ଅଧୀନ ନୂଆରକରି ଗ୍ରାମର ପଦ୍ମଚରଣ ଜେନା ସୋମବାର ଅପରାହ୍ନରେ ସ୍ଥାନୀୟ ୟୁକୋ ବ୍ୟାଙ୍କରୁ ୨୫ହଜାର ଟଙ୍କା ଓ ଷ୍ଟେଟ ବ୍ୟାଙ୍କରୁ ୨୦ହଜାର ଉଠାଇବା ସହ ନିଜ ପାଖରେ ଥିବା ୨୦ହଜାର ଟଙ୍କାକୁ ମିଶାଇ ସ୍କୁଟି ଡିକିରେ ରଖିଥିଲେ। ପରେ ସେ ଗାଡ଼ି ନେଇ ଗଡ଼ଅଣ୍ଡିଆ ଛକ ପାଖରେ ଗାଡ଼ି ରଖି ନିକଟସ୍ଥ ଏକ ଦୋକାନକୁ କିଛି ସାମଗ୍ରୀ ଆଣିବାକୁ ଯାଇଥିଲେ। ଏହି ସମୟରେ ପୂର୍ବରୁ ନଜର ରଖିଥିବା କେତେଜଣ ଦୁର୍ବୃତ୍ତ ଗାଡ଼ିର ଡିକିକୁ କୌଶଳକ୍ରମେ ଭାଙ୍ଗି ଟଙ୍କା ନେଇ ଫେରାର ହୋଇଯାଇଥିଲେ। ସାମଗ୍ରୀ କିଣି ପଦ୍ମଚରଣ ଫେରିବାବେଳେ ଗାଡ଼ି ଖୋଲା ଥିବାବେଳେ ସେଥିରେ ଟଙ୍କା ନ ଥିବା ଦେଖିଥିଲେ। ଏ ନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ନିମାପଡ଼ା,୧୩।୧୨(ଡି.ଏନ୍.ଏ.):** ନିମାପଡ଼ା ଥାନା ଗଙ୍ଗୁଆ ଛକ ନିକଟରେ ଏକ ଟ୍ରକ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଟ୍ରକ ଡ୍ରାଇଭରଙ୍କୁ ଧରିବା ସହ ଗୁରୁତର ଆହତ ହୋଇଥିବା ଯୁବକଙ୍କୁ ଉଦ୍ଧାର କରି ପ୍ରଥମେ ନିମାପଡ଼ା ମେଡିକାଲ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟି ଜବତ କରିବା ସହ ଟ୍ରକ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ଅନୁଯାୟୀ, ଏହି ଥାନା ବଡ଼ଶିରୁଳା ପଞ୍ଚାୟତର ତୋରବାଙ୍ଗ ଗ୍ରାମର ଅକ୍ଷୟ ଜେନା ବାଇକ୍‌ର କୁମ୍ଭାରପଡ଼ାରୁ ଗଙ୍ଗୁଆ ଛକ ଅଭିମୁଖେ ଆସୁଥିଲେ। ବିପରୀତ ଦିଗ ଗଙ୍ଗୁଆଛକରୁ ଆସୁଥିବା ଟ୍ରକ୍ ବାଇକ୍‌କୁ ଧକ୍କା ଦେଇଥିଲା।

## WATER FOR ALL
### PUBLIC NOTICE

No. C-1574: Govt. of Odisha is implementing **"BASUDHA"** Mission to provide piped water supply connection to all households in all ULBs. It is reported that all the households/properties (100%) of **Kendrapara** Town have been provided with piped water supply connections. Any house/property owner/authorised person, who has not yet availed such connection till date may avail this facility by registering at the nearest Public Health Engineering Office within 7 days to get the connection. After completing such registered cases or in the absence of any response to this notice, this town will be declared as 100% covered under house connections.

**Contact on. 7978227200 (Executive Engineer)**
**9437183245 (Assistant Engineer)**
**9437285553 (Junior Engineer)**

## ସମସ୍ତଙ୍କ ପାଇଁ ଜଳ
### ସର୍ବସାଧାରଣ ବିଜ୍ଞପ୍ତି

ପ୍ରତ୍ୟେକ ସହରାଞ୍ଚଳରେ ସମସ୍ତ ଗୃହକୁ ବିଶୁଦ୍ଧ ପାଇପ ଜଳ ସଂଯୋଗ ଯୋଗାଇଦେବା ନିମନ୍ତେ ଓଡ଼ିଶା ସରକାର "**ବସୁଧା**" ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଉକ୍ତ ଯୋଜନା ମାଧ୍ୟମରେ **କେନ୍ଦ୍ରାପଡ଼ା** ସହରର ସମସ୍ତ ଗୃହକୁ (୧୦୦%) ପାଇପ ଜଳ ସଂଯୋଗ ଦିଆଯାଇ ସାରିଥିବା ସରକାରଙ୍କର ଦୃଷ୍ଟିକୁ ଆସିଅଛି। ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଯଦି କୌଣସି ଗୃହକର୍ତ୍ତା ଏ ପର୍ଯ୍ୟନ୍ତ ନିଜ ଗୃହକୁ ପାଇପ ଜଳ ସଂଯୋଗୀକରଣ ସୁବିଧାକୁ ଉପଲବ୍ଧ କରିନାହାନ୍ତି, ତେବେ ସେମାନେ ସାତଦିନ ମଧ୍ୟରେ ନିକଟସ୍ଥ ଜନସ୍ୱାସ୍ଥ୍ୟ (PHEO) ଅଫିସ ସହ ଯୋଗାଯୋଗ କରି ପଞ୍ଜୀକରଣ କରିନିଅନ୍ତୁ। ଯଦି ଏହି ନୋଟିସର କୌଣସି ପ୍ରତିକ୍ରିୟା ନ ମିଳେ ତେବେ ପଞ୍ଜୀକୃତ ହୋଇଥିବା ଗୃହର କାର୍ଯ୍ୟ ସମ୍ପାଦନ କରାଯାଇ ଏହି ସହରକୁ ସମ୍ପୂର୍ଣ୍ଣ ଭାବରେ ସମସ୍ତ ଗୃହକୁ (୧୦୦%) ଜଳ ସଂଯୋଗ ଦିଆଯାଇଛି ବୋଲି ଘୋଷଣା କରାଯିବ।

**ଯୋଗାଯୋଗ କରନ୍ତୁ:** ୭୯୭୮୨୨୭୨୦୦ (ନିର୍ବାହୀ ଯନ୍ତ୍ରୀ)
୯୪୩୭୧୮୩୨୪୫ (ସହକାରୀ ଯନ୍ତ୍ରୀ)
୯୪୩୭୨୮୫୫୫୩ (କନିଷ୍ଠ ଯନ୍ତ୍ରୀ)

**Sd./- Superintending Engineer**
**P.H. Division, Cuttack**

## WATER FOR ALL
### PUBLIC NOTICE

Govt. of Odisha is implementing **"BASUDHA"** Mission to provide piped water supply connection to all households in all ULBs. It is reported that all the households/properties (100%) of **Pattamundai** Town have been provided with piped water supply connections. Any house/property owner/authorised person, who has not yet availed such connection till date may avail this facility by registering at the nearest Public Health Engineering Office within 7 days to get the connection. After completing such registered cases or in the absence of any response to this notice, this town will be declared as 100% covered under house connections.

**Contact on. 7978227200 (Executive Engineer)**
**9937362216 (Junior Engineer)**

## ସମସ୍ତଙ୍କ ପାଇଁ ଜଳ
### ସର୍ବସାଧାରଣ ବିଜ୍ଞପ୍ତି

ପ୍ରତ୍ୟେକ ସହରାଞ୍ଚଳରେ ସମସ୍ତ ଗୃହକୁ ବିଶୁଦ୍ଧ ପାଇପ ଜଳ ସଂଯୋଗ ଯୋଗାଇଦେବା ନିମନ୍ତେ ଓଡ଼ିଶା ସରକାର "**ବସୁଧା**" ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଉକ୍ତ ଯୋଜନା ମାଧ୍ୟମରେ **ପଟ୍ଟାମୁଣ୍ଡାଇ** ସହରର ସମସ୍ତ ଗୃହକୁ (୧୦୦%) ପାଇପ ଜଳ ସଂଯୋଗ ଦିଆଯାଇ ସାରିଥିବା ସରକାରଙ୍କର ଦୃଷ୍ଟିକୁ ଆସିଅଛି। ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଯଦି କୌଣସି ଗୃହକର୍ତ୍ତା ଏ ପର୍ଯ୍ୟନ୍ତ ନିଜ ଗୃହକୁ ପାଇପ ଜଳ ସଂଯୋଗୀକରଣ ସୁବିଧାକୁ ଉପଲବ୍ଧ କରିନାହାନ୍ତି, ତେବେ ସେମାନେ ସାତଦିନ ମଧ୍ୟରେ ନିକଟସ୍ଥ ଜନସ୍ୱାସ୍ଥ୍ୟ (PHEO) ଅଫିସ ସହ ଯୋଗାଯୋଗ କରି ପଞ୍ଜୀକରଣ କରିନିଅନ୍ତୁ। ଯଦି ଏହି ନୋଟିସର କୌଣସି ପ୍ରତିକ୍ରିୟା ନ ମିଳେ ତେବେ ପଞ୍ଜୀକୃତ ହୋଇଥିବା ଗୃହର କାର୍ଯ୍ୟ ସମ୍ପାଦନ କରାଯାଇ ଏହି ସହରକୁ ସମ୍ପୂର୍ଣ୍ଣ ଭାବରେ ସମସ୍ତ ଗୃହକୁ (୧୦୦%) ଜଳ ସଂଯୋଗ ଦିଆଯାଇଛି ବୋଲି ଘୋଷଣା କରାଯିବ।

**ଯୋଗାଯୋଗ କରନ୍ତୁ:** ୭୯୭୮୨୨୭୨୦୦ (ନିର୍ବାହୀ ଯନ୍ତ୍ରୀ)
୯୯୩୭୩୬୨୨୧୬ (କନିଷ୍ଠ ଯନ୍ତ୍ରୀ)

**Sd./- Superintending Engineer**
**P.H. Division, Cuttack**

## WATER FOR ALL
### PUBLIC NOTICE

Govt. of Odisha is implementing **"BASUDHA"** Mission to provide piped water supply connection to all households in all ULBs. It is reported that all the households/properties (100%) of **Jajpur** Town have been provided with piped water supply connections. Any house/property owner/authorised person, who has not yet availed such connection till date may avail this facility by registering at the nearest Public Health Engineering Office within 7 days to get the connection. After completing such registered cases or in the absence of any response to this notice, this town will be declared as 100% covered under house connections.

**Contact on. 9776660277 (Executive Engineer)**
**7605938423 (Assistant Engineer)**
**9776647098 (Junior Engineer)**

## ସମସ୍ତଙ୍କ ପାଇଁ ଜଳ
### ସର୍ବସାଧାରଣ ବିଜ୍ଞପ୍ତି

ପ୍ରତ୍ୟେକ ସହରାଞ୍ଚଳରେ ସମସ୍ତ ଗୃହକୁ ବିଶୁଦ୍ଧ ପାଇପ ଜଳ ସଂଯୋଗ ଯୋଗାଇଦେବା ନିମନ୍ତେ ଓଡ଼ିଶା ସରକାର "**ବସୁଧା**" ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଉକ୍ତ ଯୋଜନା ମାଧ୍ୟମରେ **ଯାଜପୁର** ସହରର ସମସ୍ତ ଗୃହକୁ (୧୦୦%) ପାଇପ ଜଳ ସଂଯୋଗ ଦିଆଯାଇ ସାରିଥିବା ସରକାରଙ୍କର ଦୃଷ୍ଟିକୁ ଆସିଅଛି। ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଯଦି କୌଣସି ଗୃହକର୍ତ୍ତା ଏ ପର୍ଯ୍ୟନ୍ତ ନିଜ ଗୃହକୁ ପାଇପ ଜଳ ସଂଯୋଗୀକରଣ ସୁବିଧାକୁ ଉପଲବ୍ଧ କରିନାହାନ୍ତି, ତେବେ ସେମାନେ ସାତଦିନ ମଧ୍ୟରେ ନିକଟସ୍ଥ ଜନସ୍ୱାସ୍ଥ୍ୟ (PHEO) ଅଫିସ ସହ ଯୋଗାଯୋଗ କରି ପଞ୍ଜୀକରଣ କରିନିଅନ୍ତୁ। ଯଦି ଏହି ନୋଟିସର କୌଣସି ପ୍ରତିକ୍ରିୟା ନ ମିଳେ ତେବେ ପଞ୍ଜୀକୃତ ହୋଇଥିବା ଗୃହର କାର୍ଯ୍ୟ ସମ୍ପାଦନ କରାଯାଇ ଏହି ସହରକୁ ସମ୍ପୂର୍ଣ୍ଣ ଭାବରେ ସମସ୍ତ ଗୃହକୁ (୧୦୦%) ଜଳ ସଂଯୋଗ ଦିଆଯାଇଛି ବୋଲି ଘୋଷଣା କରାଯିବ।

**ଯୋଗାଯୋଗ କରନ୍ତୁ:** ୯୭୭୬୬୬୦୨୭୭ (ନିର୍ବାହୀ ଯନ୍ତ୍ରୀ)
୭୬୦୫୯୩୮୪୨୩ (ସହକାରୀ ଯନ୍ତ୍ରୀ)
୯୭୭୬୬୪୭୦୯୮ (କନିଷ୍ଠ ଯନ୍ତ୍ରୀ)

**Sd./- Superintending Engineer**
**P.H. Division, Cuttack**

## WATER FOR ALL
### PUBLIC NOTICE

Govt. of Odisha is implementing **"BASUDHA"** Mission to provide piped water supply connection to all households in all ULBs. It is reported that all the households/properties (100%) of **Jagatsinghpur** Town have been provided with piped water supply connections. Any house/property owner/authorised person, who has not yet availed such connection till date may avail this facility by registering at the nearest Public Health Engineering Office within 7 days to get the connection. After completing such registered cases or in the absence of any response to this notice, this town will be declared as 100% covered under house connections.

**Contact on. 7504431458 (Executive Engineer)**
**8249870677 (Assistant Engineer)**
**8895702649 (Junior Engineer)**

## ସମସ୍ତଙ୍କ ପାଇଁ ଜଳ
### ସର୍ବସାଧାରଣ ବିଜ୍ଞପ୍ତି

ପ୍ରତ୍ୟେକ ସହରାଞ୍ଚଳରେ ସମସ୍ତ ଗୃହକୁ ବିଶୁଦ୍ଧ ପାଇପ ଜଳ ସଂଯୋଗ ଯୋଗାଇଦେବା ନିମନ୍ତେ ଓଡ଼ିଶା ସରକାର "**ବସୁଧା**" ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଉକ୍ତ ଯୋଜନା ମାଧ୍ୟମରେ **ଜଗତ୍‌ସିଂହପୁର** ସହରର ସମସ୍ତ ଗୃହକୁ (୧୦୦%) ପାଇପ ଜଳ ସଂଯୋଗ ଦିଆଯାଇ ସାରିଥିବା ସରକାରଙ୍କର ଦୃଷ୍ଟିକୁ ଆସିଅଛି। ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଯଦି କୌଣସି ଗୃହକର୍ତ୍ତା ଏ ପର୍ଯ୍ୟନ୍ତ ନିଜ ଗୃହକୁ ପାଇପ ଜଳ ସଂଯୋଗୀକରଣ ସୁବିଧାକୁ ଉପଲବ୍ଧ କରିନାହାନ୍ତି, ତେବେ ସେମାନେ ସାତଦିନ ମଧ୍ୟରେ ନିକଟସ୍ଥ ଜନସ୍ୱାସ୍ଥ୍ୟ (PHEO) ଅଫିସ ସହ ଯୋଗାଯୋଗ କରି ପଞ୍ଜୀକରଣ କରିନିଅନ୍ତୁ। ଯଦି ଏହି ନୋଟିସର କୌଣସି ପ୍ରତିକ୍ରିୟା ନ ମିଳେ ତେବେ ପଞ୍ଜୀକୃତ ହୋଇଥିବା ଗୃହର କାର୍ଯ୍ୟ ସମ୍ପାଦନ କରାଯାଇ ଏହି ସହରକୁ ସମ୍ପୂର୍ଣ୍ଣ ଭାବରେ ସମସ୍ତ ଗୃହକୁ (୧୦୦%) ଜଳ ସଂଯୋଗ ଦିଆଯାଇଛି ବୋଲି ଘୋଷଣା କରାଯିବ।

**ଯୋଗାଯୋଗ କରନ୍ତୁ:** ୭୫୦୪୪୩୧୪୫୮ (ନିର୍ବାହୀ ଯନ୍ତ୍ରୀ)
୮୨୪୯୮୭୦୬୭୭ (ସହକାରୀ ଯନ୍ତ୍ରୀ)
୮୮୯୫୭୦୨୬୪୯ (କନିଷ୍ଠ ଯନ୍ତ୍ରୀ)

**Sd./- Superintending Engineer**
**P.H. Division, Cuttack**

## WATER FOR ALL
### PUBLIC NOTICE

Govt. of Odisha is implementing **"BASUDHA"** Mission to provide piped water supply connection to all households in all ULBs. It is reported that all the households/properties (100%) of **Paradeep** Town have been provided with piped water supply connections. Any house/property owner/authorised person, who has not yet availed such connection till date may avail this facility by registering at the nearest Public Health Engineering Office within 7 days to get the connection. After completing such registered cases or in the absence of any response to this notice, this town will be declared as 100% covered under house connections.

**Contact on. 7504431458 (Executive Engineer)**
**8249870677 (Assistant Engineer)**
**8895702649 (Junior Engineer)**

## ସମସ୍ତଙ୍କ ପାଇଁ ଜଳ
### ସର୍ବସାଧାରଣ ବିଜ୍ଞପ୍ତି

ପ୍ରତ୍ୟେକ ସହରାଞ୍ଚଳରେ ସମସ୍ତ ଗୃହକୁ ବିଶୁଦ୍ଧ ପାଇପ ଜଳ ସଂଯୋଗ ଯୋଗାଇଦେବା ନିମନ୍ତେ ଓଡ଼ିଶା ସରକାର "ବସୁଧା" ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଉକ୍ତ ଯୋଜନା ମାଧ୍ୟମରେ **ପାରାଦୀପ** ସହରର ସମସ୍ତ ଗୃହକୁ (୧୦୦%) ପାଇପ ଜଳ ସଂଯୋଗ ଦିଆଯାଇ ସାରିଥିବା ସରକାରଙ୍କର ଦୃଷ୍ଟିକୁ ଆସିଅଛି। ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଯଦି କୌଣସି ଗୃହକର୍ତ୍ତା ଏ ପର୍ଯ୍ୟନ୍ତ ନିଜ ଗୃହକୁ ପାଇପ ଜଳ ସଂଯୋଗୀକରଣ ସୁବିଧାକୁ ଉପଲବ୍ଧ କରିନାହାନ୍ତି, ତେବେ ସେମାନେ ସାତଦିନ ମଧ୍ୟରେ ନିକଟସ୍ଥ ଜନସ୍ୱାସ୍ଥ୍ୟ (PHEO) ଅଫିସ ସହ ଯୋଗାଯୋଗ କରି ପଞ୍ଜୀକରଣ କରିନିଅନ୍ତୁ। ଯଦି ଏହି ନୋଟିସର କୌଣସି ପ୍ରତିକ୍ରିୟା ନ ମିଳେ ତେବେ ପଞ୍ଜୀକୃତ ହୋଇଥିବା ଗୃହର କାର୍ଯ୍ୟ ସମ୍ପାଦନ କରାଯାଇ ଏହି ସହରକୁ ସମ୍ପୂର୍ଣ୍ଣ ଭାବରେ ସମସ୍ତ ଗୃହକୁ (୧୦୦%) ଜଳ ସଂଯୋଗ ଦିଆଯାଇଛି ବୋଲି ଘୋଷଣା କରାଯିବ।

**ଯୋଗାଯୋଗ କରନ୍ତୁ:** ୭୫୦୪୪୩୧୪୫୮ (ନିର୍ବାହୀ ଯନ୍ତ୍ରୀ)
୮୨୪୯୮୭୦୬୭୭ (ସହକାରୀ ଯନ୍ତ୍ରୀ)
୮୮୯୫୭୦୨୬୪୯ (କନିଷ୍ଠ ଯନ୍ତ୍ରୀ)

**Sd./- Superintending Engineer**
**P.H. Division, Cuttack**

## WATER FOR ALL
### PUBLIC NOTICE

Govt. of Odisha is implementing **"BASUDHA"** Mission to provide piped water supply connection to all households in all ULBs. It is reported that all the households/properties (100%) of **Choudwar** Town have been provided with piped water supply connections. Any house/property owner/authorised person, who has not yet availed such connection till date may avail this facility by registering at the nearest Public Health Engineering Office within 7 days to get the connection. After completing such registered cases or in the absence of any response to this notice, this town will be declared as 100% covered under house connections.

**Contact on. 9437062211 (Executive Engineer)**
**9437109695 (Assistant Engineer)**

## ସମସ୍ତଙ୍କ ପାଇଁ ଜଳ
### ସର୍ବସାଧାରଣ ବିଜ୍ଞପ୍ତି

ପ୍ରତ୍ୟେକ ସହରାଞ୍ଚଳରେ ସମସ୍ତ ଗୃହକୁ ବିଶୁଦ୍ଧ ପାଇପ ଜଳ ସଂଯୋଗ ଯୋଗାଇଦେବା ନିମନ୍ତେ ଓଡ଼ିଶା ସରକାର "**ବସୁଧା**" ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଉକ୍ତ ଯୋଜନା ମାଧ୍ୟମରେ **ଚୌଦ୍ୱାର** ସହରର ସମସ୍ତ ଗୃହକୁ (୧୦୦%) ପାଇପ ଜଳ ସଂଯୋଗ ଦିଆଯାଇ ସାରିଥିବା ସରକାରଙ୍କର ଦୃଷ୍ଟିକୁ ଆସିଅଛି। ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଯଦି କୌଣସି ଗୃହକର୍ତ୍ତା ଏ ପର୍ଯ୍ୟନ୍ତ ନିଜ ଗୃହକୁ ପାଇପ ଜଳ ସଂଯୋଗୀକରଣ ସୁବିଧାକୁ ଉପଲବ୍ଧ କରିନାହାନ୍ତି, ତେବେ ସେମାନେ ସାତଦିନ ମଧ୍ୟରେ ନିକଟସ୍ଥ ଜନସ୍ୱାସ୍ଥ୍ୟ (PHEO) ଅଫିସ ସହ ଯୋଗାଯୋଗ କରି ପଞ୍ଜୀକରଣ କରିନିଅନ୍ତୁ। ଯଦି ଏହି ନୋଟିସର କୌଣସି ପ୍ରତିକ୍ରିୟା ନ ମିଳେ ତେବେ ପଞ୍ଜୀକୃତ ହୋଇଥିବା ଗୃହର କାର୍ଯ୍ୟ ସମ୍ପାଦନ କରାଯାଇ ଏହି ସହରକୁ ସମ୍ପୂର୍ଣ୍ଣ ଭାବରେ ସମସ୍ତ ଗୃହକୁ (୧୦୦%) ଜଳ ସଂଯୋଗ ଦିଆଯାଇଛି ବୋଲି ଘୋଷଣା କରାଯିବ।

**ଯୋଗାଯୋଗ କରନ୍ତୁ:** ୯୪୩୭୦୬୨୨୧୧ (ନିର୍ବାହୀ ଯନ୍ତ୍ରୀ)
୯୪୩୭୧୦୯୬୯୫ (ସହକାରୀ ଯନ୍ତ୍ରୀ)

**Sd./- Superintending Engineer**
**P.H. Division, Cuttack**

## WATER FOR ALL
### PUBLIC NOTICE

Govt. of Odisha is implementing **"BASUDHA"** Mission to provide piped water supply connection to all households in all ULBs. It is reported that all the households/properties (100%) of **Banki** Town have been provided with piped water supply connections. Any house/property owner/authorised person, who has not yet availed such connection till date may avail this facility by registering at the nearest Public Health Engineering Office within 7 days to get the connection. After completing such registered cases or in the absence of any response to this notice, this town will be declared as 100% covered under house connections.

**Contact on. 9437062211 (Executive Engineer)**
**9861274672 (Assistant Engineer)**

## ସମସ୍ତଙ୍କ ପାଇଁ ଜଳ
### ସର୍ବସାଧାରଣ ବିଜ୍ଞପ୍ତି

ପ୍ରତ୍ୟେକ ସହରାଞ୍ଚଳରେ ସମସ୍ତ ଗୃହକୁ ବିଶୁଦ୍ଧ ପାଇପ ଜଳ ସଂଯୋଗ ଯୋଗାଇଦେବା ନିମନ୍ତେ ଓଡ଼ିଶା ସରକାର "**ବସୁଧା**" ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଉକ୍ତ ଯୋଜନା ମାଧ୍ୟମରେ **ବାଙ୍କୀ** ସହରର ସମସ୍ତ ଗୃହକୁ (୧୦୦%) ପାଇପ ଜଳ ସଂଯୋଗ ଦିଆଯାଇ ସାରିଥିବା ସରକାରଙ୍କର ଦୃଷ୍ଟିକୁ ଆସିଅଛି। ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଯଦି କୌଣସି ଗୃହକର୍ତ୍ତା ଏ ପର୍ଯ୍ୟନ୍ତ ନିଜ ଗୃହକୁ ପାଇପ ଜଳ ସଂଯୋଗୀକରଣ ସୁବିଧାକୁ ଉପଲବ୍ଧ କରି ନାହାନ୍ତି, ତେବେ ସେମାନେ ସାତ ଦିନ ମଧ୍ୟରେ ନିକଟସ୍ଥ ଜନସ୍ୱାସ୍ଥ୍ୟ (PHEO) ଅଫିସ ସହ ଯୋଗାଯୋଗ କରି ପଞ୍ଜୀକରଣ କରିନିଅନ୍ତୁ। ଯଦି ଏହି ନୋଟିସ୍‌ର କୌଣସି ପ୍ରତିକ୍ରିୟା ନ ମିଳେ ତେବେ ପଞ୍ଜୀକୃତ ହୋଇଥିବା ଗୃହର କାର୍ଯ୍ୟ ସମ୍ପାଦନ କରାଯାଇ ଏହି ସହରକୁ ସମ୍ପୂର୍ଣ୍ଣ ଭାବରେ ସମସ୍ତ ଗୃହକୁ (୧୦୦%) ଜଳ ସଂଯୋଗ ଦିଆଯାଇଛି ବୋଲି ଘୋଷଣା କରାଯିବ।

**ଯୋଗାଯୋଗ କରନ୍ତୁ:** ୯୪୩୭୦୬୨୨୧୧ (ନିର୍ବାହୀ ଯନ୍ତ୍ରୀ)
୯୮୬୧୨୭୪୬୭୨ (ସହକାରୀ ଯନ୍ତ୍ରୀ)

**Sd./- Superintending Engineer**
**P.H. Division, Cuttack**

OIPR-13009/11/0041/2122

## ପ୍ରଥମ ପୃଷ୍ଠାରୁ

### ସହରାଞ୍ଚଳ...

କ୍ୟାଲସିୟମ, କଠିନତା, ମାଗ୍ନେସିୟମ ଏବଂ କ୍ଲୋରାଇଡ ଭଳି ବିଷାକ୍ତ ପଦାର୍ଥ ରହିଥିବା ଯୋଗୁ ତାହା ପାନୀୟ ଅନୁପଯୋଗୀ। ରାସାୟନିକ ପଦାର୍ଥ, ଜୀବାଣୁ ଏବଂ ଧାତୁ ଥିବାରୁ ସହରାଞ୍ଚଳକୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ଆଦୌ ନିରାପଦ ନୁହେଁ ବୋଲି ସିଏଜି ରିପୋର୍ଟରେ କହିଛନ୍ତି। ଏହା ସତ୍ତ୍ୱେ ସହରାଞ୍ଚଳ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା।

କେବଳ ସେତିକି ନୁହେଁ, ଜଳ ପରୀକ୍ଷଣ ଫ୍ରିକ୍ୱେନ୍ସି ବ୍ୟବହାରରେ ମଧ ଅନିୟମିତିତା ଦେଖାଦେଇଛି। ୨୦୧୫ ଜାନୁୟାରୀରେ ପିଏଚଇଓ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଅଶୋଧିତ ଜଳଗ୍ରହଣ ପଏଣ୍ଟରୁ ଆରମ୍ଭ କରି ବ୍ୟବହାରୀଙ୍କ ଟ୍ୟାପ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଜଳର ଗୁଣବତ୍ତା ପରୀକ୍ଷା ଏବଂ କ୍ଲୋରିନ ପଏଣ୍ଟଠାରୁ ଆରମ୍ଭ କରି ଅନ୍ୟାନ୍ୟ ରାସାୟନିକ ପଦାର୍ଥର ମିଶ୍ରଣ ଉପରେ ବୈଜ୍ଞାନିକ ପ୍ରଣାଳୀରେ ପର୍ଯ୍ୟବେକ୍ଷଣ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ପିଏଚଇଓର ପ୍ରତ୍ୟେକ ବିଭାଗର ଅଧିକାରୀମାନେ ଦୈନିକ ବ୍ୟବହାରକାରୀଙ୍କ ନିକଟରେ ୧୦ଟି ଜଳ ନମୁନା ଅର୍ଥାତ୍ ବର୍ଷକୁ ୩,୬୫୦ ନମୁନା ପରୀକ୍ଷା କରିବାର ଥିଲା। ମାତ୍ର ଦେଖାଗଲା ଯେ କଟକ, ରାୟଗଡ଼ା, କୋରାପୁଟ, ପୁରୀ ଏବଂ ବଲାଙ୍ଗୀର ଜନସ୍ୱାସ୍ଥ୍ୟ ଡିଭିଜନ ଅଧୀନରେ ଥିବା ୬୦ଟି ବିଭାଗ ୬,୫୭୦୦୦ ନମୁନା ପରୀକ୍ଷା କରିବା ବଦଳରେ ମାତ୍ର ୧,୦୩,୯୬୬ ନମୁନା ପରୀକ୍ଷା କରିଛନ୍ତି। ଅର୍ଥାତ୍ ୮୪.୧୮ ପ୍ରତିଶତ ନମୁନା ପରୀକ୍ଷା କରାଯାଇ ନ ଥିଲା। ବଲାଙ୍ଗୀର ଡିଭିଜନକୁ ୬.୩୫ ଲକ୍ଷ ଟଙ୍କାର ଯନ୍ତ୍ରପାତି ଓ ରାସାୟନିକ ରିଏଜେଣ୍ଟଗୁଡ଼ିକର ସ୍ୱଳ୍ପତା ସତ୍ତ୍ୱେ ସୁବର୍ଣ୍ଣପୁର ଓ ବିନିକା ଜନସ୍ୱାସ୍ଥ୍ୟ ସଂସ୍ଥା ଜଳର କୌଣସି ପରୀକ୍ଷା କରି ନ ଥିଲେ। ଜନସ୍ୱାସ୍ଥ୍ୟ ବିଭାଗ ସହରାଞ୍ଚଳକୁ ଯୋଗାଇ ଦିଆଯାଉଥିବା ବିଶୁଦ୍ଧ ପାନୀୟ ଜଳର ଗୁଣବତ୍ତାକୁ ନିଶ୍ଚିତ କରିବାରେ ବିଫଳ ହୋଇଥିବା ସିଏଜି ଉଲ୍ଲେଖ କରିଛନ୍ତି।

### ହର୍‌ନାଜ...

ବୋଲି ହରନାଜଙ୍କୁ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ହରନାଜ କହିଥିଲେ, 'ଆଜିର ଯୁବପିଢ଼ିଙ୍କ ଉପରେ ସବୁଠାରୁ ବଡ଼ ଚାପ ହେଉଛି ନିଜ ଉପରେ ବିଶ୍ୱାସ କରିବା। ତୁମେ ସ୍ୱତନ୍ତ୍ର ବୋଲି ଜାଣିବା ହିଁ ତୁମକୁ ସୁନ୍ଦର କରିଥାଏ। ନିଜକୁ ଅନ୍ୟମାନଙ୍କ ସହିତ ତୁଳନା କରିବା ବନ୍ଦ କର। ଦୁନିଆରେ କ'ଣ ଘଟୁଛି ସେ ବିଷୟରେ ଆଲୋଚନା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାକୁ ସଭିଏଁ ବୁଝିବା ଜରୁରୀ। ବାହାରକୁ ଆସ, ନିଜ ପାଇଁ କୁହ, କାରଣ ତୁମେ ହିଁ ତୁମ ଜୀବନର ନେତୃତ୍ୱ ନେବ। ନିଜେ ନିଜର ସ୍ୱର ହୁଅ। ମୁଁ ନିଜ ଉପରେ ବିଶ୍ୱାସ କରେ ଏବଂ ସେଥିପାଇଁ ଆଜି ଏଠାରେ ଛିଡ଼ା ହୋଇଛି'। ଏହା ପୂର୍ବରୁ ରାଉଣ୍ଡ-୫ରେ ତାଙ୍କୁ ଜଳବାୟୁ ପରିବର୍ତ୍ତନ ଉପରେ ପ୍ରଶ୍ନ କରାଯାଇଥିଲା। ଅଧିକାଂଶଙ୍କୁ ଲାଗୁଛି ଜଳବାୟୁ ପରିବର୍ତ୍ତନ ଏକ ପ୍ରତାରଣା। ସେମାନଙ୍କୁ ବୁଝାଇବାକୁ କ'ଣ କହିବେ। ଉତ୍ତରରେ ହରନାଜ କହିଥିଲେ, 'ପ୍ରକୃତି ଏତେ ଅସୁବିଧାର ସାମ୍ନା କରୁଥିବା ଦେଖିଲେ ମୋତେ ବହୁତ କଷ୍ଟ ହୁଏ। ଏ ସବୁ ଆମ ଦାୟିତ୍ୱହୀନତା ଯୋଗୁ ଘଟୁଛି। ଏବେ କମ୍ କଥା ଏବଂ ଅଧିକ କାମ କରିବାର ସମୟ। କାରଣ ଆମ କାର୍ଯ୍ୟ ହିଁ ପ୍ରକୃତିକୁ ରକ୍ଷା କରିପାରିବ କିମ୍ବା ନଷ୍ଟ କରିଦେବ। ପଶ୍ଚାତାପ କରିବା ଏବଂ ସଜାଡ଼ିବା ଅପେକ୍ଷା ନଷ୍ଟ ହେବାରୁ ରୋକିବା ଓ ସୁରକ୍ଷା ଦେବା ବଡ଼ କଥା ବୋଲି ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରୁଛି'।

୨୦୧୭ରେ ଟାଇମ୍ସ ଫ୍ରେଶ୍ ଫେସ୍ ଟାଇଟଲ ଜିତି ହରନାଜ ତାଙ୍କ ଯାତ୍ରା ଆରମ୍ଭ କରିଥିଲେ। ମାତ୍ର ୧୭ ବର୍ଷ ବୟସରେ ସେ ଚଣ୍ଡିଗଡ଼ରୁ ଏହି ପ୍ରତିଯୋଗିତାର ନେତୃତ୍ୱ ନେଇଥିଲେ। ୨୦୨୧ରେ ସେ ଲିଭା ମିସ୍ ଡିଭା ୟୁନିଭର୍ସ ମୁକୁଟ ପିନ୍ଧିଥିଲେ। ହରନାଜ କେତେକ ପଞ୍ଜାବୀ ଫିଲ୍ମରେ ମଧ କାମ କରିଛନ୍ତି। ଅନ୍ୟପକ୍ଷରେ ୧୯୬୬ରେ ରୀତା ଫାରିଆ, ୧୯୯୪ ଐଶ୍ୱର୍ଯ୍ୟା ରାୟ, ୧୯୯୭ରେ ଡାଏନା ହେଡେନ ଭାରତକୁ ମୋଟ ୩ଟି ମିସ୍ ୱାର୍ଲ୍ଡ ଟାଇଟଲ ଭେଟି ଦେଇଛନ୍ତି। ଚଳିତ ବର୍ଷ ମିସ୍ ୟୁନିଭର୍ସିଟି ପ୍ରତିଯୋଗିତାକୁ ଷ୍ଟିଭ୍ ହାର୍ଭେ ହୋଷ୍ଟ କରିଥିଲେ। ଏଥିରେ ଆମେରିକୀୟ ଗାୟକ ଜୋଜୋ କଳା ପ୍ରଦର୍ଶନ କରିଥିଲେ। ଚୟନ କମିଟିରେ ଅଭିନେତ୍ରୀ ତଥା ମିସ୍ ୟୁନିଭର୍ସ ଇଣ୍ଡିଆ-୨୦୧୫ ଉର୍ବଶୀ ରୌତେଲା, ଅଦାମାରି ଲୋପେଜ, ଆଡ୍ରିଆନା ଲିମା, ଚେସ୍‌ଲି କ୍ରିଷ୍ଟ, ଆଇରିସ୍ ମିଟେନାରେ, ଲୋରି ହାର୍ଭେ, ମାରିଆନ ରିଭେରା ଏବଂ ରେନା ସୋଫେର ରହିଥିଲେ। ଇସ୍ରାଏଲ ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଆୟୋଜନ କରିଥିଲା।

### କଶ୍ମୀରରେ...

ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏଥିସହିତ ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। କଡ଼ା ସୁରକ୍ଷା ମଧ୍ୟରେ ଥିବା ଜେୱାନ ଅଞ୍ଚଳରେ ପୋଲିସ କ୍ୟାମ୍ପ ସମେତ ସିଆର୍‌ପିଏଫ୍ ଏବଂ ଆଇଟିବିପିର କ୍ୟାମ୍ପ ରହିଛି। ସେଠାରେ ପ୍ରବେଶ କରି ଆତଙ୍କବାଦୀମାନେ ସୁରକ୍ଷା ବଳକୁ ଖୋଲା ଆହ୍ୱାନ ଦେଇଛନ୍ତି। ଆକ୍ରମଣ ପରେ ଯବାନମାନେ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରିରହି ଆତଙ୍କବାଦୀଙ୍କୁ ଧରିବା ଲାଗି ତନାଘନା ଚଳାଇଛନ୍ତି।

ଏହା ପୂର୍ବରୁ ଡିସେମ୍ବର ୧୦ରେ ବନ୍ଦିପୋରା ଜିଲାର ଗୁଲଶନ ଚୌକ୍‌ଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨ ଜଣ ପୋଲିସ କର୍ମଚାରୀ ପ୍ରାଣ ହରାଇଥିଲେ। ପ୍ରବାସୀ ଶ୍ରମିକ ଓ କଶ୍ମୀରୀ ପଣ୍ଡିତମାନଙ୍କୁ ଟାର୍ଗେଟ ଆକ୍ରମଣ ପରେ ଆତଙ୍କବାଦୀଙ୍କର ଏହା ଦ୍ୱିତୀୟ ବଡ଼ ଆକ୍ରମଣ। ଟାର୍ଗେଟ ଆକ୍ରମଣ ପଛରେ ଥିବା ଆତଙ୍କବାଦୀମାନେ ଦୁଇମାସ ମଧ୍ୟରେ ଏନ୍‌କାଉଣ୍ଟରରେ ନିହତ ହୋଇଥିବା ପୋଲିସ କହିଥିଲା। ସୋମବାର ସକାଳେ ଶ୍ରୀନଗରର ରଙ୍ଗ୍ରେଥ୍ ଅଞ୍ଚଳରେ ସୁରକ୍ଷା କର୍ମୀଙ୍କ ଗୁଳିମାଡ଼ରେ ୨ ଆତଙ୍କବାଦୀ ନିହତ ହୋଇଥିଲେ। ରବିବାର ପୁଲୱାମା ଜିଲାରେ ଅନ୍ୟ ଏକ ଏନ୍‌କାଉଣ୍ଟରରେ ଜଣେ ସ୍ଥାନୀୟ ଜେଇଏମ୍ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିଲା।

### ନଭେମ୍ବରରେ...

ସର୍ବାଧିକ ବୃଦ୍ଧି ଘଟିଛି। ଏହା ଗତ ଅକ୍ଟୋବରରେ ୧୮୫.୩ ଥିବାବେଳେ ନଭେମ୍ବରରେ ୧୯୯.୧କୁ ବୃଦ୍ଧି ପାଇଛି। କିନ୍ତୁ ଗତବର୍ଷ ନଭେମ୍ବରକୁ ତୁଳନା କଲେ ଚଳିତବର୍ଷ ନଭେମ୍ବରରେ ପନିପରିବା ସୂଚକାଙ୍କ ୧୩.୬୨% ହ୍ରାସ ପାଇଛି। ହେଲେ ତେଲ ଏବଂ ଚର୍ବି ଜାତୀୟ ସାମଗ୍ରୀର ସୂଚକାଙ୍କ ୨୯.୬୭% ବୃଦ୍ଧି ପାଇଛି। ସେହିପରି ଅନ୍ୟ କେତେକ ସାମଗ୍ରୀ ସୂଚକାଙ୍କ ମଧ୍ୟରୁ ଫଳ ୬.୦୩%, ଜୋତା ୮.୨୫%, ପୋଷାକ ୭.୮୭%, ଇନ୍ଧନ ଓ ଲାଇଟ୍ ୧୩.୩୫%, ଚିନି ୬.୧୬%, ମୃଦୁପାନୀୟ ୯.୬୫% ବୃଦ୍ଧିପାଇଛି।

ରଏଟର୍ସ ପକ୍ଷରୁ ୩୯ଜଣ ଅର୍ଥଶାସ୍ତ୍ରୀଙ୍କ ମତକୁ ଆଧାର କରି ନଭେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୫.୧% ରହିବ ବୋଲି ପୂର୍ବାନୁମାନ କରାଯାଇଥିଲା। ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବାକୁ ଗୁରୁତ୍ୱ ଦେଇ ଆର୍‌ବିଆଇ ଗତ ୮ ତାରିଖରେ ସୁଧହାରକୁ ୪%ରେ ଅପରିବର୍ତ୍ତିତ ରଖିଥିଲା। ଦ୍ୱିମାସିକ ମୁଦ୍ରାନୀତି ସ୍ଥିର କରିବାବେଳେ ଆର୍‌ବିଆଇ ମୁଖ୍ୟତଃ ଖାଉଟି ମୂଲ୍ୟ ସୂଚକାଙ୍କ ଉପରେ ଧ୍ୟାନ ଦେଇଥାଏ। ୨୦୨୧-୨୨ ଚଳିତ ଆର୍ଥିକ ବର୍ଷରେ ସିପିଆଇ ମୁଦ୍ରାସ୍ଫୀତି ୫.୩% ମଧ୍ୟରେ ରହିବ। ବିଶେଷକରି ଏହି ଆର୍ଥିକ ବର୍ଷର ୩ୟ ତ୍ରୈମାସିକରେ ୫.୧% ଏବଂ ୪ର୍ଥ ତ୍ରୈମାସିକରେ ୫.୭% ହେବ ବୋଲି ଆର୍‌ବିଆଇ ପୂର୍ବାନୁମାନ କରିଛି। ସେହିପରି ୨୦୨୨-୨୩ର ପ୍ରଥମ ତ୍ରୈମାସିକରେ ସିପିଆଇ ମୁଦ୍ରାସ୍ଫୀତି ୫% ରହିପାରେ ବୋଲି ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ତଥ୍ୟ ଅନୁଯାୟୀ ଚଳିତ ବର୍ଷ ନଭେମ୍ବରରେ ସାମଗ୍ରିକ ଖାଉଟି ଖାଦ୍ୟ ମୂଲ୍ୟ ସୂଚକାଙ୍କ (ସିଏଫ୍‌ପିଆଇ) ବା ଖାଦ୍ୟ ମୁଦ୍ରାସ୍ଫୀତି ପୂର୍ବ ମାସ ତୁଳନାରେ ୧.୮୭ ପ୍ରତିଶତକୁ ବୃଦ୍ଧିପାଇଛି। ଅକ୍ଟୋବରରେ ଏହା ୦.୮୫% ଥିଲା। ନଭେମ୍ବରରେ ଉଭୟ ଖୁଚୁରା ଏବଂ ଖାଦ୍ୟ ମୁଦ୍ରାସ୍ଫୀତି ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଅଧିକ ରହିଛି। ସହରାଞ୍ଚଳରେ ଅକ୍ଟୋବର ତୁଳନାରେ ଖୁଚୁରା ମୁଦ୍ରାସ୍ଫୀତି ୫.୫୪% ଏବଂ ଗ୍ରାମାଞ୍ଚଳରେ ୪.୨୯%କୁ ବଢ଼ିଛି। ଅକ୍ଟୋବରରେ ଏହା ଯଥାକ୍ରମେ ୫.୦୪% ଏବଂ ୪.୦୭% ଥିଲା। ସେହିପରି ସହରାଞ୍ଚଳରେ ଖାଦ୍ୟ ମୁଦ୍ରାସ୍ଫୀତି ଅକ୍ଟୋବର ତୁଳନାରେ ୩.୩୩% ଏବଂ ଗ୍ରାମାଞ୍ଚଳରେ ୧.୦୯%କୁ ବୃଦ୍ଧିପାଇଛି। ଅକ୍ଟୋବରରେ ଏହା ଯଥାକ୍ରମେ ୧.୭୮% ଏବଂ ୦.୩୧% ଥିଲା। ଉଲ୍ଲେଖଥାଉ କି, ଖାଦ୍ୟ ମୁଦ୍ରାସ୍ଫୀତି ଗତବର୍ଷ ନଭେମ୍ବରରେ ୯.୫% ଥିବାବେଳେ ଚଳିତବର୍ଷ ନଭେମ୍ବରରେ ୧.୮୭% ରହିଛି।

### ସ୍ତ୍ରୀଙ୍କ କଲ୍ ରେକର୍ଡ...

୨୦୨୦ରେ ଫ୍ୟାମିଲି କୋର୍ଟ ଏଥିପାଇଁ ସ୍ୱାମୀଙ୍କୁ ଅନୁମତି ଦେଇଥିଲେ। ସମ୍ପୃକ୍ତ ମହିଳା ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଛାଡ଼ପତ୍ର ମାମଲାରେ ସ୍ତ୍ରୀଙ୍କ କ୍ରୂରତା ପ୍ରମାଣ କରିବାକୁ ବିନା ଅନୁମତିରେ ତାଙ୍କ ଫୋନ ବାର୍ତ୍ତାଳାପର ରେକର୍ଡିଂକୁ ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏହା ସ୍ତ୍ରୀଙ୍କ ମୌଳିକ ଅଧିକାରର ଉଲ୍ଲଂଘନ ବୋଲି ଉଚ୍ଚ ନ୍ୟାୟାଳୟ ପ୍ରକାଶ କରିଛନ୍ତି।

### ସୀମାନ୍ତ ଜିଲାଗୁଡ଼ିକୁ...

କହିଛନ୍ତି। ଓଡ଼ିଶାରେ ଟିକାକରଣ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ରାଜ୍ୟର ୮୭ ପ୍ରତିଶତ ଲୋକ ପ୍ରଥମ ଡୋଜ୍ ଟିକା ନେଇ ସାରିଛନ୍ତି। ଏଯାଏ ଆହୁରି ୧୩ ପ୍ରତିଶତ ଲୋକ ଟିକା ନେଇନାହାନ୍ତି। ଏମାନଙ୍କ ସଂଖ୍ୟା ୪୧ ଲକ୍ଷ ରହିଛି। ମୟୂରଭଞ୍ଜ, କନ୍ଧମାଳ ଓ କଟକ ଭଳି ଜିଲାରେ ପ୍ରଥମ ଡୋଜ ଟିକାକରଣ ହାର ବହୁତ କମ୍ ରହିଛି। ସେହିପରି ରାଜ୍ୟର ୫୪ ପ୍ରତିଶତ ଲୋକ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ସମସ୍ତେ ସ୍ୱତଃପ୍ରବୃତ୍ତ ଭାବେ ଆସି ଟିକା ନିଅନ୍ତୁ। ଏହାଫଳରେ ଡିସେମ୍ବର ଶେଷ ସୁଦ୍ଧା ପ୍ରଥମ ଡୋଜ୍ ଟିକାକରଣ ଶେଷ କରିବା ଲକ୍ଷ୍ୟ ପୂରଣ ହେବ। ଆମକୁ ଆହୁରି ସଜାଗ ରହିବାକୁ ହେବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

ଅନ୍ୟପଟେ ସ୍କୁଲରେ କରୋନା ସଂକ୍ରମଣ ବୃଦ୍ଧି ସମ୍ପର୍କରେ ଡିଏମ୍‌ଇଟି କହିଛନ୍ତି, ସ୍କୁଲଗୁଡ଼ିକରେ ସଂକ୍ରମିତ ଚିହ୍ନଟ ହେବା ପରେ ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସମସ୍ତ ଜିଲାକୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ପୂର୍ବାପେକ୍ଷା ରାଜ୍ୟର ସ୍କୁଲଗୁଡ଼ିକରେ ସଂକ୍ରମଣ ଧୀରେ ଧୀରେ କମୁଛି। ସେମିତି ଚିନ୍ତାଜନକ ସ୍ଥିତି ନାହିଁ ବୋଲି ଡିଏମ୍‌ଇଟି କହିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ଜିଲା ପ୍ରଶାସନ ସ୍କୁଲ୍ ଉପରେ ନଜର ରଖିଛନ୍ତି। ସ୍କୁଲ ଓ ଗଣଶିକ୍ଷା ବିଭାଗର ଏସ୍‌ଓପି ବି ରହିଛି। ଯେଉଁଠି ବି ପିଲାଙ୍କଠାରେ ଲକ୍ଷଣ ଆସୁଛି, ସ୍କୁଲ ଆସିବାକୁ ବାରଣ କରାଯାଉଛି। ଯେଉଁଠି ଆବଶ୍ୟକ ପଡୁଛି, ଟେଷ୍ଟ ବି କରାଯାଉଛି। ଆଇସୋଲେଶନ ବ୍ୟବସ୍ଥା ବି ରହିଛି। ଜଏଣ୍ଟ ମେଡିକାଲ ଟିମ୍ ବି ଅଛି। ଶିକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିତ ଟିମ୍ କରାଯାଇଛି। ଆଇସୋଲେଶନ କେସ୍‌ରେ କିଛି ପଜିଟିଭ୍ ଆସୁଛି। ଏହା ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥାରେ କୌଣସି ବାଧା ସୃଷ୍ଟି କରିବନି। ଶିକ୍ଷା ପ୍ରତି ପିଲାଙ୍କର ଆଗ୍ରହ ରହିଛି। କରୋନା ଭୟ ରହି ବି ପିଲାଙ୍କ ଉପସ୍ଥାନ ବଢୁଛି। ସବୁ ବ୍ୟବସ୍ଥା ସହ ଶିକ୍ଷାଦାନ କିପରି ଜାରି ରହିବ ସେ ନେଇ ବ୍ୟବସ୍ଥା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

### ବ୍ରିଟେନରେ...

ଓମିକ୍ରନ ସଂକ୍ରମଣ ଏବେ ୬୧ ଦେଶକୁ ବ୍ୟାପିଲାଣି। ଭାରତରେ ଏହି ନୂଆ ଭାରିଆଣ୍ଟରେ ୩୮ ଜଣ ସଂକ୍ରମିତ ହୋଇଛନ୍ତି। ସଂକ୍ରମଣ ରୋକିବାକୁ ବିଦେଶୀ ଯାତ୍ରୀମାନଙ୍କ ଉପରେ ନଜର ରଖାଯାଇଛି। ଓମିକ୍ରନ୍ ଭୟ ଥିବା ଦେଶରୁ ଆସୁଥିବା ଯାତ୍ରୀଙ୍କର ଆର୍‌ଟି-ପିସିଆର୍ ପରୀକ୍ଷା କରାଯିବା ସହ ପଜିଟିଭ୍ ରିପୋର୍ଟ ଆସିଲେ ଜିନୋମ୍ ସିକ୍ୱେନ୍ସି ପାଇଁ ପଠାଯାଉଛି।

### ସଙ୍ଗରୋଧରେ...

ଏକ ଟିମ୍ ବିଦ୍ୟାଳୟକୁ ଯାଇ ସମସ୍ତ ଛାତ୍ରୀଙ୍କର ଆଣ୍ଟିଜେନ୍ ଟେଷ୍ଟ କରିଥିଲେ। ଏଥିରୁ ୪୬ଜଣ କରୋନାରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ପରେ ବିଦ୍ୟାଳୟର ମୋଟ ୮୧ ଛାତ୍ରୀଙ୍କ ଆର୍‌ଟି-ପିସିଆର୍ ଟେଷ୍ଟ ପାଇଁ ଜିଲା ମୁଖ୍ୟାଳୟକୁ ପଠାଯାଇଛି। ଘଟଣା ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କିଛି ମନ୍ତବ୍ୟ ଦେଉ ନ ଥିବା ବେଳେ ଆର୍‌ଟି-ପିସିଆର୍ ରିପୋର୍ଟ ଆସିଲେ ଠିକ୍ ତଥ୍ୟ ଜଣାପଡ଼ିବ ବୋଲି କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ବିଶ୍ୱଜିତ ସାହୁ କହିଛନ୍ତି ।

### ସୁପରସୋନିକ୍...

ରଖିଛି। ତେବେ ଉକ୍ତ (ସ୍ମାର୍ଟ) ସିଷ୍ଟମର ସଫଳ ପରୀକ୍ଷଣ ନେଇ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସମ୍ପୃକ୍ତ ଟିମ୍‌କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି, ଏହି ବ୍ୟବସ୍ଥାର ବିକାଶ ଦେଶର ପ୍ରତିରକ୍ଷାକୁ ସୁଦୃଢ଼ କରିବ। ଡିଆର୍‌ଡିଓ ଅଧକ୍ଷ ଡ. ଜି. ସତୀଶ ରେଡ୍ଡୀ ଏହି ସଫଳ ପରୀକ୍ଷାରେ ଜଡିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି, ଏହି ବ୍ୟବସ୍ଥା ଆମର ନୌସେନାର ଶକ୍ତିକୁ ଆହୁରି ବଢ଼ାଇବ।

# କ୍ଷତିପୂରଣ ପାଇଁ ଧାଁ ଦୌଡ଼

- ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଜମୁଛି ଭିଡ଼
- ଗୁଜବ ଶୁଣି ଚାଷୀ ହେଉଛନ୍ତି ଖର୍ଚ୍ଚାନ୍ତ

**ବାରିପଦା ଅଫିସ,୧୩।୧୨**

ବାତ୍ୟା 'ଜୱାଦ' ଓ ଲଘୁଚାପ ଜନିତ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ମୟୂରଭଞ୍ଜ ଜିଲାର ଚାଷୀ ସରକାରୀ ସହାୟତା ପାଇବା ଆଶାରେ ଧାଁ ଦୌଡ଼ କରୁଥିବା ଦେଖିବାକୁ ମିଳିଛି। ପ୍ରଶାସନ କ୍ଷୟକ୍ଷତି ଆକଳନ ରିପୋର୍ଟ ପ୍ରଦାନ କରି ନ ଥିବା ବେଳେ ଚାଷୀମାନେ ନିଜ ଜମିର ଫଟୋ ଉଠାଇ ଫର୍ମ ପୂରଣ ପୂର୍ବକ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟରେ ଭିଡ଼ ଜମାଉଛନ୍ତି। ବହୁ ଚାଷୀ ଗୁଜବର ଶିକାର ହୋଇ ଖର୍ଚ୍ଚାନ୍ତରେ ପଡ଼ୁଛନ୍ତି।

ଅଦିନିଆ ବର୍ଷାରେ ଜିଲାର ତଳିଆ ଅଞ୍ଚଳରେ ହୋଇଥିବା ଖରିଫ ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ବଡ଼ସାହି, ବେତନଟୀ, ଖୁଣ୍ଟା, ଗୋପବନ୍ଧୁନଗର, କପ୍ତିପଦା, ଉଦଳା, ମୋରଡା, ରାସଗୋବିନ୍ଦପୁର ଓ ଶୁଳିଆପଦା ବ୍ଲକର ଚାଷୀକୁଳ ପ୍ରଭାବିତ ହୋଇଛନ୍ତି। ଫସଲ ଅମଳ ସମୟରେ ବର୍ଷା ଓ ପବନ ଯୋଗୁ ବିଲରେ ଜମି ରହିଥିବା ପାଣିରେ ଗଛ ଶୋଇଯିବା ଫଳରେ ପାଚିଲା ଧାନ ଗଜା ହୋଇଯାଇଛି। ଏପରିସ୍ଥଳେ ସରକାରୀ ସହାୟତାକୁ ଚାଷୀ ଚାହିଁ ବସିଥିବା ବେଳେ କ୍ଷୟକ୍ଷତିର ରିପୋର୍ଟ ପ୍ରସ୍ତୁତ ହୋଇପାରିନାହିଁ। ଏହାକୁ ନେଇ ଦ୍ୱନ୍ଦ୍ୱରେ ଥିବା କ୍ଷତିଗ୍ରସ୍ତ ଚାଷୀମାନେ ୪ଦିନ ହେଲା ଗୁଜବର ଶିକାର ହୋଇଛନ୍ତି। କ୍ଷୟକ୍ଷତି ବାବଦରେ କ୍ଷତିଗ୍ରସ୍ତଙ୍କୁ ମିଳିବାକୁ ଥିବା ସହାୟତା ରାଶି ପାଇଁ ଫର୍ମ ଜରିଆରେ ଆବେଦନ କରୁଛନ୍ତି। ଛୁଟିଦିନଗୁଡ଼ିକରେ ମଧ ଆବଶ୍ୟକ ପ୍ରମାଣପତ୍ର, ଖଜଣାପାଉତିର ରସିଦ, କ୍ଷୟକ୍ଷତି ଘଟିଥିବା ଚାଷ ଜମିର ଫଟୋ, ଆଧାର କାର୍ଡ, ଅନ୍‌ଲାଇନରୁ ଜମି ପଟ୍ଟାର ଅବିକଳ ନକଲ ଓ ବ୍ୟାଙ୍କ ପାସ୍‌ବହି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ଭିଡ଼ ଲଗାଉଛନ୍ତି। ବଡ଼ସାହି ବ୍ଲକ ଅଞ୍ଚଳ ବନ୍ୟା ପ୍ରଭାବିତ ହୋଇଥିବାରୁ ତହସିଲ ଅଧୀନ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଏପରି ଭିଡ଼ ଜମୁଛି। ଚାଷୀ ଖର୍ଚ୍ଚାନ୍ତର ଶିକାର ହୋଇ କାର୍ଯ୍ୟାଳୟ ଦୌଡୁଥିବା ବେଳେ ସରକାରଙ୍କ ପକ୍ଷରୁ ଏଭଳି ବ୍ୟବସ୍ଥା ହୋଇ ନ ଥିବା ଅତିରିକ୍ତ ଜିଲାପାଳ(ରାଜସ୍ୱ) ପ୍ରକାଶ ଚନ୍ଦ୍ର ବେହେରା କହିଛନ୍ତି। ଏସଂକ୍ରାନ୍ତରେ ବଡ଼ସାହି ତହସିଲଦାର ମମତାଜ ମହାରଣାଙ୍କୁ ପଚାରିବାରୁ ଚାଷୀ ଫର୍ମ ପୂରଣ କରି ଦେବା ନେଇ କୌଣସି ସରକାରୀ ନିର୍ଦ୍ଦେଶ ନାହିଁ ଓ ଗୁଜବକୁ ବିଶ୍ୱାସ ନ କରିବାକୁ ସେ ଚାଷୀମାନଙ୍କୁ ପରାମର୍ଶ ଦେଇଛନ୍ତି । ମାଣତ୍ରୀ ରାଜସ୍ୱ ନିରୀକ୍ଷକ ଜଗନ ନାଏକ କୁହନ୍ତି, ବଡ଼ସାହି କୃଷି ବିଭାଗ ପକ୍ଷରୁ ହୋଇଥିବା ବୈଠକର ନିଷ୍ପତ୍ତି ଅନୁଯାୟୀ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କଠାରୁ ଆବେଦନ ପତ୍ର ଗ୍ରହଣ କରିବାକୁ କୁହାଯାଇଛି। ତେବେ ଚାଷୀମାନେ କରୁଥିବା ଆବେଦନକୁ ଅଣଦେଖା ନ କରି ସମସ୍ତ ଦରଖାସ୍ତ ଗ୍ରହଣ କରାଯାଉଛି। ଜିଲା ମୁଖ୍ୟ କୃଷି ଅଧିକାରୀ ରବୀନ୍ଦ୍ରନାଥ ଖଟୁଆ କୁହନ୍ତି, ସମଗ୍ର ଜିଲାରେ ବିଶେଷ କ୍ଷୟକ୍ଷତି ହୋଇ ନ ଥିବା ବେଳେ ପ୍ରାଥମିକ ଆକଳନ ଅନୁଯାୟୀ ପ୍ରାୟ ୧୫୦୦ହେକ୍ଟର ଜମିରେ ଧାନ ଫସଲ ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ମଙ୍ଗଳବାର କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ତେବେ ପ୍ରାକୃତିକ ବିପର୍ଯ୍ୟୟରେ ରାଜସ୍ୱ ଓ କୃଷି ବିଭାଗ ପକ୍ଷରୁ ଯୁଗ୍ମ ତଦନ୍ତ କରାଯାଇ କ୍ଷୟକ୍ଷତିର ଆକଳନ କରାଯାଉଥିବା ବେଳେ ସରକାରୀ ସହାୟତା ପାଇଁ ଉଠିଥିବା ଗୁଜବକୁ ନେଇ ତଦନ୍ତ କରିବାକୁ ଚାଷୀମହଲରେ ଦାବି ହେଉଛି।



ମାଣତ୍ରୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଭିଡ଼ ଜମାଇଥିବା ଚାଷୀ।

# ୧୦୦ ଦିନ କାମ ଯୋଗାଇବାରେ ଦେଶରେ ଗଞ୍ଜାମ ପ୍ରଥମ

## ଏମ୍‌ଜିଏନ୍‌ଆର୍‌ଇଜିଏସ୍

**ଛତ୍ରପୁର,୧୩।୧୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ପ୍ରଶାସନ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)କୁ ସଫଳ କାର୍ଯ୍ୟକାରୀ କରିବାରେ ଆଉ ପାଦେ ଆଗେଇଛି । ପୂର୍ବରୁ ଶ୍ରମ ଦିବସ ସୃଷ୍ଟି କରିବାରେ ଗଞ୍ଜାମ ଜିଲା ରାଜ୍ୟରେ ଆଗରେ ରହି ଆସିଛି। ଏବେ ଶ୍ରମିକ ପରିବାରକୁ ୧୦୦ ଦିନର କାମ ଯୋଗାଇବାରେ ଗଞ୍ଜାମ ଦେଶରେ ପ୍ରଥମ ସ୍ଥାନରେ ରହିଛି । ଚଳିତବର୍ଷ ଡିସେମ୍ବର ୧୧ ତାରିଖ ସୁଦ୍ଧା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜିଲାର ୭୦ ହଜାର ୧୬୫ ପରିବାରକୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଛି । ଏଥିପାଇଁ ଗଞ୍ଜାମ ଡିଆର୍‌ଡିଏ ଟିମ୍ ଓ ଜିଲାର ୨୨ ବିଡିଓଙ୍କ ଟିମ୍‌କୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପ୍ରଶଂସା କରିବା ସହ ଭଲ କାମ କରିଥିବାରୁ ଜିଲା ଦେଶରେ ଏକ ନମ୍ବର ହୋଇପାରିଥିବା ଟୁଇଟ୍ କରିଛନ୍ତି। କରୋନା ମହାମାରୀ ସମୟରେ ଲୋକଙ୍କୁ କାମ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଗଞ୍ଜାମ ଜିଲାପାଳ ନିୟମିତ ସମୀକ୍ଷା କରି ବିଭିନ୍ନ ପରାମର୍ଶ ଦେଇଆସୁଥିଲେ। ଜିଲାପାଳଙ୍କ ପରାମର୍ଶ ଏବଂ ବିଡିଓ ଓ ସେମାନଙ୍କ ଟିମ୍ ଯୋଗୁ ଏହି ସଫଳତା ମିଳିଥିବା ଡିଆର୍‌ଡିଏ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ କହିଛନ୍ତି। ସୂଚନାଯୋଗ୍ୟ, ଗତ ଅକ୍ଟୋବର ମାସରେ ଗଞ୍ଜାମ ଜିଲା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨ କୋଟି ଶ୍ରମଦିବସ ସୃଷ୍ଟି କରିପାରିଥିଲା।

**OFFICE OF THE NABARANGPUR MUNICIPALITY**
NABARANGPUR (ODISHA), PIN - 764059
E-mail: municipalityngpr@gmail.com, Tel/Fax No. 06858-222031

**"e" PROCUREMENT NOTICE**
Bid Identification No. NM-04/2021-22

Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

1. Name of the work : Civil work
2. No. of works : 5 Nos.
3. Estimated Cost : Rs.3.11 lakhs to Rs.18.04 lakhs
4. Period of Completion : As per DTCN
5. Date & time of Bidding : From 11.00 A.M. of 13.12.2021 to 22.12.2021 upto 5.00 P.M.
6. Last date & time for receipt of bids in portal : 22.12.2021 at 5.00 P.M.
7. Bids received online shall be opened on : 11.00 A.M. of Dt.23.12.2021
8. Name and address of the Officer Inviting Bid : Executive Officer, Nabarangpur Municipality

Further details can be seen from the procurement portal : **www.tenderorissa.gov.in**

Sd./- Executive Officer, Nabarangpur Municipality

**DHENKANAL (AUTO) COLLEGE, DHENKANAL**
www.dhenkanalcollege.nic.in

**ADMISSION NOTICE VACANT SEAT: 2021-22**
**LAST CHANCE FOR NON ENTRANCE STUDENT FOR MBA**

Applications are invited for admission into the following Self-Financing Courses offered under Utkal University for the Session - 2021-22 (PPP).

| Course | Annual Fee | Eligibility |
|---|---|---|
| 2 Yr. MBA Master of Business Administration | Rs.45,000/- | +3 or equivalent with 50% marks in aggregate (Odisha JEE/Non-JEE Students) |
| 2 Yr. M.Sc. (Comp. Science) | Rs.30,000/- | +3 in any Stream with Mathematics in +2 level |

**Scholarship Available for SC, ST, OBC and Minority Category**

Institute level spot counselling for M.Sc. (Comp. Science) & MBA interested Non-OJEE candidates should report the Department as mentioned below.
**1st Round Spot Counselling - 16.12.2021**
**2nd Round Spot Counselling - 20.12.2021**

**06762-221130, M.Sc. (CS) : 7008546253**
**MBA: 9439641117, 9853770780**

Sd./- Principal

**NATIONAL COMPETITIVE BIDDING THROUGH e-Procurement**
Tel. No.06752222092, e-mail id-eerwpuri@gmail.com
**TCN NO. TENDER ONLINE - 18 OF 2021-22**
No:- 9471 /Date.10.12.2021.

**No. O-1307:-** The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 18 Nos. of work for the year 2021-22 in the district of Puri.

1. Total No. of works: **18 Nos.**
2. Tender cost of packages: Amount varies from **Rs.2.65 lakhs to 35.40 lakhs.**
3. Class of contractor: **As per DTCN.**
4. Period of completion: **2 (Two) Calendar months.**
5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| **Superintending, Rural Works Division, Puri.** | **Online- 18** | **15.12.2021 at 11.00 A.M.** | **21.12.2021 up to 12.30 P.M.** | **20.12.2021 up to 1.00 P.M.** | **21.12.2021 at 04.30 P.M. Office of the S.E., R.W. Division, Puri.** |

6. Other details can be seen in the bidding documents, which is available in website "**https://tendersodisha.gov.in**".

OIPR-25065/11/0043/2021 — Sd./- Superintending Engineer, R.W. Division, Puri

GOVERNMENT OF ODISHA — No. O-1301
**OFFICE OF THE EXECUTIVE ENGINEER, RURAL WORKS DIVISION, BHUBANESWAR**
Ph. No.: 0674-2301787, Fax No.: 0674-2300965, E-Mail ID: eerw_bbsr@yahoo.co.in
No:- Tender Online-BBSR Divn.-48 — Date: 08.12.2021

**e-Procurement NOTICE**

1. Name of the work : Construction/Special Repair of Building Work
2. Total No. of Building : 01 No.
3. **Class of contractor** :
   A) Estimated Cost more than Rs.40.00 lakhs & not exceeding to Rs. 1.50 Crore : **"A" & "B" Class** (of Odisha PWD) or relevant Class of other licensing authorities.
   B) Estimated Cost more than Rs 20.00 lakhs & not exceeding to Rs. 40.00 lakhs. : **"B" & "C" Class** (of Odisha PWD) or relevant Class of other licensing authorities.
   C) Estimated Cost not exceeding to Rs. 20.00 lakhs : **"C" & "D" Class** (of Odisha PWD) or relevant Class of other licensing authorities.
4. Estimated cost of individuals projects : Rs.10.00 lakh to 31.00 lakh
5. Time for Completion : **3 (Three) Calendar** months
6. Other details. :

| Procurement Officer | Bid Identification No. | Availability of tender Online for bidding | | Date, time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Bhubaneswar | Tender Online - BBSR Divn. - 48 | 14.12.2021 at 11.00 A.M. | 20.12.2021 upto 5.00 P.M. | 21.12.2021 at 11.00 A.M. |

Further details can be seen from the website: **www.tendersorissa.gov.in**.

Sd./- Executive Engineer, Rural Works Divn., BBSR
OIPR-25066/11/0033/2122

**ODISHA LIFT IRRIGATION CORPORATION LIMITED**
(A GOVERNMENT OF ODISHA UNDERTAKING)
**OFFICE OF THE EXECUTIVE ENGINEER, LIFT IRRIGATION DIVISION, BHAWANIPATNA**
E-mail ID: liftirrigation_bpt@yahoo.in

**"E"-Procurement Notice**
**BID IDENTIFICATION NO. OLIC-BPT-04/2021-22 DT.10.12.2021**

No. CAD-2267:- The **Executive Engineer, Lift Irrigation Division, Bhawanipatna** on behlaf of OLIC invites **Percentage Rate** bids in single cover system to be receied in **Online Mode only** for the **Revival work, Installation and Energisation of LIPs under different Blocks in Kalahandi District** as detailed in the table below. The Bid should be submitted by the eligible class of contractors as mentioned below registered with the State Government and contractors of equivalent grade / class registered with Central Government / M.E.S. / Railways / C.P.W.D. for execution of Civil Works with valid Electrical (H.T.) License issued by ELBO, Odisha through On-Line in the Govt. website **www.tendersodisha.gov.in**. The bidders should have necessary portal enrolment (with own digital signature certificate). The registered bidders from outside Odisha can also participate in this on-line tender process after necessary portal enrolment but shall have to subsequently undergo registration with appropriate authority of the State.

**1. Name of the Works:- Revival work for Installation & Energisation of River Lift Irrigation Projects with supply of all materials on Turnkey basis, 2. Total Nos. of Package:- 8 (8 Nos. LIPs), 3. Approximate Estimated Cost:- Rs.10.67 Lakhs to Rs.14.66 Lakhs, 4. Class of Contractor:- As mentioned against each package, 5. Period of Completion:- 90 Days for all projects from the date of issue of work order. 6. Other details as follows:-**

| Procurement Officer | Bid Identification No. | Availability of Tender On-Line for Bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I. Division, Bhawanipatna |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| **Executive Engineer, L.I. Division, Bhawanipatna** | **OLIC-BPT-04/ 2021-22** | **17.12.2021 at 11.00 hrs.** | **24.12.2021 at 17.00 hrs.** | **21.12.2021 at 17.00 hrs** | **27.12.2021 at 11.00 hrs.** |

OIPR-32148/11/0013/2122 — Sd./- Executive Engineer

**[GOVERNMENT OF ODISHA]** — No. B-791
**OFFICE OF THE EXECUTIVE ENGINEER, BARGARH (R&B) DIVISION, BARGARH**
E-mail – eepwdbgh@gmail.com, Phone/Fax-06646–234819

**INVITATIONS FOR BIDS (I.F.B.)**
e-Procurement Notice
IDENTIFICATION NO.IFB-EE PWD BGH No.15 OF 2021-22
No. 5147, Dated 10.12.2021

1) The **Executive Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Double** Cover System in **ONLINE MODE** for the **Building work** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No. of Building work: – **8 Nos.**
3) Cost of Tender Paper: – **Rs.6,000/-**
4) Class of contractor:– **"A" & "B" Contractor**
5) Date & Time of available in website & receipt of Bids: – **11:00 Hrs. of 14/12/2021 to 17:00Hrs. of 24/12/2021.**
6) Date of opening of Technical Bid: – **27/12/2021at 11:30 Hrs.**
7) The Bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in**
8) Any corrigendum / Addendum will be displayed in the website **https://tendersodisha.gov.in only**

OIPR-34039/11/0013/2122 — Executive Engineer, Bargarh (R&B) Division

**OFFICE OF THE SUPERINTENDING ENGINEER, RWSS DIVISION, RAIRANGPUR**
**INVITATION FOR BIDS**
E-mail: eerwss_rai@nic.in, eerwss.rai@gmail.com

**e-PROCUREMENT NOTICE**
IDENTIFICATION No. 36 RWSS/RRPUR-2021-2022 / Dated: 09.12.2021

No. O-1303: The Superintending Engineer, RWSS Division, Rairangpur on behalf of Governor of Odisha, invites **percentage rate** bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/Class registered with Central Govt./Railways.

1. Nature of work : a) Execution of clubbed up PWS schemes to different villages of Bisoi, Bijatala, Karanjia & Thakurmunda Block under RWS&S Division, Rairangpur in the District of Mayurbhanj.
2. No. of packages : 8 (Eight) Nos.
3. Period of Compeltion : 11 (Eleven) Months
4. Cost of Tender : Rs.10000.00
5. Estimated Cost : Rs.301.19 lakhs to 497.20 lakhs
6. Class of Contractor : (As mentioned in Tender Call Notice)
7. Date and time of availability of bid documents in portal : From 10 hours of 15.12.2021 to 17.00 hours of 30.12.2021
8. Receipt of bid cost, bid security, documents : Online only
9. Date & time of opening of technical bid : Dt.31.12.2021 at 16.00 hours onwards
10. Other documents : (As mentioned in DTCN)
11. The bidders have to particiapte in Online bidding only. Further details can be seen from the website **https://www.tendersodisha.gov.in**.
12. Any addendum/corrigendum/cancellation of tender can also be seen in the said website.

OIPR-25010/11/0017/2122 — Sd./- Superintending Engineer, RWSS Division, Rairangpur

**ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା**

ପଟ୍ଟାଙ୍ଗୀ,(ଡି.ଏନ.ଏ)କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକରେ ସୋମବାର ଗୋପବନ୍ଧୁପଲି ବିଦ୍ୟାଳୟ ପରିସରରେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ବ୍ଲକ ପଲାଇ ଗ୍ରାମର ଶିକ୍ଷକ ଶୁଭେନ୍ଦୁକୁମାର ପରିଡ଼ାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେ କୋରାପୁଟ ଜିଲାର ଆଦିବାସୀ ଅଧ୍ୟୁଷିତ ପୁକାଲି ପଞ୍ଚାୟତର ମୂଳାଶଙ୍କର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୨୦୦୮ ରୁ ଶିକ୍ଷକତା ଜୀବନ ଆରମ୍ଭ କରି ପରବର୍ତ୍ତୀ ସମୟରେ ଉକ୍ତ ବିଦ୍ୟାଳୟରେ ନିୟମିତ ଶିକ୍ଷକ ରୂପେ କାର୍ଯ୍ୟ କରିଥିଲେ। ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ ନେଇ ହୋଇଥିବା କାର୍ଯ୍ୟକ୍ରମକୁ ରାଜେନ୍ଦ୍ର ରଥ , ବିଜୟ ସାରା, ଘାସିରାମ ଖରା ଓ ସତ୍ୟ ଖରା ଆୟୋଜନ କରିଥିଲେ। ଏଥିରେ ମୁଖ୍ୟଅତିଥି ରୂପେ ଏଡିଓ ରଜନୀକାନ୍ତ ବଡନାୟକ ଏବଂ ଈଶ୍ୱର ବେହେରା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ୨ ମୃତ

ଟିକିରି,୧୩।୧୨(ଡି.ଏନ୍.ଏ.)-ରାୟଗଡ଼ା ଜିଲା କାଶୀପୁର ବ୍ଲକ ଦୋରଗୁଡ଼ା ଥାନା ଅଧୀନ ବାଗିରିଝୋଲା ଗ୍ରାମ ନିକଟ ଉତ୍କଳ ଆଲୁମିନା ବେଲ୍ଟଲାଇନ ରାସ୍ତାପାର୍ଶ୍ୱରେ ସୋମବାର ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଦୁହେଁ ହେଲେ ବାଗିରିଝୋଲା ଗ୍ରାମର କୁମାରୁ ନାୟକଙ୍କ ପୁଅ ବିଜୟ ନାଏକ (୨୨) ଏବଂ ରବୀନ୍ଦ୍ର ଝୋଡ଼ିଆଙ୍କ ପୁଅ ସୁନୀଲ। ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୮ଟାରେ ବିଜୟ ଏବଂ ସୁନୀଲ କୌଣସି କାମରେ ବାଇକ୍ ଯୋଗେ ବାଗିରିଝୋଲାରୁ ଲୋଚୁଗୁଡ଼ା ଅଭିମୁଖେ ଯାଉଥିଲେ। ଏହି ସମୟରେ କୌଣସି ଗାଡ଼ି ସେମାନଙ୍କୁ ଧକ୍କାଦେଇ ଚାଲିଯାଇଥିଲା। ବାଗିରିଝୋଲା ଗ୍ରାମବାସୀ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ ସେତେବେଳକୁ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଦୋରାଗଡ଼ା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

### କୋଲନରାରେ ପାର୍ଶ୍ୱମନ୍ଦିର ପ୍ରତିଷ୍ଠା ଉତ୍ସବ

କୋଲନରା,୧୩।୧୨(ଡି.ଏନ୍.ଏ.)- ରାୟଗଡ଼ା ଜିଲା କୋଲନରା ସଦରସ୍ଥିତ ଧବଳେଶ୍ୱର ମନ୍ଦିର ପରିସରରେ ନୂତନ ପାର୍ଶ୍ୱ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ, ୧୧ରେ ଗ୍ରାମ ମହିଳାଙ୍କ ଦ୍ୱାରା କଳସଯାତ୍ରା, ମଣ୍ଡଳପୂଜା ଓ ଯଜ୍ଞ କାର୍ଯ୍ୟକ୍ରମ ହୋଇଥିଲା। ରବିବାର ମନ୍ଦିରର ସମସ୍ତ ବିଗ୍ରହଙ୍କୁ ମଣ୍ଡପରେ ସ୍ନାନ କରାଯାଇଥିଲା। ସୋମବାର ନଗର ପରିକ୍ରମା ସହ ପ୍ରତିଷ୍ଠା ଉତ୍ସବ ପାଳନ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମନ୍ଦିର ପାର୍ଶ୍ୱରେ ଥିବା ଦଳଯାତ୍ରା ପଡ଼ିଆରେ ନାମ ସଂକୀର୍ତ୍ତନର ବ୍ୟବସ୍ଥା କରାଯାଇଥିଲା। ସେହିଭଳି ନିକଟରେ ଥିବା ସତ୍ୟସାଇ



ମନ୍ଦିର ଠାରୁ ଗୌରାଙ୍ଗ ମନ୍ଦିର ମୁଖ୍ୟରାସ୍ତା ଓ ବସ୍ଷ୍ଟାଣ୍ଡ ପର୍ଯ୍ୟନ୍ତ ଆଲୋକମାଳାରେ ସୁସଜ୍ଜିତ କରାଯିବା ସହ ସମସ୍ତ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ମନ୍ଦିର କମିଟି ଦ୍ୱାରା ଆୟୋଜନ କରାଯାଇଥିଲା। ପ୍ରତିଷ୍ଠା ଉତ୍ସବରେ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ, ବିଜୁ କୃଷକ ଦଳର ସମ୍ପାଦକ ତିରିପତି ବାନାଗାଡ଼ି, ଜିଲା କଂଗ୍ରେସ ସଭାପତି ଦୁର୍ଗାପ୍ରସାଦ ପଣ୍ଡା ଉପସ୍ଥିତ ଥିଲେ।

### ଝରିଗାଁରେ ମିଶନ ଶକ୍ତି ଋଣମେଳା



ଝରିଗାଁ, ୧୩।୧୨(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ମିଶନ ଶକ୍ତି ଋଣମେଳା ଅନୁଷ୍ଠିତ ହୋଇଯାଇଛି। ଝରିଗାଁ ବିଡିଓ ସତ୍ୟନାରାୟଣ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାଶ ଏସ୍‌ଏଚ୍‌ଜିଙ୍କୁ ଋଣଗ୍ରହୀତ ପତ୍ର ପ୍ରଦାନ କରିଥିଲେ। ଝରିଗାଁ ଏସ୍‌ବିଆଇ ଶାଖା ପରିଚାଳକ ଅନୀଲ ମେହେର, ଜୀବିକା ମିଶନ ସଂଯୋଜକ ରମେଶ ତାଡ଼ିଙ୍ଗି, ସୁପରଭାଇଜର ସନ୍ଧ୍ୟାରାଣୀ ମହାକୁଡ଼, ଏମ୍‌ବିକେ ଏବଂ ସିଆର୍‌ପିସିଏମ୍‌ମାନେ ଉପସ୍ଥିତ ଥିଲେ। ସୋମବାର ୭୯ ଏସ୍‌ଏଚ୍‌ଜିଙ୍କୁ ଋଣ ଗ୍ରହୀତ ପତ୍ର ପ୍ରଦାନ କରାଯାଇଛି। ଆଗାମୀ ଦୁଇ ଦିନରେ ୧୪୬ ଏସ୍‌ଏଚ୍‌ଜିଙ୍କୁ ୩ କୋଟି ୫୦ ଲକ୍ଷ ଟଙ୍କାର ଋଣଗ୍ରହୀତ ପତ୍ର ପ୍ରଦାନ କରାଯିବ।

### ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ, ହୁଇଲ ଚେୟାର

ନନ୍ଦାହାଣ୍ଡି,୧୩।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ପଞ୍ଚାୟତ ସମିତି ପକ୍ଷରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୋଟ ୧୫୪ ହିତାଧିକାରୀ ପଞ୍ଜୀକରଣ କରାଯାଇଛି। ଡ. ଅଶୋକ ମହାପାତ୍ର, ଡ.ସଲିମ ମଲ୍ଲିକ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକରି ପ୍ରମାଣପତ୍ର ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପାତ୍ର, ସାମାଜିକ ସୁରକ୍ଷା ଅଧିକାରୀ ଜ୍ୟୋତ୍ସ୍ନାରାଣୀ ପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଧନଞ୍ଜୟ ରାଓ, ବିଡିଓ ଶିବଶଙ୍କର ମୁର୍ମୁ ଉପସ୍ଥିତ ଥିଲେ। ବ୍ଲକ ଅଧକ୍ଷ ସନ୍ୟାସୀ ସୌରା ହିତାଧିକାରୀ ଶୁକ୍ରୁ ଜାନି ଓ ନରସିଂହ ଜାନିଙ୍କୁ ହୁଇଲ ଚେୟାର, ରଞ୍ଜିତ ବିଶୋୟୀଙ୍କୁ ଟ୍ରାଇ ସାଇକେଲ, ହରିହର ରଥ ଏବଂ ନିହାର ହରିଜନଙ୍କୁ ଆଶାବାଡି ପ୍ରଦାନ କରିଛନ୍ତି। ବ୍ଲକ ସାମାଜିକ ଅଧିକାରୀ ମନୀଷା ରଥ, କାର୍ଯ୍ୟକ୍ରମ ସହାୟକ ବିଚିତ୍ର ଶତପଥୀ ଶିବିର ତଦାରଖ କରିଥିବା ବେଳେ ଙ୍ଗରଭେଜା ଫାଣ୍ଡି ଅଧିକାରୀ ମୀନକେତନ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

# ଜୟପୁର ଆକାଶବାଣୀ କେନ୍ଦ୍ରକୁ କ୍ଲଷ୍ଟର ମାନ୍ୟତା ଦିଆଯାଉ

## ନବରଙ୍ଗପୁର ଏମ୍‌ପିଙ୍କୁ ଦାବି ଜଣାଇଲେ କଳାକାର

ନବରଙ୍ଗପୁର,୧୩।୧୨(ବି.ପ୍ର.)

ଜୟପୁର ଆକାଶବାଣୀ କେନ୍ଦ୍ରକୁ ସ୍ୱତନ୍ତ୍ର ଭାବେ କ୍ଲଷ୍ଟର ମାନ୍ୟତା ଦାବି ନେଇ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କୁ ଭେଟି ସ୍ଥାନୀୟ କଳାକାର ଦାବିପତ୍ର ପ୍ରଦାନ କରିଛନ୍ତି। କଟକ, ସମ୍ବଲପୁର ଓ ଭବାନିପାଟଣା ଆକାଶବାଣୀ କେନ୍ଦ୍ରକୁ କ୍ଲଷ୍ଟର ମାନ୍ୟତା ମିଳିଛି। ଭବାନିପାଟଣା କ୍ଲଷ୍ଟର ଅଧୀନରେ ଜୟପୁର କେନ୍ଦ୍ର ରହିବ ବୋଲି ପ୍ରସାର ଭାରତୀ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜୟପୁର ଆକାଶବାଣୀ କେନ୍ଦ୍ର ଅବିଭକ୍ତ କୋରାପୁଟ ଜିଲାର ଗର୍ବ ଓ ଗୌରବ। ଜୟପୁର କେନ୍ଦ୍ର ଏ ଅଞ୍ଚଳର ସାମାଜିକ ସାଂସ୍କୃତିକ ବୈଭବକୁ ଯଥାର୍ଥ ଭାବେ ପ୍ରଚାରକରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛି। ଜୟପୁର ଆକାଶବାଣୀ କେନ୍ଦ୍ରରେ ଡିଜିପି ପଦବୀ ପୂରଣ କରାଯାଇ କ୍ଲଷ୍ଟର ମାନ୍ୟତା ଦିଆଯିବାର ଆବଶ୍ୟକତା ରହିଥିବା କଳାକାରମାନେ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଆକାଶବାଣୀ କଳାକାର ସୁରେଶ ମିଶ୍ର, ବାଲାଜୀ କିଶୋର ରାୟଙ୍କ ସମେତ ଅସିତ କୁମାର ଦେଓ ଅଶୋକ ପଣ୍ଡା ଉପସ୍ଥିତ ଥିଲେ।



ଏମ୍‌ପି ରମେଶ ଚନ୍ଦ୍ର ମାଝି ଦାବିପତ୍ର ଗ୍ରହଣ କରୁଛନ୍ତି।

# ଶ୍ରମିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ରାୟଗଡ଼ା ଅଫିସ,୧୩।୧୨

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା କୋଠାବାଡ଼ି ଓ ଅନ୍ୟ ନିର୍ମାଣ ମଜଦୁର ସଂଘ ପକ୍ଷରୁ ୧୦ ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲା ଶ୍ରମ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଶ୍ରମ ମନ୍ତ୍ରୀ, ଶ୍ରମ କମିଶନର ଓ କଲ୍ୟାଣ ବୋର୍ଡ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ମହାମାରୀ କରୋନା ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୫ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ, କରୋନା ସମୟରେ ନିର୍ମାଣ ଶ୍ରମିକଙ୍କ ନାମରେ ଆସିଥିବା ୧୫୦୦ ଟଙ୍କା ଅନେକ ଶ୍ରମିକଙ୍କୁ ଦିଆଯାଇ ନାହିଁ। ଉକ୍ତ ଶ୍ରମିକମାନଙ୍କୁ ଚିହ୍ନଟ କରି ଟଙ୍କା ପ୍ରଦାନ କରିବା, ଜିଲା ଶ୍ରମ କାର୍ଯ୍ୟାଳୟରେ ଖାଲି ଥିବା ପଦବୀଗୁଡ଼ିକୁ ପୂରଣ, ଦକ୍ଷତା ବୃଦ୍ଧି ତାଲିମ ସହ ତାଲିମ ପ୍ରମାଣ ପତ୍ର ଏବଂ ୧୫ ଦିନର ପ୍ରାପ୍ୟ ୩୦୦୦ ଟଙ୍କା ପ୍ରଦାନ, ସମସ୍ତ ବ୍ଲକରେ ଶ୍ରମ କାର୍ଯ୍ୟାଳୟ ଖୋଲି ନିଯୁକ୍ତି ପ୍ରଦାନ ପ୍ରମୁଖ ଦାବି ରହିଛି। ଦାବିପତ୍ର ପ୍ରଦାନବେଳେ ରାଜ୍ୟ ସଭାପତି ଅରୁଣ କୁମାର ଲେଙ୍କା, ଜିଲା ସମ୍ପାଦକ ଧନେଶ୍ୱର କଣ୍ଟାବଂଶ, କୋଷାଧ୍ୟକ୍ଷ ସୁନ୍ଦର ରାଓ କାଡ୍ରାକା ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ ଦାବିପତ୍ର ଗ୍ରହଣ କରିଥିଲେ।



ଅତିରିକ୍ତ ଶ୍ରମ ଅଧିକାରୀ ଦାବିପତ୍ର ଗ୍ରହଣ କରୁଛନ୍ତି।

# ପ୍ରସ୍ତାବିତ ସ୍କୁଲ ଜାଗାକୁ ନେଇ ବିବାଦ, ୨ ଦୋକାନ ପୋଡ଼ି

ଉମରକୋଟ, ୧୩।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ସୁକିଗାଁରେ ପ୍ରସ୍ତାବିତ ହାଇସ୍କୁଲ ଜାଗାକୁ ନେଇ ଦେଖାଦେଇଛି ବିବାଦ। ଏହାକୁ କେନ୍ଦ୍ରକରି ରବିବାର ରାତିରେ ଉକ୍ତ ସ୍ଥାନରେ ରହିଥିବା ୨ ଦୋକାନ ଗୃହକୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଦୋକାନ ପୋଡ଼ି ସମ୍ପର୍କରେ ଉଭୟ ମାଲିକ ଉମରକୋଟ ଥାନାରେ ଅଭିଯୋଗ କରିଛନ୍ତି।

ସୂଚନାନୁଯାୟୀ, ଶୁକିଗାଁରେ ଗୋଟିଏ ହାଇସ୍କୁଲ ପ୍ରତିଷ୍ଠା କରିବା ପାଇଁ ଗାଁ ଭିତରେ ଗ୍ରାମ କମିଟି ଜାଗା ରଖିଛନ୍ତି। ଗାଁ କମିଟିର ଅନୁରୋଧ ଓ ରାଜସ୍ୱ ବିଭାଗର ନୋଟିସ ପରେ ପ୍ରାୟ ୧୫ ଦୋକାନୀ ସେହି ସ୍ଥାନରୁ ନିଜ ନିଜ ଦୋକାନକୁ ଉଠାଇ ନେଇଥିଲେ। ଆଉ କିଛ କୋର୍ଟରୁ ସ୍ଥଗିତ ଆଦେଶ ଆଣି ଦୋକାନ ଖୋଲୁଥିଲେ। ଜଣେ ଦୋକାନୀ ଜାଗା ଅଧିଗ୍ରହଣ କରିଥିବା ଦର୍ଶାଇ ତହସିଲ କାର୍ଯ୍ୟାଳୟରେ କେସ୍ କରିଥିଲେ। ଗତ ରାତିରେ ସେଠାରେ ଥିବା ଟେଲର ଦୋକାନ ଓ ଗ୍ୟାରେଜରେ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଗାଁ କମିଟି ଦ୍ୱାରା ଏହା କରାଯାଇଥିବା ସନ୍ଦେହ କରିଛନ୍ତି ଦୋକାନ ମାଲିକ। ସ୍କୁଲ ନିର୍ମାଣ ଆରମ୍ଭ ହେଲେ ଆମେ ଦୋକାନ ଉଠାଇ ଦେବୁ ବୋଲି ମାଲିକମାନେ କହିଛନ୍ତି। ଘଟଣା ସମ୍ପର୍କରେ ଗାଁ କମିଟି ସଭାପତି ସୁଜିତ ବୈରାଗୀ କହିଛନ୍ତି, ଦୋକାନ ପୋଡ଼ି ଏକ ଦୁଃଖଦ ଘଟଣା। ଏହି ଜାଗା ସ୍କୁଲ ନାଁରେ ରେକର୍ଡ ରହିଛି। ଦୋକାନୀମାନଙ୍କୁ ଅନ୍ୟ ସ୍ଥାନରେ ଜାଗା ଦେବୁ କହିଥିଲୁ ସେମାନେ ମାନିଲେ ନାହିଁ। ପ୍ରଶାସନ ଏଠାରେ ସ୍କୁଲ କରିବାକୁ ଚାହୁଁଛନ୍ତି। ଦୋକାନ ଗୃହ କିଏ କାହିଁକି ପୋଡ଼ିଲା ତାହା ଜାଣିନାହିଁ। ଘଟଣା ସମ୍ପର୍କରେ ବୁଝିବା ପାଇଁ ଉମରକୋଟ ତହସିଲଦାରଙ୍କୁ ଯୋଗାଯୋଗ କରାଯାଇଥିଲା, ସେ କିନ୍ତୁ ଫୋନ୍ ଉଠାଇ ନ ଥିଲେ।

# ଡେଲିଭରି ଏଜେନ୍ସିରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚୋରି

ରାୟଗଡ଼ା ଅଫିସ,୧୩।୧୨

ରାୟଗଡ଼ା ସହରରେ ଚୋରି ବୃଦ୍ଧି ପାଇବାରେ ଲାଗିଛି। କିଛିଦିନର ବ୍ୟବଧାନରେ ରବିବାର ରାତିରେ ପୁଣି ଏକ ବଡ଼ଧରଣର ଚୋରି ହୋଇଛି। ସ୍ଥାନୀୟ ସାଇ ଇଣ୍ଟରନ୍ୟାଶନାଲ ହୋଟେଲ ରାସ୍ତାରେ ଥିବା ଫ୍ଲିପ୍‌କାର୍ଟ ଅନ୍‌ଲାଇନ ବୁକିଂ ଓ ଡେଲିଭରି ଏଜେନ୍ସିର ଶଟର ତାଡ଼ି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଘଟଣା ନେଇ ସଂସ୍ଥା ପକ୍ଷରୁ ରାୟଗଡ଼ା ଟାଉନ ଥାନାରେ ଅଭିଯୋଗ ହୋଇଛି। ଅତିରିକ୍ତ ଥାନାଧିକାରୀ ସୁମତି ମହାନ୍ତିଙ୍କ ସହ ଅନ୍ୟ କର୍ମଚାରୀ ଓ ଡଗ୍‌ସ୍କ୍ୱାଡ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଚୋରି ସମୟର ଦୃଶ୍ୟ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ଫୁଟେଜକୁ ନେଇ ପୋଲିସ ଯାଞ୍ଚ କରୁଛି। ସୂଚନାଯୋଗ୍ୟ, ଗତ ୫ତାରିଖରେ ମଧ ଏକ କିରାନା ଦୋକାନରୁ ଦୁର୍ବୃତ୍ତମାନେ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚୋରି କରି ନେଇଥିଲେ। ଉକ୍ତ ଘଟଣାରେ ଏ ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତ ଧରାପଡ଼ି ନାହାନ୍ତି। ସହରରେ ଚୋରି ବୃଦ୍ଧି ପାଉଥିବାରୁ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହେଉଛି।

# ଏସ୍‌ପି ଅଫିସ ଘେରି ଦାବିପତ୍ର ଦେଲା କଂଗ୍ରେସ

ନବରଙ୍ଗପୁର,୧୩।୧୨(ବି.ପ୍ର.)

ଭୁବନେଶ୍ୱରରେ ଛାତ୍ର ଓ ଯୁବ କଂଗ୍ରେସର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ବେଳେ ସେମାନଙ୍କ ଉପରେ କରାଯାଇଥିବା ପୋଲିସର ବର୍ବର ଓ ମାରଣାତ୍ମକ ଆକ୍ରମଣକୁ ନବରଙ୍ଗପୁର ଜିଲା କଂଗ୍ରେସ ନିନ୍ଦା କରିଛି। ଏହାର ପ୍ରତିବାଦରେ ସୋମବାର ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ନବରଙ୍ଗପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏଥିସହ ଏସ୍‌ପି ପିଏସ୍ ପରଷୋତ୍ତମ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗକୁ ପୋଲିସ ଶାସକ ଦଳର ଇସାରାରେ ଲୋକଙ୍କୁ ହଇରାଣ କରେ ତେବେ କଂଗ୍ରେସ ଆନ୍ଦୋଳାତ୍ମକ ପନ୍ଥା ଆପଣାଇବ ବୋଲି ଜିଲା ଯୁବ କଂଗ୍ରେସ ନେତା ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନବେଳେ ପୂର୍ବତନ ବିଧାୟକ ଭୁଜବଳ ମାଝି, ଅବଦୁଲ ଫିରୋଜ, ତାଜ ଇମ୍ରାନ ସାରିଫ, ପ୍ରହଲ୍ଲାଦ ହିଆଲ, ଦିଲୀପ ବେହେରା, ବୃନ୍ଦାବନ ତ୍ରିପାଠୀ, ପରୀ ସାହୁ, ଏମ୍. ନାଗରତ୍ନମ, ଭବାନୀ ସାହୁଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# କାଳିଆଗାଁ ପିଇଓ ଗିରଫ

## ୪୮ ଲକ୍ଷ ଆତ୍ମସାତ କରିଥିଲେ

ଜୟପୁର,୧୩।୧୨(ନି.ପ୍ର.)

କୋରାପୁଟ ଜିଲା ଜୟପୁର ବ୍ଲକ କାଳିଆଗାଁ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଦର୍ଶନ ଖରାଙ୍କୁ ୪୮ ଲକ୍ଷ ଟଙ୍କା ତୋସରପାତ ଘଟଣାରେ ସୋମବାର ଭିଜିଲାନ୍ସ ଗିରଫ କରିଛି । ୨୦୧୮ ଅକ୍ଟୋବରରେ ଭିଜିଲାନ୍ସ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସେ ସମୟରେ ଜିପିଇଓ ଦାୟିତ୍ୱରେ ଥିବା କୈଳାସ ଚନ୍ଦ୍ର ଦାସଙ୍କୁ ପଚରାଉଚୁରା କରି ବ୍ଲକ ପରିସରରେ ଦୀର୍ଘଦିନର ତଥ୍ୟକୁ ଭିଜିଲାନ୍ସ ବିଭାଗ ହାତେଇଥିଲା। ତତ୍କାଳୀନ ବିଡିଓ ସଦର ଥାନାରେ ଅଭିଯୋଗ କରିବା ପରେ ବିଭାଗ ମାମଲାର ତଦନ୍ତ ଆରମ୍ଭ କରିଥିଲା । ପିଇଓ ଖରା ୩ବର୍ଷ ହେଲା ଫେରାରଥିଲେ ।

୨୦୧୭ ଜୁନ୍ ୨୮ରେ କାଳିଆଗାଁ ପିଇଓ ଖରା କୋରାପୁଟର ତତ୍କାଳୀନ ଜିଲାପାଳ ଅନୁପମ ଶାହାଙ୍କୁ ଏହି ଟଙ୍କା ପୁଅର ଚିକିତ୍ସା ଓ ଝିଅ ବାହାଘରରେ ଖର୍ଚ୍ଚ କରିଥିବା ଦର୍ଶାଇଥିଲେ । କାହିଁକି ଓ କେଉଁ ପରିସ୍ଥିତିରେ ସେ ସରକାରୀ ଅର୍ଥ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କଲେ ତାହାର ତଦନ୍ତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲାପାଳ ପିଇଓ ଖରାଙ୍କୁ ନିଲମ୍ବନ କରିଥିଲେ। ତେବେ ମିଳିଥିବା ସୂଚନା ମୁତାବକ ୨୦୧୬ରୁ ୨୦୧୭ ମଧ୍ୟରେ ପିଇଓ ଦର୍ଶନ ଖରା ବିନା ବିଲ୍‌ରେ ସରକାରୀ ତହବିଲରୁ ପ୍ରାୟ ୪୯ ଲକ୍ଷ ଟଙ୍କା ଲୁଟିଥିଲେ। ବିଭିନ୍ନ ଘରୋଇ ବ୍ୟାଙ୍କରେ ଥିବା ଯୁଗ୍ମ ଆକାଉଣ୍ଟ(ସରପଞ୍ଚ ଓ ପିଇଓ)କୁ ଜାଲ୍ କରି ସେ ଟଙ୍କା ଉଠାଇଥିଲେ। ୨୦୧୬ ଅଗଷ୍ଟ ୧୧ରେ କାଳିଆଗାଁ ପଞ୍ଚାୟତରେ ନଳକୂପ ମରାମତି ପାଇଁ ୪ ହଜାର ଟଙ୍କା ଡ୍ର କରିଥିଲେ । ସେହିପରି ସେହି ମାସ ୧୯ରେ ବିଦ୍ୟୁତ୍ ବିଲ୍ ପାଇଁ ୯୫ ହଜାର, ସେପ୍ଟେମ୍ବରରେ ସାରା ରାଜ୍ୟରେ ନୋଟ୍ ବନ୍ଦୀ ଚାଲିଥିବା ବେଳେ ବ୍ଲକ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୧୪ରେ ୬ ଲକ୍ଷ ୨୫ ହଜାର, ୧୬ରେ ୨୦ ଲକ୍ଷ ଟଙ୍କା ଏଚ୍‌ଡିଏଫ୍‌ସି ବ୍ୟାଙ୍କରରେ ଜମା କରାଯାଇଥିଲା । ଅକ୍ଟୋବର ୧୮ରେ ନଳକୂପ ମରାମତି କର୍ମଚାରୀଙ୍କୁ ଦେବାକୁ ୪୩ ହଜାର ୨୦୦ ଟଙ୍କା ଉଠାଇଥିବା ବେଳେ ଜାନୁୟାରୀ ୧୮ରେ ୨୨ ହଜାର ୬୦୦ ଟଙ୍କା ଡ୍ର କରିଥିଲେ ମଧ ଏହାର କୌଣସି ବିଲ୍ ପ୍ରଦାନ କରାଯାଇ ନ ଥିଲା । ସେହିପରି ସେହି ମାସରେ ଟୁଲ୍ କିଟ୍ କିଣାଯିବା ନାଁରେ ଭିନ୍ନ ଏକ ଆକାଉଣ୍ଟକୁ ୨୪ ହଜାର ଟଙ୍କା ଟ୍ରାନ୍ସଫର କରାଯାଇଥିଲା । ଏଥିସହ ମାର୍ଚ୍ଚରୁ ମେ' ମାସ ମଧ୍ୟରେ ତ୍ରୟୋଦଶ ଓ ଚତୁର୍ଦ୍ଦଶ ଅର୍ଥ କମିଶନର ଅର୍ଥରୁ ବିନା ବିଲ୍‌ରେ ସେ ୨ ଲକ୍ଷ ୧୪ ହଜାର ୮୨୫ ଟଙ୍କା ଉଠାଇଥିବା ବେଳେ ଟାଙ୍କୁଆରେ ଥିବା ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଆକାଉଣ୍ଟରୁ ୨୦୧୬ ସେପ୍ଟେମ୍ବର ୨୮ରୁ ସେହିବର୍ଷ ଜୁନ୍ ୧୩ ଯାଏ ୧୮ ଲକ୍ଷ ୪୬ ହଜାର ୬୬୯ ଟଙ୍କା ଉଠାଇଥିଲେ। ଏହି ବ୍ୟାଙ୍କର ଆଉ ଏକ ଆକାଉଣ୍ଟରୁ ମାର୍ଚ୍ଚ ୧ରୁ ୨୭ ଯାଏ ବିଭିନ୍ନ ପର୍ଯ୍ୟାୟରେ ୧ ଲକ୍ଷ ୫୦ ହଜାର ଟଙ୍କା ଉଠାଯାଇଥିଲା। ସେହିପରି ୨୦୧୬ ଜୁଲାଇରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କରୁ ୧୦ହଜାର ୫୦୦ ଟଙ୍କା ଉଠାଣ କରାଯାଇଥିବାବେଳେ ଏଥିରେ କୌଣସି ବିଲ୍ ପ୍ରଦାନ କରାଯାଇ ନ ଥିବା ତଦନ୍ତରୁ ଜଣାପଡ଼ିଥିଲା । ଅନ୍ୟପକ୍ଷରେ ସେହି ବ୍ୟାଙ୍କରୁ ଅଗଷ୍ଟ ୧ରେ ବିଦ୍ୟୁତ୍ ସାମଗ୍ରୀ କ୍ରୟ ପାଇଁ ୫୦୦୦, ନର୍ଦ୍ଦମା ସଫେଇ ପାଇଁ ୮ହଜାର ୮୦୦ ଟଙ୍କା, ପିଅନଙ୍କ ଦରମା ପାଇଁ ୨୪୦୦ ଟଙ୍କା, ପମ୍ପ କର୍ମଚାରୀଙ୍କ ଦରମା ବାବଦରେ ୭୦୦୦ ଟଙ୍କା, ସଫେଇ ପାଇଁ ୬୦୦ ଟଙ୍କା ଉଠାଣ ହୋଇଥିଲା। ସେହି ମାସରେ ଡ୍ରାଇଭରଙ୍କ ଦରମା ଓ ନଳକୂପ ମରାମତି କର୍ମଚାରୀଙ୍କ ଦରମା ବାବଦକୁ ୨୩,୦୦୦ଟଙ୍କା ଉଠାଣ ହୋଇଥିଲା । ବ୍ଲକରୁ ମିଳିଥିବା ତଥ୍ୟ ମୁତାବକ ୨୦୧୬ରୁ ଚଳିତ ବର୍ଷ ଜୁନ୍ ଶେଷ ସପ୍ତାହ ଯାଏ ଚତୁର୍ଦ୍ଦଶ ଅର୍ଥ କମିଶନରୁ ସେ ଚଞ୍ଚକତା କରି ମୋଟ ୧୬ ଲକ୍ଷ ୨୪ ହଜାର ଟଙ୍କା ଅର୍ଥ ଲୁଟ କରିଛନ୍ତି। ଏନେଇ ଭିଜିଲାନ୍ସ ଏସ୍‌ପି ଶଶିଭୂଷଣ ମହାପାତ୍ର କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ଏହାର ତଦନ୍ତ କରାଯାଇଥିଲା । ତଦନ୍ତରୁ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାତରେ ଲାଗିବାରୁ ସୋମବାର ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# ଆମ ଗାଁରେ ଆମ ତହସିଲ ସଚେତନତା ରଥ ଉଦ୍‌ଘାଟିତ



ଜଣେ ହିତାଧିକାରୀଙ୍କୁ ପ୍ରଶାସନ ପକ୍ଷରୁ ଘରପଟ୍ଟା ପ୍ରଦାନ କରାଯାଉଛି।

ମାଲକାନଗିରି,୧୩।୧୨ (ଡି.ଏନ୍.ଏ.)

ମାଲକାନଗିରି ସଦର ତହସିଲ କାର୍ଯ୍ୟାଳୟରେ ସୋମବାର ଆମ ଗାଁ ଆମ ତହସିଲ କାର୍ଯ୍ୟକ୍ରମର ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ହିତାଧିକାରୀମାନେ ଯେପରି ନିଜ ଘର ସମ୍ମୁଖରେ ନିଜ ଘରପଟ୍ଟା ପାଇବେ ସେନେଇ ବ୍ୟବସ୍ଥା ହୋଇଛି। ମାଲକାନଗିରି ତହସିଲର ସମସ୍ତ ରାଜସ୍ୱ ଅଞ୍ଚଳରେ ଏହି ରଥ ବୁଲି ହିତାଧିକାରୀଙ୍କୁ ଘରବାଡ଼ି ପଟ୍ଟା ଦେବ। ବିଶେଷକରି ଯେଉଁ ହିତାଧିକାରୀମାନେ ପୂର୍ବରୁ ଆବେଦନ କରିଥିଲେ ଏବଂ ଡାକ ଦ୍ୱାରା ସେମାନଙ୍କ ନିକଟକୁ ପଟ୍ଟା ଯାଇପାରିନାହିଁ ସମସ୍ତଙ୍କ ପଟ୍ଟା ହିତାଧିକାରୀଙ୍କ ଘରେ ଏହି ରଥ ପହଞ୍ଚାଇବ। ତହସିଲ ପକ୍ଷରୁ ହିତାଧିକାରୀଙ୍କ ସମସ୍ୟାର ଆବେଦନ ସଂଗ୍ରହ କରାଯାଇ ସେମାନଙ୍କ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରଧାନ କହିଛନ୍ତି।

# ବଜରଙ୍ଗୀ ଖଲାସୀ ସଂଘ ପକ୍ଷରୁ ହନୁମାନ ମୂର୍ତ୍ତି ପ୍ରତିଷ୍ଠା

ଚିତ୍ରକୋଣ୍ଡା,୧୩।୧୨(ଡି.ଏନ.ଏ.)

ଚିତ୍ରକୋଣ୍ଡାର ବଜରଙ୍ଗୀ ଖଲାସୀ ସଂଘ ପକ୍ଷରୁ ପଞ୍ଜାବୀ ଛକ ବାଲାଜୀ ମନ୍ଦିର ନିକଟରେ ଏକ ହନୁମାନ ମୂର୍ତ୍ତି ପ୍ରତିଷ୍ଠା କରାଯାଇଛି। ଏହି ଅବସରରେ ଚିତ୍ରକୋଣ୍ଡା,ଡେପସାହି, ପଞ୍ଜାବୀ ଛକ, ମାର୍କେଟ ଲାଇନ ଓ ପଣସଗଛ ସାହିର ମହିଳାଙ୍କୁ ନେଇ କଳସ ଶୋଭାଯାତ୍ରା କରାଯାଇଥିଲା। ପରେ ହନୁମାନଙ୍କ ମୂର୍ତ୍ତି ପ୍ରତିଷ୍ଠା ନେଇ ପୂଜାର୍ଚ୍ଚନା ହୋଇଥିଲା। ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ବଜରଙ୍ଗୀ ଖଲାସୀ ସଂଘ ସଭାପତି ନରେଶ ବାଘ, ସମ୍ପାଦକ ଧନୁ ଖୋସଲା, ସଂଘ ସଦସ୍ୟ ମାଧବ କୁଶପାରିଆ, କୃପା ମାଛ, ଈଶ୍ୱର ହିଆଲ, ମନୋଜ ଡୁରୁକୁଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।



ପ୍ରତିଷ୍ଠା ହୋଇଥିବା ହନୁମାନ ମୂର୍ତ୍ତି।

# ଜିଲା ପ୍ରାଥମିକ ଶିକ୍ଷକ ସଂଘ ଦେଲା ଧାରଣା

- ଦାବି ପୂରଣ ହେଲାନି
- ୧୬୮୫ ଶିକ୍ଷୟିତ୍ରୀ ଶିକ୍ଷକ ବରିଷ୍ଠତା ହରାଇଥିବା ଅଭିଯୋଗ

ମାଲକାନଗିରି,୧୩।୧୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ସୋମବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଗତ ୭ତାରିଖରେ ସଂଘ ପକ୍ଷରୁ ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଜିଲାର ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପଦୋନ୍ନତି ଦାବି କରାଯାଇଥିଲା। ୧୩ ସୁଦ୍ଧା ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବାକୁ କୁହାଯାଇଥିଲା। ଜିଲା ଶିକ୍ଷା ବିଭାଗ ଏନେଇ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଶିକ୍ଷକମାନେ ଧାରଣାରେ ବସିଛନ୍ତି। ରାଜ୍ୟରେ ସବୁ ଜିଲାରେ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପଦୋନ୍ନତି ପ୍ରକ୍ରିୟା ସରିଥିବା ବେଳେ ମାଲକାନଗିରି ଜିଲାରେ ଏହି ପଦୋନ୍ନତି ପ୍ରକ୍ରିୟା ହୋଇପାରିନାହିଁ। ଜିଲା ଶିକ୍ଷାଧିକାରୀ ଏହି ପଦୋନ୍ନତି ପ୍ରକ୍ରିୟା କାର୍ଯ୍ୟକାରୀ କରୁ ନ ଥିବାରୁ ୧୬୮୫ ଶିକ୍ଷୟିତ୍ରୀ ଶିକ୍ଷକ ବରିଷ୍ଠତା ହରାଇଛନ୍ତି। ଶିକ୍ଷକଙ୍କ ପ୍ରତି ଜିଲା ଶିକ୍ଷା ବିଭାଗ ଏପରି ପାତରଅନ୍ତର ନୀତିକୁ ବିରୋଧ କରି ସଂଘ ପକ୍ଷରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଧାରଣାରେ ବସିଛନ୍ତି। ସେମାନେ ଦାବି ପୂରଣ ନ ହେବା ଯାଏ ଧାରଣାରେ ବସିବେ ବୋଲି ସଂଘ ସଭାପତି ରଞ୍ଜିତ ନାୟକ କହିଛନ୍ତି।



ଧାରଣାରେ ବସିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

### ବେଲାମଗୁଡ଼ାରେ ପୁଷ୍ଟି ମହୋତ୍ସବ

ଚନ୍ଦ୍ରପୁର,୧୩।୧୨(ଡି.ଏନ୍.ଏ.)– ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତର ବେଲାମଗୁଡ଼ାଠାରେ ଓଡ଼ିଶା ଜୀବିକା ମିଶନ(ଓଏଲ୍‌ଏମ୍)ପକ୍ଷରୁ ଓଡ଼ିଶା ପୁଷ୍ଟି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପୁଷ୍ଟିକର ଖାଦ୍ୟର ଏକ ଷ୍ଟଲ୍ ଖୋଲାଯାଇ ପ୍ରଦର୍ଶିତ କରାଯାଇଥିଲା। ଗର୍ଭବତୀ, ପ୍ରସୂତି, କିଶୋରୀ, କିଶୋର ଓ ଶିଶୁମାନେ ଯେପରି ଅପପୁଷ୍ଟିର ଶିକାର ନ ହେବେ ସେ ନେଇ ସଚେତନ କରାଯାଇଥିଲା। ବେଲାମଗୁଡ଼ା ଗ୍ରାମର କାଳିଜାଇ ଆଞ୍ଚଳିକ ମଞ୍ଚର ସଭାପତି ଗୀତା ବିଭାର, ସମ୍ପାଦିକା ଲକ୍ଷ୍ମୀ ଶବର ପ୍ରମୁଖ ଏକତ୍ରିତ ହୋଇ ପୁଷ୍ଟି କାର୍ଯ୍ୟକ୍ରମରେ ଝୋଟି, ଚିତା ଆଙ୍କିବା ସହ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଓଏଲ୍‌ଏମ୍‌ର ବିଏଲ୍‌ଆର୍‌ପି




ଶୁକ୍ରୁ ଦାସ ପରିଚାଳନା କରିଥିଲେ। ଏଥିରେ ଓଏଲ୍‌ଏମ୍‌ର ଏମ୍‌ବିକେ, ସିଆର୍‌ପି, ଅଙ୍ଗନୱାଡ଼ି କର୍ମୀ ଆହ୍ଲାଦିନୀ ମାଣ୍ଡାଙ୍ଗିଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

### ଏସ୍‌ପି ଅଫିସ ଘେରିଲା କଂଗ୍ରେସ



କୋରାପୁଟ,୧୩।୧୨(ସ୍ୱ.ପ୍ର.)

ମମିତା ମେହେର ହତ୍ୟା ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ମିଶ୍ରଙ୍କୁ ଅଭିଯୁକ୍ତ ଦର୍ଶାଇବା ସହ ଗିରଫ ଦାବି କରିଛି କଂଗ୍ରେସ। ଏ ନେଇ ସୋମବାର କୋରାପୁଟ ଜିଲା ଯୁବ କଂଗ୍ରେସ ପକ୍ଷରୁ ସ୍ଥାନୀୟ ଏସ୍‌ପି କାର୍ଯ୍ୟାଳୟ ଘେରାଉ କରାଯିବା ସହ ଟାଉନ ଥାନାରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ଯୁବ କଂଗ୍ରେସର ସମ୍ପାଦକ ରମେଶ ଖରାଙ୍କ ନେତୃତ୍ୱରେ ଯୁବ ନେତା ଜଗବନ୍ଧୁ ବାଘ, ଘାସି କନ୍ଦପାନ, ଡମ୍ବରୁ ବେନ୍ୟା, ସମରା ମୁଦୁଲି, ହରି ଗୌଡ଼, ଭୁବନ ଗୌଡ଼, ହରି ମହାନନ୍ଦିଆ, ପଦଲାମ ଖରା ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ।

### ପିଡିଙ୍କ ବଣ୍ଡା ଘାଟି ଗସ୍ତ

ଖଇରପୁଟ,୧୩।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା ଖାଇରପୁଟ ବ୍ଲକ ବଣ୍ଡା ଘାଟିକୁ ସୋମବାର ପିଡି ବାଳମୁକୁନ୍ଦ ଭୂୟାଁ ଗସ୍ତ କରିଥିଲେ। ମୁଦୁଲିପଡାରେ ସେ ପହଞ୍ଚିବା ପରେ ତାଙ୍କୁ ବଣ୍ଡା ମହିଳା ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ପାଛୋଟି ନେଇଥିଲେ। ଏହି ଅବସରରେ ପିଡି ଏମଏନଆରଇଜିଏସରେ ଲୋକେ ଯେପରି ଅଧିକ କାମ ପାଇବେ ସେନେଇ ଗୁରୁତ୍ୱାରୋପ କରିଥିଲେ। ପଦେଇଗୁଡା,ଦନ୍ତିପଡା ଓ ବଡପଡାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ପିଡି ତଦାରଖ କରିଥିଲେ। ଓପିଲିପି ଦ୍ୱାରା ଆୟୋଜିତ ସୋଲାର ଲାଇଟ୍ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇ ବଣ୍ଡା ମହିଳାଙ୍କୁ ମାନ ସେ ଲାଇଟ୍ ବଣ୍ଟନ କରି ଏହାକୁ ବ୍ୟବହାର ଲାଗି ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପିଡିଙ୍କ ସହ ବିଡିଓ ହୃଦାରଞ୍ଜନ ସାହୁ,ଓପିଲିପିର ପ୍ରୋଜେକ୍ଟ ମ୍ୟାନେଜର ସନ୍ତୋଷ ରାଉତ ,ସଦାନନ୍ଦ ପ୍ରଧାନ, ପ୍ରସନ୍ନ ପ୍ରଧାନ ,କନିଷ୍ଠ ଯନ୍ତ୍ରୀ ଅନିଲ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରି ମାମଲାର ପର୍ଦ୍ଦାଫାଶ ୨ ନାବାଳକଙ୍କ ସହ ଅନ୍ୟ ଜଣେ ଧରାପଡ଼ିଲେ

ଜୟପୁର,୧୩।୧୨ (ନି.ପ୍ର.)

ଜୟପୁର ଟାଉନଥାନା ପୋଲିସ ଏକ ଚୋରି ମାମଲାର ପର୍ଦ୍ଦାଫାଶ କରିଛି । ୨ ନାବାଳକଙ୍କୁ କାବୁକରି ଜୁଭେଲାଇନ ଜଷ୍ଟିସ ବୋର୍ଡ ନିକଟରେ ହାଜର କରିଛି। ଅନ୍ୟ ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଜୟପୁର ମେଡିକାଲ ଷ୍ଟୋରରୁ ଶଟର ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି ପୋଲିସ ଏଥିରେ ସମ୍ପୃକ୍ତ ଜଣେ ନାବାଳକଙ୍କ ସହ ଅନ୍ୟ ଜଣଙ୍କୁ ଧରିଥିଲା। ଗିରଫ ଅଭିଯୁକ୍ତ ଜଣକ ହେଲେ ପାରାବେଡ଼ା ଅରବିନ୍ଦନଗରର ଲକ୍ଷ୍ମଣ ଖୋସ୍ଲା (୧୯)। ସେହିପରି ପାରାବେଡ଼ା ଶ୍ରୀରାମନଗରର କୈଳାସ ଚନ୍ଦ୍ର ପଟ୍ଟନାୟକଙ୍କ ଘର ସମ୍ମୁଖରୁ ବାଇକ ଗତ ୨।୧୨।୨୧ରେ ଚୋରିହୋଇଥିଲା। ଏନେଇ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁକରି ଚୋରି ବାଇକକୁ ପାରାବେଡ଼ାରୁ ଜବତକରି ଏଥିରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ଧରି ଜୁଭେଲାଇନ୍ସ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରିଥିଲା ବୋଲି ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି।

# ଫ୍ଲୋରାଲ୍ ଆଉଟ୍ ଫିଟ୍

**ଯେକୌଣସି ସିଜନ୍‌ରେ ବି ଫ୍ଲୋରାଲ୍ ଆଉଟ୍‌ଫିଟ୍ ଏଭରଗ୍ରୀନ ଲୁକ୍ ଦେଇଥାଏ। ପ୍ରତିଟି ଇଭେଣ୍ଟରେ ଏହାକୁ କ୍ୟାରି କରିବା ସହଜ । ଏଥିପାଇଁ ତ ଫ୍ଲୋରାଲ୍ ଆଉଟ୍‌ଫିଟ୍‌ର ଚାହିଦା ଏବେ ବଢ଼ିବାରେ ଲାଗିଛି...**



➔ବଜାରରେ ଏବେ ଫ୍ଲୋରାଲ ବ୍ଲାଉଜ୍‌ର ଚାହିଦା ଅଧିକ। ଏହାକୁ ଆପଣ ଯେକୌଣସି ସିମ୍ପଲ ଶାଢ଼ି କିମ୍ବା ପ୍ଲେନ ଶାଢ଼ିରେ ପିନ୍ଧିପାରିବେ। ଫ୍ଲୋରାଲର ସିଲ୍କ ଶାଢ଼ିକୁ ପାର୍ଟି ଫଙ୍କ୍‌ଶନରେ ବି ପିନ୍ଧିପାରିବେ।

➔ସିଲ୍କର ଫ୍ଲୋରାଲ ଟପ୍ ସାଙ୍ଗରେ ଆପଣ ସ୍କର୍ଟ କିମ୍ବା ଫ୍ଲାଟର୍ ପ୍ୟାଣ୍ଟ ପିନ୍ଧିପାରିବେ। କଟନ୍ କିମ୍ବା ଲାଇଲନ୍ ଫ୍ଲୋରାଲ୍ ଟପ୍‌ରେ ଜିନ୍ସ, ଡେନିମ୍ ପ୍ୟାଣ୍ଟ ପିନ୍ଧନ୍ତୁ। ଏହା ଆପଣଙ୍କୁ କ୍ଲାସି ଲୁକ୍ ଦେବା ସହ ଅଫିସକୁ ମଧ୍ୟ କ୍ୟାରି କରିପାରିବେ।

➔ସିଫନ୍‌ର ବ୍ଲାଉଜ ଓ ଟପ୍ ପିନ୍ଧିବାକୁ ଭଲଲାଗେ। ତେବେ ଫ୍ଲୋରାଲ ଟପ୍ ସହ ଆପଣ ଜିନ୍ସ ମଧ୍ୟ ପିନ୍ଧିପାରିବେ। ନାଇଟ୍ ଆଉଟ୍ ପାର୍ଟି କିମ୍ବା ଡେଟ୍‌ରେ ଯାଉଥିଲେ ଏହି ଟପ୍ ଆପଣଙ୍କୁ ଗରଜିୟସ ଲୁକ୍ ଦେବ।

➔ଏଥିନିକ୍ ଲୁକ୍ ପାଇବା ପାଇଁ ଆପଣ ଫ୍ଲୋରାଲ୍ କୁର୍ତ୍ତି ଓ ଅନାରକଲି ସୁଟ୍ ପିନ୍ଧିପାରିବେ। ବଜାରରେ ଫ୍ଲୋରାଲ ଲେହେଙ୍ଗା ଏବଂ ଡିଜାଇନ ଫ୍ଲୋରାଲ ସ୍କର୍ଟକୁ ଆପଣ ମ୍ୟାଚିଂ କରି ପିନ୍ଧିପାରିବେ। ଫ୍ଲୋରାଲ କ୍ରପ୍ ଟପରେ ଆପଣ ମ୍ୟାଚ କରି ପିନ୍ଧିପାରିବେ। ବିବାହ କିମ୍ବା ମେହେନ୍ଦି ଆଦି ବିଭିନ୍ନ ଉତ୍ସବ ସମୟରେ ଏହା ଟ୍ରାଡିଶନାଲ ଲୁକ୍ ଦେବ।



➔ଶୀତଦିନରେ ଛୁଟି କଟେଇବାକୁ ଯାଉଥିଲେ ବ୍ଲୁ ଫ୍ଲୋରାଲ ଟପ୍ କିମ୍ବା ଗାଉନ୍ ପିନ୍ଧିପାରିବେ। ଫ୍ଲୋରାଲ ଟପ୍ ସହ ଆପଣ ହ୍ୱାଇଟ୍ ଡେନିମ୍ ସର୍ଟସ କିମ୍ବା ଜିନ୍ସ ପିନ୍ଧନ୍ତୁ ଭଲ ଲାଗିବ।

➔ଫ୍ଲୋରାଲ୍‌ର ବ୍ଲେଜର ମଧ୍ୟ ନିଜ ଆଉଟଫିଟ୍‌ରେ ସାମିଲ କରିପାରିବେ। ଏହା ଆପଣଙ୍କୁ ଷ୍ଟାଇଲିସ ଲୁକ ଦେବ। ବ୍ଲେଜର ସହ ଯେକୌଣସି ଟ୍ୟାଙ୍କ ଟପ୍, ଜିନ୍ସ, ଲେଦରର ଟ୍ରାଉଜର ଟିମଅପ୍ କରିପାରିବେ। ବ୍ଲାକ ଜୋତା କିମ୍ବା ହିଲ୍‌ସ ପିନ୍ଧିଲେ ଷ୍ଟାଇଲିସ୍ ଦେଖାଯିବେ।



# ପିକ୍‌ନିକ୍ ଟାଇମ୍

କରୋନା ଭୟ ଏଯାଏ ମନରୁ ଲିଭିନି। ହେଲେ କିଛି ମାତ୍ରାରେ ସ୍ୱାଭାବିକ ହେଉଛି ଜୀବନ। ସେଥିପାଇଁ ଅଧିକ ଲୋକଙ୍କ ସହିତ ନ ହେଲେ ବି ପରିବାର ସହ ପିକନିକ୍ ଯିବାକୁ ପସନ୍ଦ କରୁଛନ୍ତି ଅନେକ। ଏହାପରେ ବି ପିକନିକ୍ ଯିବା ପାଇଁ ହେଲେ ସତର୍କତା ପଦକ୍ଷେପ ସ୍ୱରୂପ ବିଭିନ୍ନ ଦିଗରୁ ଘରୁ ପ୍ରସ୍ତୁତ ହୋଇ ଯିବାକୁ ହେଉଛି। ଆଉ ସବୁକୁ ଦୃଷ୍ଟିରେ ରଖି ଗୃହିଣୀମାନେ ହିଁ ଠିକ୍ ସମୟରେ ସବୁ ପ୍ରସ୍ତୁତି କରି ବୁଦ୍ଧିମତ୍ତାର ପରିଚୟ ଦେଉଛନ୍ତି।

**ଫ୍ୟାମିଲି ପିକ୍‌ନିକ୍। ମାନେ ଖୁସି, ମଜା, ମସ୍ତି। ଧରାବନ୍ଧା ନିୟମରୁ ବାହାରି ଭିନ୍ନ ଏକ ପରିବେଶରେ କିଛି ମୁହୂର୍ତ୍ତ। ଯାହା ସମସ୍ତଙ୍କ ପାଇଁ ଏକ ସୁନ୍ଦର ଅବସର। ହେଲେ ପିକ୍‌ନିକ୍‌ର ପ୍ରକୃତ ମଜା ନେବା ପାଇଁ ଯିବା ପୂର୍ବରୁ ଠିକ୍ ଭାବରେ ପ୍ରସ୍ତୁତି କରିବା ଦରକାର...**

### ଘରୁ ଖାଦ୍ୟ

ପିକନିକ୍‌ରେ ଯିବା ଆଉ ବାହାରେ ଖାଇବାର ମଜା ନିଶ୍ଚିତଭାବେ ନିଆରା। ବୁଲିବା ସାଙ୍ଗକୁ ଭଲ ଖାଇବା ହିଁ ପିକନିକ୍‌ର ମୁଖ୍ୟ ଆକର୍ଷଣ। ହେଲେ ବର୍ତ୍ତମାନ ସମୟରେ ବି ସବୁ ପ୍ରକାରର ଖାଦ୍ୟ ବାହାରେ ଖାଇବା ପାଇଁ ସଙ୍କୋଚ ଲାଗୁଛି। ତେଣୁ ପିକନିକ୍‌ରେ ଯିବାପୂର୍ବରୁ ସମସ୍ତଙ୍କ ପାଇଁ ଘର ତିଆରି ଖାଦ୍ୟ ସାଙ୍ଗରେ ନେଇଗଲେ ଚିନ୍ତା ଯିବ। ଏଥିପାଇଁ ଗୃହିଣୀମାନଙ୍କୁ ପୂର୍ବରୁ ପ୍ରସ୍ତୁତ ହେବାକୁ ପଡ଼ିବ। କିଛି ଖାଦ୍ୟ ପୂର୍ବ ଦିନରୁ ପ୍ରସ୍ତୁତ କରିହେବ ତ ଆଉ କିଛି ଖାଦ୍ୟ ସେହି ଦିନ କରି ସାଙ୍ଗରେ ନେବାକୁ ପସନ୍ଦ କରୁଛନ୍ତି।

### ଶୀତ ପାଇଁ

ପିକନିକ୍‌ରେ କେଉଁଠିକୁ ଯିବାକୁ ହେବ ସେଠାରେ ପିଲାମାନେ କିଭଳି ପୋଷାକ ପିନ୍ଧିବେ ଏଥିପ୍ରତି ମଧ୍ୟ ମହିଳାଙ୍କୁ ପ୍ରସ୍ତୁତ ହୋଇ ଯିବାକୁ ହୁଏ। ଯଦି ସମୁଦ୍ରକୂଳ କିମ୍ବା ଝରଣା ପାଖକୁ ଯିବେ ତା'ହେଲେ ହୁଏତ ପିଲାଙ୍କ ପୋଷାକ ଓଦା ହେବାର ସମ୍ଭାବନା ଥିବ। ତେଣୁ ପିଲାଙ୍କ ପାଇଁ ସାଙ୍ଗରେ ଅଧିକ ହଳେ ଲେଖାଏଁ ପୋଷାକ ନେବା ଫଳରେ ପିକନିକ୍‌ର ମଜା ଆରାମଦାୟକ ହୋଇପାରିବ। ତା' ଛଡା ସମସ୍ତଙ୍କ ପାଇଁ ଶୀତ ପୋଷାକ ମଧ୍ୟ ସାଙ୍ଗରେ ନେବାକୁ ଭୁଲନ୍ତୁ ନାହିଁ।

### ପିଲାଙ୍କ ଖୁସି

ଫ୍ୟାମିଲି ପିକନିକ୍‌ରେ ସବୁବେଳେ ପିଲାମାନଙ୍କ ଖୁସିକୁ ହିଁ ବେଶି ଗୁରୁତ୍ୱ ଦିଆଯାଏ। ତେଣୁ କେଉଁ ସ୍ଥାନକୁ ବୁଲିବାକୁ ଗଲେ ସେମାନେ ମଜା ନେଇପାରିବେ ସେଥିପ୍ରତି ପ୍ରଥମେ ଦୃଷ୍ଟି ଦେବା ଆବଶ୍ୟକ।





## କ'ଣ କହନ୍ତି ଏମାନେ...

### ପାଖ ଜାଗା ବୁଲିବାକୁ ଯାଉଛୁ



କରୋନା ପାଇଁ ଆମେ ଗତବର୍ଷ କୌଣସି ଗ୍ରୁପରେ ପିକନିକ୍ ଯାଇ ନ ଥିଲୁ। ଏମିତିରେ ପିଲାମାନେ ଏବେ ବି ସାଙ୍ଗମାନଙ୍କ ସହ ବାହାରକୁ ଯାଇ ପାରୁ ନାହାନ୍ତି। ତେଣୁ ସମସ୍ତଙ୍କ ସହିତ ଆମେ ପ୍ରଥମେ ପାଖରେ ଥିବା ଏକ ଚିଡିଆଖାନା ବୁଲିବାକୁ ଯାଇଥିଲୁ। ପାଖ ଜାଗା ବୁଲିବାକୁ ଯାଉଥିବାରୁ ଘରେ ଖାଇ ବାହାରୁଛୁ। ଆଉ ବାହାରେ କେବଳ ବିସ୍କୁଟ, ମିକ୍ସର, ଫଳ ଆଉ ଘର ତିଆରି ମିଠା, ନିମିକି ଆଦି ଖାଇବା ପାଇଁ ଗାଡିରେ ନେଇ ଯାଉଛୁ।

*–ଗୀତାଞ୍ଜଳି ଦାସ*

*ରାହୁଲ ଟାୱାର, ଶାମ୍ଭାଶିବାପେଟ, ଗୁଣ୍ଟୁର, ଆନ୍ଧ୍ରପ୍ରଦେଶ*

### ରାତିରୁ ଉଠି ରୋଷେଇ କରିଥିଲି



ଆମେ ସମସ୍ତେ ଏବେ କିଛି ଦିନ ତଳେ କେନ୍ଦୁଝର ପିକନିକ୍ ଯାଇ ଫେରିଛୁ। ସମସ୍ତେ ସକାଳ ୬ଟାରେ ବାହାରିଲୁ, ହେଲେ ମୁଁ ରାତି ୪ଟାରୁ ଉଠି ସମସ୍ତଙ୍କ ପାଇଁ ସକାଳ ଓ ଖରାବେଳ ପାଇଁ ଖାଇବା ତିଆରି କରି ନେଇଥିଲି। ତା'ଛଡା ବାହାରେ ବୁଲିବାବେଳେ ଆମେ ବାଦାମ, କେକ୍ ଆଉ ଚିପ୍ସ କିଣି ଖାଇଥିଲୁ। ପିଲାଙ୍କ ଖୁସି ପାଇଁ ତ ମତେ କଷ୍ଟ କରିବାକୁ ପଡ଼ିବ।

*–ଅନସୂୟା ମହାନ୍ତି, ଶଶିକାଦେଇପୁର, କରଞ୍ଜମାଳ, ଭଦ୍ରକ*

### ସମସ୍ତଙ୍କ ଖୁସି ପାଇଁ...



ପିକନିକ୍‌ରେ ବାହାରିଲେ ମତେ ବହୁତ କାମ କରିବାକୁ ପଡେ। ପିଲାମାନଙ୍କ ପାଇଁ ଅଧିକ ଡ୍ରେସ, ଶୀତବସ୍ତ୍ର ଆଉ ସେମାନଙ୍କ ଖାଇବା ବ୍ୟବସ୍ଥା ବି ମତେ କରିବାକୁ ହୁଏ। ତା' ଛଡା କିଏ କେଉଁ ସମୟରେ ଖାଇବେ ସେଥିପାଇଁ ବାହାରେ ମତେ ହିଁ ବ୍ୟବସ୍ଥା କରିବାକୁ ହୁଏ। ପିକନିକ୍ ପାଇଁ ମତେ ଅଧିକ କାମ କରିବାକୁ ପଡେ, ସତ କିନ୍ତୁ ସମସ୍ତଙ୍କ ଖୁସି ପାଇଁ ମୁଁ ସେମାନଙ୍କ ସାଙ୍ଗରେ ଯାଇଥାଏ। *–ସବିତା ପାଣିଗ୍ରାହୀ, ବିକାଶନଗର, କୋତ୍ରା ରୋଡ, ଛତିଶଗଡ଼*

### ବୁଲି ଆସିଲେ ଫ୍ରେଶ୍ ଲାଗେ



ସବୁବେଳେ ଅଫିସ୍ ଆଉ ଘରକାମ କରି କରି ମତେ କେମିତି ଗୋଟେ ଅଣନିଶ୍ୱାସୀ ଲାଗିଲେ ମୁଁ ଟିକେ କୁଆଡେ ବାହାରକୁ ଯାଇ ବୁଲି ଆସେ ଆଉ ଫ୍ରେଶ୍ ହୋଇଥାଏ। ଆଉ ବର୍ଷକୁ ଥରେ ପିକନିକ୍‌ରେ ଆମେ ସମସ୍ତେ ବାହାରକୁ ବୁଲିବାକୁ ଯାଉ। ଏଥର ଆମେ ସମସ୍ତେ ମିଶି ଚିଲିକା ଆଉ ପୁରୀ ବୁଲିବାକୁ ଯିବୁ। ସେଥିପାଇଁ ମୁଁ ଛୁଟି ନେବା ସହିତ ସବୁ ପ୍ରସ୍ତୁତି କରି ସାରିଛି।

*–ସୁଜାତା ଦାଶ, ନୀଳାଦ୍ରି ବିହାର, ଭୁବନେଶ୍ୱର*

# ପତ୍ରକୁ ସୁନ୍ଦରତା

ସୌନ୍ଦର୍ଯ୍ୟ

**ବିଭିନ୍ନ ପ୍ରକାର ପତ୍ରକୁ ବ୍ୟବହାର କରି ପ୍ରାକୃତିକ ଉପାୟରେ ସୌନ୍ଦର୍ଯ୍ୟ ବୃଦ୍ଧି କରିହେବ। ବିଭିନ୍ନ ପ୍ରକାରର ପତ୍ରକୁ କିଭଳି ବ୍ୟବହାର କରିବେ ଜାଣି ରଖନ୍ତୁ...**





➤କଦଳୀ ପତ୍ରକୁ ବାଟି ସେହି ପେଷ୍ଟକୁ ମୁହଁରେ ଲଗାଇଲେ ବ୍ରଣ ସମସ୍ୟା ଦୂର ହୋଇଥାଏ। ଶୀତ ଦିନେ ରୂପି ସମସ୍ୟା ଦୂର କରିବା ପାଇଁ ମଧ୍ୟ କଦଳୀ ପତ୍ରକୁ ବାଟି କେଶ ମୂଳରେ ଲଗାନ୍ତୁ। କଦଳୀ ପତ୍ରର ପେଷ୍ଟକୁ ଅଧଘଣ୍ଟା ପର୍ଯ୍ୟନ୍ତ କେଶ ମୂଳରେ ଲଗାଇ ଧୋଇ ଦିଅନ୍ତୁ। ସପ୍ତାହକୁ ଥରେ ଲେଖାଏଁ ଏପରି କଲେ ରୂପି ସମସ୍ୟା ରହିବ ନାହିଁ।

➤ପାନ ପତ୍ରକୁ ସିଝାଇ ସେହି ପାଣିରେ ହଳଦୀ ମିଶାଇ ମୁହଁରେ ଲଗାଇଲେ ବ୍ରଣ ସମସ୍ୟା ଦୂର ହେବା ସହିତ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ।

➤ପାନପତ୍ରକୁ ବାଟି ନଡିଆ ତେଲରେ ମିଶାଇ କେଶ ମୂଳରେ ଲଗାଇ ଘଣ୍ଟାଏ ପର୍ଯ୍ୟନ୍ତ ଛାଡି ଦିଅନ୍ତୁ। ଏହାପରେ ଧୋଇ ଦିଅନ୍ତୁ। ଏପରି କଲେ କେଶ ଝଡ଼ିବା କମିଯିବ।

➤ତୁଳସୀ ପତ୍ରକୁ ସିଝାଇ ସେହି ପାଣିକୁ ବରଫ ଖଣ୍ଡରେ ପରିଣତ କରି ଦିଅନ୍ତୁ। ଏହାକୁ ପତଳା କପଡାରେ ମୁହଁରେ ଘଷିଲେ ମୁହଁରୁ ସମସ୍ତ ବ୍ରଣ ଓ ଦାଗ ଦୂର ହେବା ସହିତ ଉଜ୍ଜ୍ୱଳତା ବଢ଼ିବ। ତୁଳସୀ ପତ୍ରକୁ ବାଟି ପାଣିରେ ମିଶାଇ ସେଥିରେ ମୁହଁ ଧୋଇଲେ ତାହା ଫେଶ୍ ୱାଶ୍ ଭଳି କାମ ଦେଇଥାଏ।

➤ଭୃସଙ୍ଗ ପତ୍ରକୁ ବାଟି ସେହି ପେଷ୍ଟକୁ ମୁହଁରେ ଲଗାଇଲେ ବ୍ରଣ ସମସ୍ୟା ଦୂର ହେବା ସହିତ ତ୍ୱଚାର ସୁନ୍ଦରତା ବଢ଼ିଥାଏ।

➤ମେଥିପତ୍ରକୁ ବାଟି ମୁହଁରେ ଅଧଘଣ୍ଟା ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ଶୁଖିଗଲା ପରେ ମୁହଁକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏପରି କଲେ ତ୍ୱଚାରେ ବ୍ରଣ ଓ ଦାଗ ଦୂର ହେବା ସହିତ ତ୍ୱଚାର ଚମକ ବୃଦ୍ଧି ପାଇବ।

## ଖାଦ୍ୟରୁଚି: ପାଳଙ୍ଗ ତଡ଼କା



**ରୋଷେଇ ସାମଗ୍ରୀ:**–ପାଳଙ୍ଗ ଶାଗ– ୧ବିଡା, ବିରି ଡାଲି– ୧୦୦ଗ୍ରାମ୍, ଆଳୁ– ୨ଟି, ରସୁଣ– ୪କୋଲା, ଶୁଖିଲା ଲଙ୍କା– ୪ଟି, ଚାଟ୍ ମସଲା– ୧ଚାମଚ, ତେଲ– ୨ଚାମଚ, ଲୁଣ ଓ ହଳଦୀ ସ୍ୱାଦ ଅନୁସାରେ।

**ପ୍ରଣାଳୀ:**–ପ୍ରଥମେ ବିରି ଡାଲିକୁ ଭାଜି ପାଣି, ଲୁଣ, ହଳଦୀ ଦେଇ ପ୍ରେସରରେ ସିଝାନ୍ତୁ। ପାଳଙ୍ଗ ଶାଗକୁ ଧୋଇକରି ଏକ ପାତ୍ରରେ ରଖନ୍ତୁ। ଏହାକୁ ଚୂନ୍‌ଚୂନ୍ କରି କାଟି ଦିଅନ୍ତୁ। ଆଳୁରୁ ଚୋପା ଛଡ଼ାଇ ଛୋଟ ଛୋଟ କରି କାଟି ଦିଅନ୍ତୁ। ରସୁଣ ଓ ଲଙ୍କା ଭଲଭାବରେ ବାଟି ମସଲା ପ୍ରସ୍ତୁତ କରନ୍ତୁ। କଡେଇରେ ଦୁଇ ଚାମଚ ତେଲ ଗରମ କରନ୍ତୁ। ସେଥିରେ ବଟା ମସଲା ପକାଇ ଲୁଣ ଓ ହଳଦୀ ପକାଇ ମିଶାନ୍ତୁ। ଏହାପରେ ସେଥିରେ ଆଳୁ ପକାଇ ଭାଜନ୍ତୁ। ଆଳୁ ଅଧା ସିଝିଗଲେ ସେଥିରେ ପୂର୍ବରୁ ସିଝେଇଥିବା ଡାଲି ଓ କଟା ହୋଇଥିବା ଶାଗ ପକେଇ ଫୁଟେଇ ଦେବେ। ସିଝିଗଲା ପରେ ସେଥିରେ କିଛି ଚାଟ୍ ମସଲା ପକାଇ ଫୁଟିବାକୁ ଛାଡିଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ପାଳଙ୍ଗ ତଡକା। ଅନ୍ୟ ଡାଲିରେ ମଧ୍ୟ ଏହି ତରକାରୀ କରିପାରିବେ।

# ସହଜରେ ଛଡ଼ାନ୍ତୁ ଟାଟୁ ଦାଗ

**ଟେମ୍ପରାରୀ ଟାଟୁ ସାଧାରଣତଃ କିଛି ଦିନ ପରେ ଆପେ ଆପେ ଛାଡ଼ି ଯାଇଥାଏ। କିନ୍ତୁ ଏହାକୁ ଅତିଶୀଘ୍ର ଛଡ଼ାଇବା ପାଇ ଚାହୁଁଥିଲେ ଜାଣି ରଖନ୍ତୁ କିଛି ଘରୋଇ ଉପାୟ...**



➔ ବଡି ସ୍କ୍ରବ ମାଧ୍ୟମରେ ଟେମ୍ପରାରୀ ଟାଟୁକୁ ସହଜରେ ଛଡାଇ ହେବ। ତେଣୁ ଅଧାକପ୍ କଫିରେ ଅଧାକପ୍ ନଡିଆ କିମ୍ବା ଜଡାତେଲ ମିଶାଇ ସ୍କ୍ରବ କରନ୍ତୁ। ମାର୍କେଟରେ ମିଳୁଥିବା ବଡିସ୍କ୍ରବ ମଧ୍ୟ ବ୍ୟବହାର କରିପାରିବେ। ତେବେ ସପ୍ତାହକୁ ଥରେ ବଡ଼ି ସ୍କ୍ରବ କରନ୍ତୁ।

➔ ମାଉଥୱାଶ୍‌କୁ ନେଇ ଟାଟୁ ଦାଗ ଉପରେ ଲଗାନ୍ତୁ। କିଛି ସମୟ ଘଷିବା ପରେ ଧୀରେ ଧୀରେ ଟାଟୁ ଛାଡ଼ି ଆସିଲେ ପାଣିରେ ଧୋଇ ଦିଅନ୍ତୁ।

➔ ଟାଟୁ ଦାଗ ଶୀଘ୍ର ଛଡ଼ାଇବା ପାଇଁ କୋଲ୍ଡ କ୍ରିମ୍ ଲଗାନ୍ତୁ। କ୍ରିମ୍ ଲଗାଇବାର ୧୦ ମିନିଟ୍ ପରେ କପଡ଼ାରେ ପୋଛି ଉଷୁମ ପାଣିରେ ଧୋଇ ଦିଅନ୍ତୁ।

➔ ନେଲପଲିସ୍ ରିମୁଭରକୁ ତୁଳାରେ ବୁଡାଇ ଟାଟୁ ଦାଗରେ ଲଗାଇଲେ ଅନେକାଂଶରେ ଟାଟୁର ଦାଗ ଛାଡି ଯାଇଥାଏ। କିନ୍ତୁ ସେନସିଟିଭ୍ ତ୍ୱଚା ହୋଇଥିଲେ ରିମୁଭର ଲଗାଇବା ଉଚିତ୍ ନୁହେଁ।

➔ ଟାଟୁ ଛଡାଇବାକୁ ଚାହୁଁଥିଲେ ସେହି ସ୍ଥାନରେ ବେବି ଅଏଲ ଲଗାଇ କିଛି ସମୟ ଛାଡିଦିଅନ୍ତୁ। ଏହାପରେ ହାତରେ ଧୀରେ ଧୀରେ ଘଷି ମାଲିସ୍ କରନ୍ତୁ। ଟାଟୁ ଦାଗ ଛାଡ଼ିବା ସହଜ ହେବ।

➔ ଘରୋଇ ଉପାୟରେ ଟାଟୁ ଛଡାଇବା ପାଇଁ ଅଧିକ ସମୟ ଲାଗିଥାଏ। ତେଣୁ ଶୀଘ୍ର ଟାଟୁ ଛଡାଇବା ପାଇଁ ଚାହୁଁଥିଲେ ଟାଟୁ ରିମୁଭାଲ ୱାଇପ୍‌ସର ସାହାଯ୍ୟ ନେଇପାରିବେ।



# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ମଙ୍ଗଳବାର, ଡିସେମ୍ବର ୧୪/୨୦୨୧ Rayagada, Tuesday, December 14/ 2021






ଇଣ୍ଡିଆନ ସୁପରଲିଗ୍‌ରେ ସୋମବାର ହାଇଦ୍ରାବାଦ୍ ଏଫ୍‌ସି-ନର୍ଥଇଷ୍ଟ ୟୁନାଇଟେଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। ଗୋଲ ଦେବାପରେ ଖୁସି ମନାଉଛନ୍ତି ହାଇଦ୍ରାବାଦ ଦଳର ଚିଙ୍ଗଲେନସାନା ସିଂ।

# ୱାର୍ନରର ପ୍ଲେୟର ଅଫ୍ ଦି ମନ୍ଥ

**ଦୁବାଇ, ୧୩।୧୨ (ପି.ଟି.)**

ଅଷ୍ଟ୍ରେଲିଆର ବିସ୍ଫୋରକ ଓପନର ଡେଭିଡ୍ ୱାର୍ନର ଏବଂ ୱେଷ୍ଟଇଣ୍ଡିଜ ଅଲ୍‌ରାଉଣ୍ଡର ହେଲି ମାଥ୍ୟୁସ ଯଥାକ୍ରମେ ନଭେମ୍ବର ମାସ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ପୁରୁଷ ଓ ମହିଳା ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ଅଷ୍ଟ୍ରେଲିଆ ପ୍ରଥମ ଥର ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଜିତିବା ପଛରେ ୱାର୍ନରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ପୁରୁଷ ପୁରସ୍କାର ଦୌଡ଼ରେ ରହିଥିବା ପାକିସ୍ତାନ ଓପନର ଆବିଦ୍ ଅଲି ଓ ନ୍ୟୁଜିଲାଣ୍ଡ ସିମ୍ ବୋଲର ଟିମ୍ ସୌଦିଙ୍କୁ ପଛରେ ପକାଇ ଦେଇଥିଲେ। ଅନ୍ୟପକ୍ଷରେ ମହିଳା ବିଭାଗ ଅନ୍ତର୍ଜାତୀୟ ଦିନିକିଆରେ ମାଥ୍ୟୁସ୍‌ଙ୍କର ଅଲରାଉଣ୍ଡ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ସେ ମହିଳା ପୁରସ୍କାର ଦୌଡ଼ରେ ପାକିସ୍ତାନର ବାମହାତୀ ସ୍ପିନର ଆନାମ ଅମିନ୍ ଓ ବାଂଲାଦେଶର ନାହିଦା ଅକତରଙ୍କୁ ପଛରେ ପକାଇ ଦେଇଥିଲେ। ନିକଟରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ୱାର୍ନର ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଏଥିପାଇଁ ତାଙ୍କ ନାମ ପ୍ରଥମ ଥର ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ପାଇଁ ସୁପାରିସ ହୋଇଥିଲା। ଟି୨୦ ବିଶ୍ୱକପ୍ ଫାଇନାଲରେ ସେ ନ୍ୟୁଜିଲାଣ୍ଡ ବିପକ୍ଷରେ ୫୩ ଏବଂ ପାକିସ୍ତାନ ବିପକ୍ଷ ସେମିଫାଇନାଲରେ ୪୯ ରନ ସ୍କୋର କରିଥିଲେ। ଏହା ପୂର୍ବରୁ ସେ ୱେଷ୍ଟଇଣ୍ଡିଜ ବିପକ୍ଷ ସୁପର-୧୨ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚରେ ସେ ୫୬ ବଲ୍‌ରେ ୮୯ରନ ସଂଗ୍ରହ କରି ଅପରାଜିତ ରହିଥିଲେ। ଏହି ସମୟ ମଧ୍ୟରେ ସେ ଖେଳିଥିବା ୪ଟି ଅନ୍ତର୍ଜାତୀୟ ଦିନିକିଆରେ ମୋଟ ୨୦୯ରନ ସଂଗ୍ରହ କରିଥିଲେ। ତାଙ୍କର ଆଭରେଜ ୬୯.୬୬ ରହିଥିବା ବେଳେ ଷ୍ଟ୍ରାଇକ୍‌ରେଟ୍ ୧୫୧.୪୪ ରହିଥିଲା। ୱାର୍ନରଙ୍କ ଷ୍ଟ୍ରୋକ୍ ପ୍ଲେ ମଧ୍ୟ ଆକର୍ଷଣୀୟ ରହିଥିଲା ବୋଲି ପୁରସ୍କାର ବିଚାରକ ମଣ୍ଡଳୀର ଜଣେ ସଦସ୍ୟ ରସେଲ ଆର୍ନଲ୍ଡ କହିଛନ୍ତି। ଅନ୍ୟପକ୍ଷରେ ମାଥ୍ୟୁସ ଦ୍ୱିତୀୟ ଥର ସୁପାରିସରେ ପୁରସ୍କାର ଜିତିବାରେ ସକ୍ଷମ ହୋଇଛନ୍ତି। ପୂର୍ବରୁ ଜୁଲାଇରେ ତାଙ୍କ ଅଧିନାୟିକା ଷ୍ଟିଫାନି ଟେଲରଙ୍କ ସହିତ ତାଙ୍କ ନାମ ସୁପାରିସ ହୋଇଥିଲା। ସେଥର ଷ୍ଟିଫାନି ବିଜୟିନୀ ହୋଇଥିଲେ। ମାଥ୍ୟୁସ ନଭେମ୍ବରରେ ୧୪୧ ରନ ସ୍କୋର କରିବା ସହ ୧୩.୧୧ ଆଭରେଜରେ ୯ଉଇକେଟ ଅକ୍ତିଆର କରିଛନ୍ତି। ପାକିସ୍ତାନ ବିପକ୍ଷ ସିରିଜ ବିଜୟରେ ତାଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା।




ଡେଭିଡ୍ ୱାର୍ନର ଓ ହେଲି ମାଥ୍ୟୁସ ।

## ହାଇଦ୍ରାବାଦ୍ ଏଫ୍‌ସି ବିଜୟୀ

**ବାମ୍ବୋଲିମ୍, ୧୩।୧୨:** ସ୍ଥାନୀୟ ଆଥଲେଟିକ୍ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍ ମ୍ୟାଚରେ ହାଇଦ୍ରାବାଦ୍ ଏଫ୍‌ସି ୫-୧ ଗୋଲରେ ନର୍ଥଇଷ୍ଟ ୟୁନାଇଟେଡକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ବାର୍ଥୋଲୋମେଉ ଓଗ୍‌ବେଚେ ୨୭ ଓ ୭୮ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ଚିଙ୍ଗଲେନସାନା ସିଂ ୧୨, ଅନିକେତ ଯାଦବ ୯୦ ଓ ଜାଭିଏର ସିଭେରିଓ ଇଞ୍ଜୁରି ଟାଇମ୍ (୯୦+୪)ରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ନର୍ଥଇଷ୍ଟ ଦଳର ଲାଲଦନମାୱିଆ ରାଲ୍‌ଟେ ୪୩ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଏହି ବିଜୟ ଫଳରେ ହାଇଦ୍ରାବାଦ୍ ଏଫ୍‌ସି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ୫ ମ୍ୟାଚରୁ ଏହି ଦଳ ୩ ବିଜୟ, ୧ ଡ୍ର ଓ ୧ ପରାଜୟ ସହ ୧୦ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ନର୍ଥଇଷ୍ଟ ୟୁନାଇଟେଡ ୬ ମ୍ୟାଚରୁ ୪ର୍ଥ ପରାଜୟ ସହ ୧୦ମ ସ୍ଥାନକୁ ଖସିଛି।

# ଓଡ଼ିଶା ଏଫ୍‌ସି ଆଜି ଜାମସେଦପୁରକୁ ଭେଟିବ

**ଗୋଆ, ୧୩।୧୨**

ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ)ରେ ମଙ୍ଗଳବାର ଫର୍ମରେ ଥିବା ଦୁଇ ଫୁଟବଲ ଦଳ ଓଡ଼ିଶା ଏଫ୍‌ସି ଓ ଜାମସେଦପୁର ଏଫ୍‌ସି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଭାସ୍କୋର ତିଳକ ମୈଦାନରେ ଏହି ମ୍ୟାଚ ଖେଳାଯିବ। ଚଳିତ ସିଜନରେ ଓଡ଼ିଶା ଏଫ୍‌ସି ଚମତ୍କାର ଆରମ୍ଭ କରିଛି। ୪ ମ୍ୟାଚରୁ ତୃତୀୟ ବିଜୟ ସହ ଭୁବନେଶ୍ୱର ଭିତ୍ତିକ ଏହି ଦଳ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନ ଅଧିକାର କରିଛି। ଶୀର୍ଷରେ ଥିବା ମୁମ୍ବାଇ ସିଟି ଏଫ୍‌ସିଠାରୁ ଓଡ଼ିଶା ଦଳ ମାତ୍ର ୩ ଏବଂ ଦ୍ୱିତୀୟରେ ଥିବା ହାଇଦ୍ରାବାଦ୍ ଏଫ୍‌ସିଠାରୁ ୧ ପଏଣ୍ଟ ପଛରେ ରହିଛି। ମୁମ୍ବାଇ ୫ ମ୍ୟାଚରୁ ୪ର୍ଥ ବିଜୟ ସହ ୧୨ ପଏଣ୍ଟ ପାଇଛି। କିକୋ ରାମିରେଜଙ୍କ ପ୍ରଶିକ୍ଷଣପ୍ରାପ୍ତ ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ବେଙ୍ଗାଲୁରୁ ଏଫ୍‌ସି ଓ ଦ୍ୱିତୀୟ ମ୍ୟାଚରେ ଇଷ୍ଟବେଙ୍ଗଲକୁ ହରାଇଥିବାବେଳେ ତୃତୀୟ ମ୍ୟାଚରେ କେରଳ ବ୍ଲାଷ୍ଟର୍ସ ଏଫ୍‌ସିଠାରୁ ଦୁର୍ଭାଗ୍ୟଜନକଭାବେ ହାରି ଯାଇଥିଲା। ତେବେ ୪ର୍ଥ ମ୍ୟାଚରେ ନର୍ଥଇଷ୍ଟ ୟୁନାଇଟେଡକୁ ହରାଇ ଏହି ଦଳ ପୁଣି ବିଜୟ ପଥକୁ ଫେରିଛି। ଏହାର ଉଭୟ ରକ୍ଷଣାତ୍ମକ ଓ ଆକ୍ରମଣାତ୍ମକ ବିଭାଗ ଏପର୍ଯ୍ୟନ୍ତ ଆକର୍ଷଣୀୟ ପ୍ରଦର୍ଶନ କରି ଆସିଛି। ବିଦେଶୀ ଖେଳାଳି ହେକ୍ଟର ରୋଡାସ, ଭିକ୍ଟର ମୋଙ୍ଗିଲ, ଜାଭି ହେର୍ନାଣ୍ଡେଜ, ଆରିଡାଇ ସୁଆରେଜ ଓ ଜୋନାଥସ ଦକ୍ଷତା ଅନୁସାରେ ପ୍ରଦର୍ଶନ

**ଆଇଏସ୍‌ଏଲ**

କରିବାରେ ସଫଳ ହୋଇଛନ୍ତି। ୨୦୨୧-୨୨ ସିଜନ ପାଇଁ ଓଡ଼ିଶା ଏଫ୍‌ସି ୬ ଜଣ ନୂଆ ବିଦେଶୀ ଖେଳାଳିଙ୍କ ସହ ଚୁକ୍ତି କରିଛି। ଦଳ ଏପର୍ଯ୍ୟନ୍ତ ମୋଟ ୧୧ଟି ଗୋଲ ଦେଇଥିବାବେଳେ ସେଥିରୁ ୯ ଗୋଲ ନୂଆ ବିଦେଶୀ ଖେଳାଳି ମାନେ ହିଁ ସ୍କୋର କରିଛନ୍ତି। "ଜାମସେଦପୁର ଏଫ୍‌ସି କୋଚ୍ ଓଏନ କୋଲେ ବହୁତ ବଢ଼ିଆ କାମ କରୁଛନ୍ତି। ତାଙ୍କ ଦଳ ସମ୍ଭବତଃ ଚଳିତ ସିଜନରେ ଅନ୍ୟତମ ଶ୍ରେଷ୍ଠ ଦଳଭାବେ ଖେଳୁଛି। ତେବେ ଆମ ଖେଳାଳିଙ୍କୁ ଯେଉଁ ଦାୟିତ୍ୱ ଦିଆ ଯାଉଛି ତାହାକୁ ସେ ପୂରା ମ୍ୟାଚରେ କରି ଦେଖାଉଛନ୍ତି। ତେଣୁ ଜାମସେଦପୁର ବିପକ୍ଷ ମ୍ୟାଚ ମଧ୍ୟ ସଂଘର୍ଷପୂର୍ଣ୍ଣ ହେବ" ବୋଲି ଓଡ଼ିଶା ଏଫ୍‌ସି କୋଚ୍ ରାମିରେଜ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଜାମସେଦପୁର ଏଫ୍‌ସି ଏପର୍ଯ୍ୟନ୍ତ ୫ଟି ମ୍ୟାଚ ଖେଳି ୨ ବିଜୟ, ୨ ଡ୍ର ଓ ୧ ପରାଜୟ ସ୍ୱାଦ ଚାଖିଛି। ଫଳରେ ଦଳ ୮ ପଏଣ୍ଟ ପାଇଛି। ଏହି ଦଳ ମୁମ୍ବାଇ ବିପକ୍ଷରେ ଲଢ଼େଇ କରିଥିଲେ ହେଁ ୨-୪ ଗୋଲରେ ହାରି ଯାଇଥିଲା। ତେବେ ଅନ୍ୟ ମ୍ୟାଚ ଗୁଡ଼ିକରେ ଦଳର ପ୍ରଦର୍ଶନ ସନ୍ତୋଷ ଜନକ ରହିଥିଲା। " ଓଡ଼ିଶା ଏଫ୍‌ସି ଏଫ୍‌ସିରେ ଚଳିତ ସିଜନରେ କ୍ୱାଲିଟି ଖେଳାଳି ଅଛନ୍ତି ଏବଂ ଦଳ ଉନ୍ନତ ପ୍ରଦର୍ଶନ କରୁଛି। ଆମେ କେତେକ ତ୍ରୁଟି କରିବାରୁ ପୂର୍ବ ମ୍ୟାଚ ହାରିଲୁ। ଏଥିରୁ ଶିକ୍ଷା ଲାଭ କରି ଆଗାମୀ ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରି ଆମେ ଜିତିବାକୁ ଚେଷ୍ଟା କରିବୁ" ବୋଲି କୋଲେ କହିଛନ୍ତି।

# ଖୋ-ଖୋ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଅନୁଗୋଳ ଅଫିସ, ୧୩।୧୨**

ଅନୁଗୋଳ ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ଖୋଖୋ (ବରିଷ୍ଠ) ଚାମ୍ପିୟନଶିପ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଳ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ ଉଦ୍‌ଘାଟନୀ ସଭାରେ ସଭାପତିତ୍ୱ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ବଇତୁରା ଦିପ୍ ଯୋଗଦେଇଥିଲେ। ଜିଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସୀଠ, ଓଡ଼ିଶା ଖୋ ଖୋ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର ଉପସ୍ଥିତ ଥିଲେ। ଏହି ରାଜ୍ୟସ୍ତରୀୟ କ୍ରୀଡାରେ ୨୨ ଜିଲାରୁ ପୁରୁଷ ବିଭାଗରେ ୨୨ଟି ଦଳରେ ୩୦୮ ଜଣ ଓ ମହିଳା ବିଭାଗରେ ୧୮ ଦଳରେ ୨୫୨ ଜଣ ଭାଗ ନେଇଛନ୍ତି। ଅନ୍ତର୍ଜାତୀୟ ଖେଳାଳି ବାଲେଶ୍ୱରର ସତ୍ୟଜିତ୍ ସିଂହ, ଜଗତସିଂହପୁରର ସସ୍ମିତାନାଥ ଶର୍ମା ଓ କିଟ୍ ବିଶ୍ୱବିଦ୍ୟାଳୟର ମନ୍ଦାକିନି ମାଝି ଯୋଗଦାନ କରିଥିଲେ। ଆସନ୍ତା ୧୫ ତାରିଖରେ ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ସିହ୍ନା, ଶିକ୍ଷକ ବିନୋଦ ଚନ୍ଦ୍ର ଦେହୁରୀ, ଭିକାରୀବନ୍ଧୁ ସାହୁ, ଭବାନୀ ଶଙ୍କର ମିଶ୍ର, ବୀରେନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

ପ୍ରଥମ ଦିନରେ ପୁରୁଷ ବିଭାଗରେ ଖେଳାଯାଇଥିବା ମ୍ୟାଚରେ ବଲାଙ୍ଗୀରକୁ ହରାଇ ଢେଙ୍କାନାଳ ୬ ପଏଣ୍ଟରେ ବିଜୟୀ ହୋଇଛି। ସୁନ୍ଦରଗଡ଼କୁ ହରାଇ ଭୁବନେଶ୍ୱର ୧୧ ପଏଣ୍ଟରେ ବିଜୟୀ ହୋଇଛି। ଅନୁଗୋଳକୁ ହରାଇ ଗଜପତି ୭ ପଏଣ୍ଟରେ ବିଜୟୀ ହୋଇଛି। ଭଦ୍ରକକୁ ହରାଇ ଜଗତସିଂହପୁର ୧୫ ପଏଣ୍ଟରେ ବିଜୟୀ ହୋଇଛି। ଝାଡ଼ସୁଗୁଡ଼ାକୁ ହରାଇ କଟକ ୧୮ ପଏଣ୍ଟରେ ବିଜୟୀ ହୋଇଛି। କଳାହାଣ୍ଡିକୁ ହରାଇ ପୁରୀ ୧୬ ପଏଣ୍ଟରେ ବିଜୟୀ ହୋଇଛି। କେନ୍ଦ୍ରାପଡ଼ାକୁ ହରାଇ ଗଞ୍ଜାମ ୬ ପଏଣ୍ଟରେ ବିଜୟୀ ହୋଇଛି। ଖୋର୍ଦ୍ଧାକୁ ହରାଇ ଯାଜପୁର ୫ ପଏଣ୍ଟରେ ବିଜୟୀ ହୋଇଛି। ସେହିପରି କେନ୍ଦୁଝରକୁ ହରାଇ ଅନୁଗୋଳ ୧୭ ପଏଣ୍ଟରେ, ନୟାଗଡ଼କୁ ହରାଇ ଭଦ୍ରକ ୪ ପଏଣ୍ଟରେ, ବୌଦ୍ଧକୁ ହରାଇ କଟକ ୩୨ ପଏଣ୍ଟରେ, ସମ୍ବଲପୁରକୁ ହରାଇ ପୁରୀ ୯ ପଏଣ୍ଟରେ ବଲାଙ୍ଗୀରକୁ ହରାଇ ବାଲେଶ୍ୱର ୧୧ ପଏଣ୍ଟରେ, ଭୁବନେଶ୍ୱରକୁ ହରାଇ କିଟ୍ ୨୫ ପଏଣ୍ଟରେ, ଝାରସୁଗୁଡ଼ାକୁ ହରାଇ ଗଜପତି ୨୫ ପଏଣ୍ଟରେ, କଳାହାଣ୍ଡିକୁ ହରାଇ ଜଗତସିଂହପୁର, ବୌଦ୍ଧକୁ ହରାଇ ଅନୁଗୋଳ ୩୪ ପଏଣ୍ଟରେ ଏବଂ ସମ୍ବଲପୁରକୁ ହରାଇ ଭଦ୍ରକ ୩ ପଏଣ୍ଟରେ ବିଜୟୀ ହୋଇଛି। ମହିଳା ବିଭାଗରେ ସମ୍ବଲପୁରକୁ ହରାଇ କଟକ ୬ ପଏଣ୍ଟରେ ବିଜୟୀ ହୋଇଛି। କନ୍ଧମାଳକୁ ହରାଇ ବଲାଙ୍ଗୀର ୨ ପଏଣ୍ଟରେ, ସୁନ୍ଦରଗଡ଼କୁ ପରାସ୍ତ କରି ଖୋର୍ଦ୍ଧା ୧୩ ପଏଣ୍ଟରେ, କେନ୍ଦ୍ରାପଡ଼ାକୁ ପରାସ୍ତ କରି କେନ୍ଦୁଝର ୬ ପଏଣ୍ଟରେ, ଅନୁଗୋଳକୁ ପରାସ୍ତ କରି ଗଞ୍ଜାମ ୯ ପଏଣ୍ଟରେ, ଝାରସୁଗୁଡ଼ାକୁ ପରାସ୍ତ କରି ଭଦ୍ରକ ୮ ପଏଣ୍ଟରେ ଓ ଭୁବନେଶ୍ୱରକୁ ହରାଇ ପୁରୀ ୨୩ ପଏଣ୍ଟରେ ବିଜୟୀ ହୋଇଛି।




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ବିଭିନ୍ନ ଜିଲାର ଖେଳାଳିମାନେ।

# ଦକ୍ଷିଣ ଆଫ୍ରିକା ଟେଷ୍ଟ ସିରିଜ୍‌ରୁ ରୋହିତ ବାଦ୍

**ନୂଆଦିଲ୍ଲୀ, ୧୩।୧୨ (ପି.ଟି.)**

ଭାରତର ଟେଷ୍ଟ ଉପ ଅଧିନାୟକ ରୋହିତ ଶର୍ମା ସୋମବାର ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ମୁମ୍ବାଇରେ ଦଳର ନେଟ ସେସନ ବେଳେ ତାଙ୍କ ହାତରେ ବଲ୍ ବାଜିଛି। ଏହାଛଡ଼ା ତାଙ୍କ ପୁରୁଣା ବାମ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି ପୁଣି ଦେଖାଦେଇଛି। ଟେଷ୍ଟ ସିରିଜରେ ଓପନିଂ ବ୍ୟାଟ୍ସମ୍ୟାନ ଭାବେ ରୋହିତଙ୍କ ସ୍ଥାନରେ ଖେଳିବା ଲାଗି ଭାରତ-ଏ' ଅଧିନାୟକ ପ୍ରିୟଙ୍କ ପଞ୍ଚାଲଙ୍କୁ ଡକାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଏକ ପ୍ରେସ୍ ରିଲିଜରେ ଏକଥା କୁହାଯାଇଛି। ବୋର୍ଡ ପକ୍ଷରୁ କାମଚଳା ଉପ ଅଧିନାୟକଙ୍କ ନାମ ଘୋଷଣା କରାଯାଇ ନାହିଁ। ଟେଷ୍ଟ ସିରିଜ ବେଳେ ବିରାଟ କୋହଲିଙ୍କ ଡେପୁଟି ହେବା ଲାଗି ଦୌଡ଼ରେ କେ.ଏଲ୍. ରାହୁଲ ସବୁଠାରୁ ଆଗରେ ରହିଛନ୍ତି। ଏହି ପଦବୀ ପାଇଁ ଦୌଡ଼ରେ ରହିଥିବା ଅନ୍ୟ ଖେଳାଳି ହେଲେ ଋଷଭ ପନ୍ତ ଓ ରବିଚନ୍ଦ୍ରନ ଅଶ୍ୱିନ। ବର୍ତ୍ତମାନ ପରିସ୍ଥିତିରେ ଚୂଡ଼ାନ୍ତ ଏକାଦଶରେ ଅଜିଙ୍କ୍ୟ ରାହାନେଙ୍କ ସ୍ଥାନ ଆଉ ପକ୍କା ରହିବ ନାହିଁ। ମୁମ୍ବାଇ ନେଟ୍ସ ବେଳେ ରାଘବେନ୍ଦ୍ର ଆକା ରଘୁଙ୍କ ଥ୍ରୋଡାଉନକୁ ସାମ୍ନା କରୁଥିବା ବେଳେ ୩୪ ବର୍ଷୀୟ ରୋହିତଙ୍କ ହାତରେ ଆଘାତ ଲାଗିଥିଲା। ରୋହିତଙ୍କ ଇଞ୍ଜୁରି କେତେ ଗୁରୁତର ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। କିନ୍ତୁ ଗ୍ରୋଇନ୍ ଇଞ୍ଜୁରିରୁ ମୁକ୍ତି ପାଇବାକୁ ଅତିକମ୍‌ରେ ୪ ସପ୍ତାହ ସମୟ ଆବଶ୍ୟକ। ରୋହିତଙ୍କର ସ୍କାନ କରାଯାଇଛି, ହେଲେ ବିସିସିଆଇ ତରଫରୁ ଏ ନେଇ ଡାକ୍ତରୀ ରିପୋର୍ଟ ପ୍ରକାଶ କରାଯାଇ ନାହିଁ। ଖବର ଅନୁସାରେ ପଞ୍ଚାଲ ସୋମବାର ସନ୍ଧ୍ୟାରେ ଟିମ୍ ହୋଟେଲରେ ପହଞ୍ଚିଛନ୍ତି। ପଞ୍ଚାଲ ନିକଟରେ ଭାରତ ଏ' ଦଳ ସହ ଦକ୍ଷିଣ ଆଫ୍ରିକା ଟୁର୍‌ରୁ ଫେରିଛନ୍ତି। ସେଠାରେ ତାଙ୍କ ପ୍ରଦର୍ଶନ ଖୁବ୍ ଭଲ ରହିଥିଲା। ସେ ତାଙ୍କ ୧୦୦ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ୨୪ ଶତକ ସହ ୭୦୧୧ ରନ କରିଛନ୍ତି। ପାର୍ଥିବ ପଟେଲଙ୍କ ଅଧୀନରେ ରଣଜୀ ଟ୍ରଫି ଜିତିଥିବା ଗୁଜରାଟ ଦଳର ସେ ଅଂଶବିଶେଷ ଥିଲେ। ସେ ଭାରତ ଏ' ଦଳର ଅଧିନାୟକ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି।




ରୋହିତ ଶର୍ମା


## ଶୁଦ୍ଧ ଆୟୁର୍ବେଦିକ ଜଡ଼ିବୁଟିରେ ନିର୍ମିତ

ରୂପ ମନ୍ତ୍ରା ଆୟୁର୍ବେଦିକ କ୍ରିମ୍‌ରେ ରହିଥିବା ଏଲୋଭେରା, ତୁଳସୀ, ଦ୍ରାକ୍ଷା, ହରିଦ୍ରା, ଚନ୍ଦନ, ବାଦାମ ଇତ୍ୟାଦି ଜଡ଼ିବୁଟି ଚେହେରାରେ ପ୍ରାକୃତିକ ଆର୍ଦ୍ରତାକୁ ସୁରକ୍ଷିତ ରଖି ଏକ ଟ୍ରିଟ୍‌ମେଣ୍ଟ ଭାବେ କାମ କରିଥାଏ । ଏଥିରେ ଥିବା ପୋଷକ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଚେହେରାର ତ୍ୱଚାକୁ ଯୁବା ରଖିବାରେ ସହାୟତା କରିଥାଏ । ଏହା ରୁକ୍ଷ/ନିର୍ଜୀବ ତ୍ୱଚା, କୁଞ୍ଚନ ଓ ଆଖିତଳ କଳା ଘେର, ଷ୍ଟ୍ରେଚ୍ ମାର୍କ ଆଦିର ପ୍ରବନ୍ଧନରେ ବିଶେଷ ସହାୟକ ଅଟେ ।




ଏହା କୌଣସି କସ୍‌ମେଟିକ୍ ନୁହେଁ, ଆୟୁର୍ବେଦିକ ଔଷଧି ଅଟେ ।

New Dr. Juneja's ®
ରୂପ ମନ୍ତ୍ରା
Ayurvedic Face Cream & Face Washes

Also available online at : Paytm mall, Flipkart, amazon Prime, Fortis, Family Bazaar, Apollo Pharmacy, Divisa



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ